ମୋଦିଙ୍କ ପାଇଁ ଭାରତରତ୍ନ ଦାବି

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 216 ଭାଗ ୩୪ | ସଂଖ୍ୟା ୨୧୬ | Friday 30 October 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୩୦ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଲ୍ୟାଣ୍ଡମାଇନ୍ସ ବିସ୍ଫୋରଣରେ ଜଳିଗଲା ୩ ଟ୍ୟାଙ୍କର

ଦୁବାଇ, ୨୯।୧୦: ବିଶ୍ୱର ପ୍ରମୁଖ ପରିବହନ ଜଳପଥ ହର୍ମୁଜ ପ୍ରଣାଳୀର ଦକ୍ଷିଣ ଭାଗରେ ଏକ ଅନଧିକୃତ ମାର୍ଗ ଦେଇ ଗତି କରିବା ସମୟରେ ବିପଦପୂର୍ଣ୍ଣ ସାମୁଦ୍ରିକ ମାଇନ୍ ସଂସ୍ପର୍ଶରେ ଆସି ୩ଟି ବିଶାଳ ତୈଳ ଟାଙ୍କରରେ ଭୟାବହ ବିସ୍ଫୋରଣ ଘଟିଛି। ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ଗୁରୁବାର ଜାରି କରାଯାଇଥିବା ଇରାନର ସେନାର ଏକ ବିବୃତି ଅନୁଯାୟୀ ବିଗତ ୨୪ ଘଣ୍ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ଇରାନ ସେନା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଉକ୍ତ ବାଣିଜ୍ୟିକ ଜାହାଜଗୁଡ଼ିକ ସେମାନଙ୍କର ରାଡାର ଓ ନେଭିଗେସନ ସିଷ୍ଟମକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଥିଲେ। ଏହାସହ ସେମାନେ ଇରାନ ନୌସେନାର ଆନୁଷ୍ଠାନିକ ସତର୍କ ସୂଚନାକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିଥିବାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷରେ, ବ୍ରିଟିଶ ସାମୁଦ୍ରିକ ସଂସ୍ଥା ୟୁକେଏମ୍‌ଟିଓ ଗୁରୁବାର ପ୍ରାରମ୍ଭିକ ସୂଚନା ଦେଇ କହିଥିଲା ଯେ ହର୍ମୁଜ ପ୍ରଣାଳୀରେ କେତେକ ମାଲବାହୀ ଜାହାଜରେ ନିଆଁ ଲାଗିଥିବା ନେଇ ରିପୋର୍ଟ ମିଳିଛି।

ବାତ୍ୟାରୁ ବର୍ତ୍ତିଗଲା ବନ୍ୟା ସ୍ଥିତି

ବୁଡ଼ିଲା ସୋରଡ଼ା, ଭାସିଲା ଭଞ୍ଜନଗର

ଗଞ୍ଜାମ, ଗଜପତି, ରାୟଗଡାରେ ଜଳପ୍ରଳୟ

ମୋହନାରେ ଭୂସ୍ଖଳନ

ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ମାରାଥନ ସମୀକ୍ଷା

ଆଜି ଆକାଶମାର୍ଗରୁ କ୍ଷୟକ୍ଷତି ଦେଖିବେ ମୁଖ୍ୟମନ୍ତ୍ରୀ

ଖୁବଶୀଘ୍ର ଅନୁଧ୍ୟାନ ପାଇଁ ଆସିବ କେନ୍ଦ୍ରୀୟ ଟିମ୍

ପାଣି ଘେରରେ ୧୧୫୮ ଗାଁ, ୫୯ ହଜାର ସ୍ଥାନାନ୍ତରିତ

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ବାତ୍ୟାକୁ ବଳିଗଲା ତା'ପରବର୍ତ୍ତୀ ବନ୍ୟା ସ୍ଥିତି। ଦାନବ ସାଜି ଅର୍ଣ୍ଣବ ଖେଳିଛି ତାଣ୍ଡବର ଖେଳ। ନଦୀରୁ ନାଳ ଯାଏଁ, ସୁଁ ସୁଁ ଗର୍ଜନ କରି ପାହାଡ଼ ଉପରୁ ଜନବସତିକୁ ମାଡ଼ି ଆସୁଛି ପାଣି। କାହାକୁ ଜଗିବେ, କାହାକୁ ସୁରକ୍ଷା ଦେବେ, ବୁଦ୍ଧିବାଟ ବାମ ହୋଇଯାଇଛି ଗଞ୍ଜାମ ଓ ଗଜପତିବାସୀଙ୍କର। ପ୍ରଳୟଙ୍କରୀ ବନ୍ୟା ପାଣିକୁ ରୋକିବା ଯେତିକି ଅସମ୍ଭବ, ସେତିକି ବଡ଼ ଚାଲେଞ୍ଜ ପାଲଟିଛି ଧନଜୀବନ ସୁରକ୍ଷା। କାରଣ ଗାଁରୁ ସହର ଲହଡ଼ି ଭାଙ୍ଗୁଛି ଋଷିକୁଲ୍ୟା ନଦୀର ବନ୍ୟା ଜଳ। ତାହାରି ଭିତରେ ଲାଗିଛି ସରକାରୀ କଳ, ବଳ ସହ କୌଶଳ। ଜଳ, ସ୍ଥଳ, ଆକାଶ ୩ଟି ଦିଗରୁ ଗ୍ରାଉଣ୍ଡ ଜିରୋରେ ଚାଲିଛି ବଡ଼ ରେସ୍‌କ୍ୟୁ ଅପରେସନ୍। ଏ ଭିତରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ସର୍ବାଧିକ ପ୍ରଭାବିତ ଗଞ୍ଜାମ ଓ ଗଜପତି ସହ ଅନ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ। କେନ୍ଦ୍ରୀୟ ଟିମ୍ ମଧ୍ୟ ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଗଞ୍ଜାମ ,ଗଜପତି ଜିଲ୍ଲା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ଧରାକୋଟର ଜଗମୋହନ ପିଏଚସି ନିକଟରୁ ୬ ଜଣଙ୍କୁ ଏୟାରଲିଫ୍ଟ କରିଛି କୋଷ୍ଟଗାର୍ଡର ହେଲିକପ୍ଟର। ସେପଟେ ହଠାତ ଜଳସ୍ତର ବଢ଼ିଯିବାରୁ ଭଞ୍ଜନଗର ବୁଢ଼ୀ ଠାକୁରାଣୀ ମନ୍ଦିରରେ ଫସିରହିଥିଲେ ୧୫ ଜଣ। ସେମାନଙ୍କୁ ଉଦ୍ଧାର କରିଛନ୍ତି ଅଗ୍ନିଯୋଦ୍ଧା। ଭଞ୍ଜନଗରରେ ଡହ ଡ୍ୟାମରୁ ହଠାତ୍ ପାଣି ଛଡ଼ାଯିବା ଓ ପ୍ରବଳ ବର୍ଷା ଯୋଗୁ ଜଳମଗ୍ନ ହୋଇଥିଲା କୋଦଣ୍ଡା ଛକ ଓ ରେନବୋ କଲୋନୀ। ଆଉ ସେହି ଜଳବନ୍ଦୀ ଜୀବନ ଭିତରୁ ୫୫ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ପ୍ରଖର ଜଳସ୍ରୋତରେ ଫସିଥିବା ଗର୍ଭବତୀଙ୍କୁ ବି ଭଞ୍ଜନଗର ଧୁଡୁଆରୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ଗଞ୍ଜାମ, ଗଜପତି ➪ପୃଷ୍ଠା-୬

ଗତ ବର୍ଷର ଅଭିଜ୍ଞତାରୁ ଏବର୍ଷ ଆଗୁଆ ପ୍ଲାନ

ଡିଜେଲ ଗାଡ଼ି ଓ କୋଇଲା ଜାଳେଣି ଉପରେ କଟକଣା

ଶୀତରେ ପ୍ରଦୂଷଣ ବଢ଼ିବା ଆଶଙ୍କା, ପ୍ରସ୍ତୁତ ହେଲା ଆକ୍ସନ ପ୍ଲାନ

ଭୁବନେଶ୍ୱର,୨୯।୧୦ (ସଂଚାର ବ୍ୟୁରୋ) : ଶୀତ ଆସିଲେ ବଢ଼େ ବାୟୁ ପ୍ରଦୂଷଣର ଭୟ। ରାସ୍ତାର ଧୂଳି, ଗାଡ଼ିର ଧୂଆଁ ଆଉ ନିର୍ମାଣସ୍ଥଳରୁ ଉଡୁଥିବା ଗୁଣ୍ଡ ବାୟୁର ମାନକୁ ଖରାପ କରେ। ଗତବର୍ଷ ଶିଳ୍ପାଞ୍ଚଳ ସହ ରାଜଧାନୀ ଭୁବନେଶ୍ୱରରେ ବି ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ତେଣୁ ଏଥର ଶୀତ ଆରମ୍ଭ ପୂର୍ବରୁ ପ୍ରଦୂଷଣ ରୋକିବାକୁ ପ୍ରସ୍ତୁତ ହୋଇଛି ଆକ୍ସନ୍ ପ୍ଲାନ। ସହରରେ ଡିଜେଲ ଗାଡ଼ି ଚଳାଚଳ ଉପରେ କଟକଣା ସହ ହୋଟେଲରେ କୋଇଲା ଜାଳେଣି ବନ୍ଦ କରିବା ଉପରେ ଦିଆଯାଇଛି ଗୁରୁତ୍ୱ। ଶୀତ ଆସିବା ପୂର୍ବରୁ ବାୟୁ ପ୍ରଦୂଷଣକୁ ନେଇ ସଜାଗ ହୋଇଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ରାସ୍ତାର ଧୂଳି, ଯାନବାହନର ଧୂଆଁ, ନିର୍ମାଣସ୍ଥଳରୁ ବାହାରୁଥିବା ଧୂଳିକଣା ଏବଂ କୋଇଲା ଜାଳେଣିରୁ ସୃଷ୍ଟି ହେଉଥିବା ଧୂଆଁ ଉପରେ ରହିବ ନଜର। ବାୟୁର ମାନ ଯେପରି ଖରାପ ନହୁଏ, ସେଥିପାଇଁ ନିଆଯାଇଛି ଆଗୁଆ ପଦକ୍ଷେପ। ସହର ଭିତରେ ଡିଜେଲ ଗାଡ଼ି ଚଳାଚଳ ଉପରେ କଟକଣା ➪ପୃଷ୍ଠା-୬

ଆଜି ମିଳିବ ପିଏମ୍ କିଷାନର ୨୪ତମ କିସ୍ତି

୩୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପାଇବେ ପ୍ରାୟ ୭୦୦ କୋଟି

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ପିଏମ୍ କିଷାନ ଉତ୍ସବ ଦିବସ ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯିବ। ଏହି

ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଗୁଜୁରାଟର ବନାସକାଣ୍ଠାଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବ୍ୟାପୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରିବେ। ଏଥିସହିତ ଓଡ଼ିଶା ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭ କୋଟି ୮୫ ଲକ୍ଷ ୯୪ ହଜାର ଟଙ୍କା ହସ୍ତାନ୍ତର କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ମୁଖ୍ୟମନ୍ତ୍ରୀଙ୍କ ସହ କଥାହେଲେ ଶାହ

- ମୁକାବିଲା ପାଇଁ ସମସ୍ତ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି
- କ୍ଷୟକ୍ଷତି ଆକଳନ ପାଇଁ ଖୁବ୍‌ଶୀଘ୍ର ଆସିବେ କେନ୍ଦ୍ରୀୟ ଟିମ

ନୂଆଦିଲ୍ଲୀ,୨୯।୧୦(ସଂଚାର ବ୍ୟୁରୋ): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇଛନ୍ତି। 'ଏକ୍ସ' ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି, 'ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଅସୁବିଧାକୁ ହ୍ରାସ କରିବା ପାଇଁ ସମସ୍ତ ସହାୟତା ପାଇଁ ଆଶ୍ୱାସନା ଦେଇଛି। ଏନଡିଆରଏଫ ଏବଂ ଏସଡିଆରଏଫ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି। ଏହାର ପ୍ରଭାବ ଏବଂ ଆବଶ୍ୟକ ସହାୟତା ଆକଳନ କରିବା ପାଇଁ ଖୁବ୍ ଶୀଘ୍ର ଆଇ.ଏମ୍.ସି.ଟି. ଗୁଡ଼ିକୁ ପଠାଯିବ। ଭାରତ ସରକାର ଦୃଢ଼ ପ୍ରତିବଦ୍ଧତାର ସହ ଲୋକଙ୍କ ନିକଟରେ ଠିଆ ହୋଇଛନ୍ତି।

ବିଜେଡିର ବିଦ୍ରୋହୀ ବିଧାୟକଙ୍କ ଅଡୁଆ ବଢ଼ିଲା

ହାଇକୋର୍ଟ ଜାରି କଲେ ନୋଟିସ୍

କଟକ,୨୯।୧୦ (ସଂଚାର ବ୍ୟୁରୋ) : ବିଦ୍ରୋହୀ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କିତ ଆବେଦନ ଉପରେ ଶୁଣାଣି କରି ୫ ଜଣ ବିଧାୟକଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ବିଧାୟକ ଅରବିନ୍ଦ ମହାପାତ୍ର, ସୁବାସିନୀ ଜେନା, ସନାତନ ମହାକୁଡ, ସୌଭିକ ବିଶ୍ୱାଳ ଓ ଚକ୍ରମଣୀ କହଁରଙ୍କୁ ଗୁରୁବାର ନୋଟିସ ଜାରି ହୋଇଛି। ଆସନ୍ତା ଜାନୁଆରୀ ୧୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତା ପୂର୍ବରୁ ଜବାବ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବାଚସ୍ପତିଙ୍କ ନିକଟରେ ସାନି

ଆବେଦନ କରିବାର ବୈଧତା ଉପରେ ଗୁରୁବାର ମୁଖ୍ୟତଃ ଶୁଣାଣି ହୋଇଛି। ବାଚସ୍ପତିଙ୍କ ତରଫରୁ ହାଇକୋର୍ଟରେ ପକ୍ଷ ରଖିଛନ୍ତି ଆଡ଼ଭୋକେଟ ଜେନେରାଲ। ସଭ୍ୟପଦ ରଦ୍ଦ ବାବଦରେ ପୂର୍ବରୁ ବାଚସ୍ପତି ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହା ନ୍ୟାୟିକ ପଦ୍ଧତିର ଏକ ଅଂଶ, ତେଣୁ ନିଜ ନିର୍ଦ୍ଦେଶର ପୁନର୍ବିଚାର କରିବା ନେଇ କୌଣସି ପ୍ରାବଧାନ ନାହିଁ ବୋଲି ଆଡ଼ଭୋକେଟ ଜେନେରାଲ ଯୁକ୍ତି ଉପସ୍ଥାପନ କରିଛନ୍ତି। ଯାହାକୁ କୋର୍ଟ ଗ୍ରହଣ କରିବା ସହିତ ୫ ଜଣ ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି। ରାଜ୍ୟସଭା କ୍ରସ୍ ଭୋଟିଂକୁ ନେଇ ବିଜେଡିର ଆଭ୍ୟନ୍ତରୀଣ ବିବାଦ ପଦାକୁ ଆସିଥିଲା। ୮ ଜଣ ବିଦ୍ରୋହୀ ବିଜେଡି ବିଧାୟକ କ୍ରସ ଭୋଟିଂ କରିଥିବା ନେଇ ଚର୍ଚ୍ଚା ହେଲା। ପରେ ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଆବେଦନ କରିଥିଲା ବିଜେଡି। ଯାହାକୁ ଟେକ୍ନିକାଲ ଗ୍ରାଉଣ୍ଡରେ ଖାରଜ କରିଥିଲେ ବାଚସ୍ପତି। ପରେ ବାଚସ୍ପତିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ବିଜେଡି ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର କରାଯାଇଛି। ତେବେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଛି କି, କେବଳ ସଭ୍ୟପଦ ରଦ୍ଦକୁ ନେଇ ସେମାନେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ଯାହାକୁ କୋର୍ଟ ଗ୍ରହଣ କରିସାରିଛନ୍ତି।

ଅନ୍ନଦାତାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସଙ୍କଳ୍ପବଦ୍ଧ ଭାରତ ସରକାର

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ ଦ୍ୱାରା

ପିଏମ୍ କିଷାନ ସମ୍ମାନ ନିଧିର ୨୪ତମ କିସ୍ତି ଅଧୀନରେ ୯.୩୪ କୋଟିରୁ ଉର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ₹୧୮,୬୯୦ କୋଟିରୁ ଅଧିକ ସମ୍ମାନ ରାଶି ହସ୍ତାନ୍ତରଣ

ଏବଂ

କୃଷି ଭିତ୍ତିଭୂମି ପାଣ୍ଠି ଅନ୍ତର୍ଗତ ବିକଶିତ ୫୨୧ ୟୁନିଟ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ

ତଥା

୧୨ ହର୍ଟିକଲ୍‌ଚର କ୍ଲଷ୍ଟର୍ସର ଶୁଭାରମ୍ଭ

୩୦ ଅକ୍ଟୋବର, ୨୦୨୬, ସକାଳ ୧୦:ଟା, ବନାସକାଣ୍ଠା, ଗୁଜରାଟ

ପିଏମ୍ କିଷାନ ସମ୍ମାନ ନିଧି ଯୋଜନା
ଏପର୍ଯ୍ୟନ୍ତ କୃଷକଙ୍କୁ ୨୩ ଟି କିସ୍ତିରେ ₹୪.୪୭ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ସମ୍ମାନ ରାଶି ପ୍ରଦାନ କରାଯାଇଛି
ବିଶ୍ୱର ସର୍ବବୃହତ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ଯୋଜନା ମଧ୍ୟରୁ ଅନ୍ୟତମ
କୃଷକଙ୍କୁ ବାର୍ଷିକ ₹୬୦୦୦ ସହାୟତା

କୃଷି ଭିତ୍ତିଭୂମି ପାଣ୍ଠି(ଏଆଇଏଫ୍)
୨.୨୮ ଲକ୍ଷରୁ ଅଧିକ ପରିଯୋଜନାରେ ₹୧.୭୫ ଲକ୍ଷ କୋଟି ନିବେଶ
₹୧ ଲକ୍ଷ କୋଟିର ନିର୍ଦ୍ଧାରିତ ଲକ୍ଷ୍ୟ ପାର କରି ₹୧ ଲକ୍ଷ କୋଟିରୁ ଅଧିକ ଋଣ ମଂଜୁର
ମଜଭୁତ କୃଷି ଭିତ୍ତିଭୂମି ନିର୍ମାଣ:
- ୫୭,୦୦୦+କଷ୍ଟମ ହାୟାରିଂ କେନ୍ଦ୍ର
- ୩୧,୦୦୦+ପ୍ରାଥମିକ ପ୍ରକ୍ରିୟାକରଣ କେନ୍ଦ୍ର
- ୩୯,୦୦୦+ଫାର୍ମ ହାର୍ଭେଷ୍ଟ ଅଟୋମେସନ ପରିଯୋଜନା
- ୧୯.୦୦୦+ଗୋଦାମ
- ୩,୨୦୦+କୋଲ୍ଡ ଷ୍ଟୋରେଜ୍ ପରିଯୋଜନା

କ୍ଲଷ୍ଟର ବିକାଶ ପରିଯୋଜନା(ସିଡିପି)
୧.୪୬ ଲକ୍ଷ ହେକ୍ଟରରେ ଉନ୍ନତ ଉଦ୍ୟାନ ମାଧ୍ୟମରେ କୃଷକଙ୍କୁ ପ୍ରତ୍ୟକ୍ଷ ଲାଭ
ଆଧୁନିକ ନର୍ସରୀ ଓ ଡ୍ରିପ୍ ଜଳସେଚନ (ସୂକ୍ଷ୍ମ-ସିଂଚାଇ) ଜରିଆରେ ଆଧୁନିକ ଜ୍ଞାନକୌଶଳଯୁକ୍ତ କୃଷି
ବୈଜ୍ଞାନିକ ପ୍ରଣାଳୀ ଓ ବିକଶିତ ପଦ୍ଧତିରେ କୃଷି ଦ୍ୱାରା ଫସଲ କ୍ଷୟକ୍ଷତି ଉଲ୍ଲେଖନୀୟ ହ୍ରାସ

୧୨ ବର୍ଷର ପ୍ରମୁଖ ଉପଲବ୍ଧି

କୃଷକଙ୍କୁ ସମ୍ମାନ ଠାରୁ ଫସଲ ସୁରକ୍ଷା ପର୍ଯ୍ୟନ୍ତ, ବିହନ ଠାରୁ ବଜାର ପର୍ଯ୍ୟନ୍ତ

ଐତିହାସିକ ୬ଗୁଣରୁ ଅଧିକ ବୃଦ୍ଧି ସହିତ କୃଷି ବଜେଟ ₹୧.୩+ ଲକ୍ଷ କୋଟିକୁ ବୃଦ୍ଧି

ରେକର୍ଡ଼ ଖାଦ୍ୟାନ୍ନ ଉତ୍ପାଦନ ୩୭୭ ନିୟୁତ ଟନ୍ ଏବଂ ଉଦ୍ୟାନ ଉତ୍ପାଦନ ୩୭୮ ନିୟୁତ ଟନ୍‌ର ଐତିହାସିକ ସ୍ତରରେ ପହଞ୍ଚିଛି

ସର୍ବନିମ୍ନ ସହାୟତା ମୂଲ୍ୟ (ଏମ୍ଏସ୍‌ପି) କୃଷି ବ୍ୟୟର ୧.୫ଗୁଣ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ)ର ଅଧିନରେ ₹୨ଲକ୍ଷରୁ ଅଧିକ ବୀମା ଦାବୀ ପ୍ରଦାନ

₹୩୦ଲକ୍ଷ କୋଟିରୁ ଉର୍ଦ୍ଧ୍ୱ କୃଷି ଋଣ ସହାୟତା

ପ୍ରତି ବୁନ୍ଦା ଅଧିକ ଫସଲ ଠାରୁ ୧୨୦ଲକ୍ଷ ହେକ୍ଟରରୁ ଅଧିକ କ୍ଷେତ୍ର ସୂକ୍ଷ୍ମ ସିଞ୍ଚାଇ ଅନ୍ତର୍ଭୁକ୍ତ ହୋଇଛି

୨୭ଲକ୍ଷରୁ ଅଧିକ କୃଷକ ରାଷ୍ଟ୍ରୀୟ ପ୍ରାକୃତିକ କୃଷି ମିଶନରେ ସଂଶ୍ଳିଷ୍ଟ, ୧୨ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ପ୍ରାକୃତିକ ଚାଷ

ଏହି ପର୍ଯ୍ୟନ୍ତ ୨୬କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଜାରି

ଡିଜିଟାଲ କୃଷି ମିଶନ- ୧୧କୋଟିରୁ ଅଧିକ କିଶାନ ଆଇଡି ଜାରି ହୋଇଛି

କାର୍ଯ୍ୟକ୍ରମର ସିଧା ପ୍ରସାରଣ, ଡିଡି ନ୍ୟୁଜ୍, ଡିଡି କିଶାନ ଚାନେଲ୍, pmindiawebcast.nic.in/www.youtube.com / @AgriGol ଦେଖନ୍ତୁ | AgriGol | ପିଏମ୍ କିଶାନ ସଂକ୍ରାନ୍ତ ଅଧିକ ସୂଚନା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ | ଭାରତୀ: କୃଷକଙ୍କ ସାଥୀ। କ୍ୟୁଆର୍ କୋଡ୍ ସ୍କାନ କରି ଭାରତ-ବିସ୍ତାର ଆପ୍ ଡାଉନ୍‌ଲୋଡ୍ କରନ୍ତୁ

CBC 01102/13/0003/2627

ଡେରାବିଶରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ହେରଫେର

ବିଡିଓଙ୍କ ପକ୍ଷରୁ ସଦର ଥାନାରେ ଏତଲା, ଆରମ୍ଭ ହେଲା ତଦନ୍ତ

କେନ୍ଦ୍ରାପଡ଼ା/ଡେରାବିଶ, ୨୯।୧୦ (ସଂଚାର ବ୍ୟୁରୋ): ସରକାରୀ ଅର୍ଥରେ ହେରଫେରକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍‌ରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ବ୍ଲକ୍‌ର ସରକାରୀ ଆକାଉଣ୍ଟରୁ ପ୍ରାୟ ୧ କୋଟି ୬ ଲକ୍ଷ ଟଙ୍କା ବେଆଇନ ଭାବେ ଉଠାଯାଇ ଅନ୍ୟ ଖାତାକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଡେରାବିଶ ବିଡିଓ ନମିତା ବାରିକ କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ଲକ୍‌ର ସରକାରୀ ଆକାଉଣ୍ଟରୁ ବାରମ୍ବାର ବିପୁଳ ପରିମାଣର ଅର୍ଥ ସ୍ଥାନାନ୍ତର ହେଉଥିବା ଘଟଣା ଟ୍ରେଜେରି ଅଧିକାରୀଙ୍କ ସନ୍ଦେହ ସୃଷ୍ଟି କରିଥିଲା। ଏହା ପରେ ଆର୍ଥିକ କାରବାରର ଯାଞ୍ଚ କରାଯିବାରୁ ସରକାରୀ ଅର୍ଥରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ଏହି ଅର୍ଥ କୌଣସି ଜନହିତକର ପ୍ରକଳ୍ପ କିମ୍ବା ଠିକାଦାରଙ୍କ ପ୍ରାପ୍ୟ ନ ହୋଇ ବ୍ଲକ୍‌ରେ କାର୍ଯ୍ୟରତ ଜଣେ ବରିଷ୍ଠ ସହାୟକଙ୍କ ସମ୍ପର୍କୀୟ ତଥା ପୂର୍ବତନ ପାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନ୍ମଥ ମାହାନ୍ତିଙ୍କ ବ୍ୟାଙ୍କ ଖାତାକୁ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଟ୍ରେଜେରି ରେକର୍ଡରୁ ମିଳିଥିବା ତଥ୍ୟ ଅନୁସାରେ, ବରିଷ୍ଠ ସହାୟକ ଶଶିକାନ୍ତ ରଣାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ପ୍ରାୟ ୧ କୋଟି ଟଙ୍କା ପଠାଯାଇଥିବା ବେଳେ ମନ୍ମଥ ମାହାନ୍ତିଙ୍କ ଖାତାକୁ ୫ ଲକ୍ଷ ୮୯ ହଜାର ଟଙ୍କା ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଏହି ଅସ୍ୱାଭାବିକ କାରବାର ସମ୍ପର୍କରେ ଟ୍ରେଜେରି ଅଧିକାରୀ ସଚ୍ଚିଦାନନ୍ଦ ବେହେରା ବିଡିଓଙ୍କୁ ଅବଗତ କରାଇଥିଲେ। ଘଟଣା ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚରାଯିବାରୁ ସେ ଆର୍ଥିକ ଅନିୟମିତତା ହୋଇଥିବା ସ୍ୱୀକାର କରିଥିବା କୁହାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୧୧ଟି ସନ୍ଦିଗ୍ଧ ବିଲ୍ ମାଧ୍ୟମରେ ଏହି ଅର୍ଥ ହେରଫେର ହୋଇଥିବା ସେ ପ୍ରାଥମିକ ଭାବେ ଜାଣିବାକୁ ପାଇଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେ ସମ୍ପୃକ୍ତ ଆକାଉଣ୍ଟସ୍ ଅଧିକାରୀଙ୍କୁ ସମସ୍ତ ଦସ୍ତାବିଜ୍ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେବା ସହ ସଦର ଥାନାରେ ଏତଲା ଦେଇଛନ୍ତି। ଏହାସହ ଏକ ବିସ୍ତୃତ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ, ଅର୍ଥ ହେରଫେର ଅଭିଯୋଗ ସାମ୍ନାକୁ ଆସିବା ପରଠାରୁ ସମ୍ପୃକ୍ତ ବରିଷ୍ଠ ସହାୟକ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସେ ଅସୁସ୍ଥତା ଦର୍ଶାଇ ଛୁଟିରେ ଥିବା କୁହାଯାଉଥିବା ବେଳେ ଘଟଣା ପଦାକୁ ଆସିବା ପରେ ତାଙ୍କ ଅନୁପସ୍ଥିତିକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଉଛି। ଏହି ଘଟଣାକୁ ନେଇ ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି। ବ୍ଲକ୍‌ରେ ବ୍ୟାପକ ଆର୍ଥିକ ଅନିୟମିତତା ହେଉଥିବା ନେଇ ସେ ପୂର୍ବରୁ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସତର୍କ କରାଇଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଅନିୟମିତତା ଅଭିଯୋଗରେ ଜଣେ କମ୍ପ୍ୟୁଟର କାର୍ଯ୍ୟକ୍ରମକାରୀଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସରକାରୀ ଅର୍ଥ ହେରଫେର ଅଭିଯୋଗ ଜିଲ୍ଲାରେ ଆର୍ଥିକ ପରିଚାଳନା ଓ ପ୍ରଶାସନିକ ସ୍ୱଚ୍ଛତାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଅଭିଯୋଗର ସତ୍ୟତା, ଅର୍ଥ ସ୍ଥାନାନ୍ତରରେ କାହାର ଭୂମିକା ରହିଛି ଏବଂ ଏହି କାରବାରରେ ଆଉ କେଉଁମାନେ ସମ୍ପୃକ୍ତ, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ସଦର ଥାନା ପୁଲିସ ଆର୍ଥିକ କାରବାରର ତଥ୍ୟ, ଚେକ୍ ଓ ଅନ୍‌ଲାଇନ୍ ଅର୍ଥ ସ୍ଥାନାନ୍ତରର ରେକର୍ଡ ଯାଞ୍ଚ କରିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଅବକାରୀ ଓ ପୁଲିସର ମିଳିତ ଚଢ଼ାଉ, ୬ ଗିରଫ

କେନ୍ଦ୍ରାପଡ଼ା, ୨୯।୧୦(ସଂଚାର ବ୍ୟୁରୋ): ଆସନ୍ନ ଶୀତଋତୁକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ମୋଟ ୧୫୦ ଲିଟର ଚୋରା ମଦ ଓ ଗୋଟିଏ ମୋଟରସାଇକେଲ ଜବତ ହୋଇଥିବାବେଳେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଟାଉନ୍ ଓ ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ କରଞ୍ଜିଆ ଗ୍ରାମର ଅମୀରଞ୍ଜନ ଲେଙ୍କା ଙ୍କଠାରୁ ୩୫ ଲିଟର ଚୋରା ଦେଶୀ ମଦ, କାନପୁର ଗ୍ରାମର ସଞ୍ଜୟ କୁମାର ପରିଡ଼ା ଙ୍କଠାରୁ ୨୯ ଲିଟର ଚୋରା ବିଦେଶୀ ମଦ ଏବଂ କଜଳା ଗ୍ରାମର କୁନି ଦାସ ଙ୍କଠାରୁ ୨୭ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ନିମପୁର ଗ୍ରାମର ସୂର୍ଯ୍ୟନାରାୟଣ ରାଉତ ଙ୍କଠାରୁ ୧୮ ଲିଟର ଚୋରା ବିଦେଶୀ ମଦ ସହ ଗୋଟିଏ ମୋଟରସାଇକେଲ, ତେଲଙ୍ଗାବସନ୍ତ ଗ୍ରାମର ତ୍ରିଲୋଚନ ସାହୁ ଙ୍କଠାରୁ ୧୬ ଲିଟର ଚୋରା ବିଦେଶୀ ମଦ ଏବଂ ବଳଗଣ୍ଡୀ ଗ୍ରାମର କଳ୍ପନା ସାହୁ ଙ୍କଠାରୁ ୨୫ ଲିଟର ଚୋରା ବିଦେଶୀ ମଦ ଜବତ ହୋଇଥିଲା। ଏହି ଘଟଣାଗୁଡ଼ିକରେ ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇ ୬ ଜଣଙ୍କୁ ଗିରଫ ପରେ ଅଦାଲତକୁ ପଠାଯାଇଛି। ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ରଞ୍ଜନ କୁମାର ପାତ୍ର, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଦୀପକ କୁମାର ଜେନାଙ୍କ ସମେତ ଅନ୍ୟ ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ। ଜିଲ୍ଲାରେ ଚୋରା ମଦ କାରବାର ରୋକିବା ପାଇଁ ଆଗକୁ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

ବଣିଆମାଳ ପତିତପାବନ କ୍ଲବ ପକ୍ଷରୁ ବନ୍ଧୁମିଳନ

କେନ୍ଦ୍ରାପଡ଼ା, ୨୯।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସହରର ବଣିଆମାଳ ପତିତପାବନ କ୍ଲବ ପରିସରରେ ଏକ ବଡ ଧରଣର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସ୍ୱରୂପ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଙ୍ଘର ସଭାପତି ଶରତ କୁମାର ବେହୁରା, ବିଜେଡି ନେତା ରଞ୍ଜିତ ସାହୁ, ସୁରେଶ ମର୍ଦ୍ଦରାଜ, ରାଜେଶ ମହାନ୍ତି, ରାଜେଶ ପଣ୍ଡା, ପୀତବାସ ବେହେରା, ସାହେବ ସାହିଲ ରାଉତ, କ୍ଷତ୍ରିୟ ଖଣ୍ଡାୟତ ମହାସଙ୍ଘର ବିଭିନ୍ନ ବ୍ଲକର ସଭାପତି ନିରଞ୍ଜନ ସୁନ୍ଦରରାୟ, ରଞ୍ଜନ ନାୟକ, ଅରୁଣ ପ୍ରଧାନ, ସୁକାନ୍ତ ରାଉତ, ଚନ୍ଦନ ପରିଡା, ଚୈତନ୍ୟ ପରିଡା, ଗୋଲଖ ପଢ଼ିହାରୀ, ନଗର ସଭାପତି ସଂଗ୍ରାମ ଜେନା, ବିବେକାନନ୍ଦ ମହାରଣା, ବରିଷ୍ଠ ସାମ୍ବାଦିକ ସୁବ୍ରତ ସାମଲ, ସୋମନାଥ ସାହୁ, ଜୀବନ ସିଂ, ସତ୍ୟ ପଣ୍ଡା, ଦୁର୍ଗା ପତି, ରବିନାରାୟଣ ପତି, ସାବିର ଖାଁ, ଦିଲ୍ଲିପ ମହାନ୍ତି, ଜଗଦିଶ ପତି, ମନୋଜ ସ୍ୱାଇଁ, ଚିତ୍ତରଞ୍ଜନ ଦାସ, ଲକ୍ଷ୍ମୀଧର ନାୟକ, ପରେଶ ଦାସ, ସରୋଜ କୁମାର ପରିଡା, କେନ୍ଦ୍ରାପଡା ପୌରପାଳିକାର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା ଏବଂ ତାଙ୍କର ସମସ୍ତ ସହଯୋଗୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣିଆମାଳ ଗ୍ରାମ କମିଟିର ସଭାପତି ଗୁଣନିଧି ଜଗତି, ସମ୍ପାଦକ ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ ପରମାନନ୍ଦ ସାହୁ, ସହସମ୍ପାଦକ ପ୍ରତ୍ୟୁଷ ନାୟକ, କୋଷାଧ୍ୟକ୍ଷ ସମୀର ମହଲା, ଲକ୍ଷ୍ମୀକାନ୍ତ ନାୟକ, ରାଜେଶ ମହାଲିକ ପ୍ରମୁଖ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ପ୍ରାୟ ୧୫୦୦ରୁ ଅଧିକ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ।

ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ଅଭିଯୋଗ, ଥାନାରେ ଏତଲା

କେନ୍ଦ୍ରାପଡ଼ା, ୨୯।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଜଣେ ଶିକ୍ଷୟିତ୍ରୀ ଓ ତାଙ୍କ ଅବସରପ୍ରାପ୍ତ କର୍ମଚାରୀ ସ୍ୱାମୀଙ୍କୁ ଘରେ ପଶି ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶିକ୍ଷୟିତ୍ରୀ ସୁନନ୍ଦା ଜେନା ଓ ତାଙ୍କ ସ୍ୱାମୀ ବିଦ୍ୟାଧର ଜେନା ନିଜ ଘର ବାରଣ୍ଡାରେ ଠିଆ ହୋଇଥିବା ସମୟରେ ଗ୍ରାମର କେତେକ ଯୁବକ ତାଙ୍କ ଘର ଭିତରକୁ ପଶି ଆସିଥିଲେ। ସେମାନେ ଜୋରଜବରଦସ୍ତ ଏକ ଗୋଇଠାକୁ ସଫା କରିବାକୁ ଉଦ୍ୟମ କରୁଥିବାବେଳେ ଦମ୍ପତି ଏହାକୁ ବିରୋଧ କରିଥିଲେ। ଏହାକୁ କେନ୍ଦ୍ର କରି ଯୁବକମାନେ ଉଭୟଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଶିକ୍ଷୟିତ୍ରୀ ଆହତ ହୋଇଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଘଟଣା ସମ୍ପର୍କରେ ସଦର ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ଲଗାଣ ବର୍ଷା ସତ୍ତ୍ୱେ ଗଜଲକ୍ଷ୍ମୀ ପୂଜାରେ ଜମୁଛି ଭିଡ଼

କେନ୍ଦ୍ରାପଡ଼ା, ୨୯।୧୦ (ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରସିଦ୍ଧ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ଶତବାର୍ଷିକୀ ପାଳନ କରୁଥିବାରୁ ସହରରେ ଉତ୍ସବର ମାହୋଲ ଜମିଛି। ଏହି ଅବସରରେ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆକର୍ଷଣୀୟ ତୋରଣ ଓ ମନୋରମ ଆଲୋକସଜ୍ଜା କରାଯାଇଛି। ଲଗାଣ ବର୍ଷା ଉତ୍ସବର ଆନନ୍ଦରେ କିଛିଟା ବାଧା ସୃଷ୍ଟି କରିଥିଲେ ମଧ୍ୟ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ କମିନାହିଁ।ଗତ ୨୫ ତାରିଖରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ୨୬, ୨୭ ଓ ୨୮ ତାରିଖରେ ପ୍ରବଳ ବର୍ଷା ସତ୍ତ୍ୱେ ପୂଜାମଣ୍ଡପଗୁଡ଼ିକରେ ଜନସମାଗମ ଲାଗି ରହିଥିଲା। ୨୬ ତାରିଖ ରାତିରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ୨୮ ତାରିଖ ରାତି ପର୍ଯ୍ୟନ୍ତ ଜାରି ରହିଥିଲା। ଏହାସତ୍ତ୍ୱେ ପୂଜାମଣ୍ଡପ ସହ ସହରର ବିଭିନ୍ନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସମେତ ଜିଲ୍ଲା ବାହାରର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଏହି ପ୍ରସିଦ୍ଧ ପୂଜା ଅବସରରେ ସହରକୁ ଆସି ନିଜ ନିଜର ବ୍ୟବସାୟ ଖୋଲିଛନ୍ତି। ତେବେ ଲଗାଣ ବର୍ଷା ଯୋଗୁଁ ଗତ ତିନି ଦିନ ଧରି ସେମାନଙ୍କ ବ୍ୟବସାୟ କିଛି ମାତ୍ରାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆକର୍ଷଣୀୟ ତୋରଣ ଓ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ପୂଜାମଣ୍ଡପଗୁଡ଼ିକ ସହରର ଶୋଭା ବଢ଼ାଇଛି।

ଖୋଲା ଟ୍ରାନ୍ସଫର୍ମର, ବିପଦରେ ଜନସାଧାରଣ

କେନ୍ଦ୍ରାପଡ଼ା,୨୯।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହରର ତୁଳସୀ ବଜାର ନିକଟରେ ରାସ୍ତାକଡ଼ରେ ଥିବା ଖୋଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବେ ଜନସାଧାରଣଙ୍କ ପାଇଁ ବିପଦର କାରଣ ପାଲଟିଛି। ଟ୍ରାନ୍ସଫର୍ମରଟି ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଏହା ନିକଟ ଦେଇ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।
ବର୍ତ୍ତମାନ କେନ୍ଦ୍ରାପଡ଼ା ସହରରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଚାଲିଥିବାରୁ ତୁଳସୀ ବଜାର ଓ ଏହାର ଆଖପାଖ ଅଞ୍ଚଳରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଏହି ସମୟରେ ରାସ୍ତାକଡ଼ରେ ଥିବା ଖୋଲା ଟ୍ରାନ୍ସଫର୍ମର ଯୋଗୁଁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। କେବଳ ପୂଜା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁ ନୁହନ୍ତି, ଏହି ରାସ୍ତା ଦେଇ ନିୟମିତ ଯାତାୟାତ କରୁଥିବା ସାଧାରଣ ଲୋକ ମଧ୍ୟ ଆଶଙ୍କା ମଧ୍ୟରେ ରହୁଛନ୍ତି। ବିଶେଷକରି ଭିଡ଼ ସମୟରେ ଲୋକଙ୍କ ଚଳପ୍ରଚଳ ବଢ଼ୁଥିବାରୁ ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ସୁରକ୍ଷା ବ୍ୟବସ୍ଥା ନଥିବା ଚିନ୍ତାର ବିଷୟ ହୋଇଛି। ବିଦ୍ୟୁତ୍ ପ୍ରବାହିତ ଯନ୍ତ୍ରପାତି ଖୋଲା ଅବସ୍ଥାରେ ରହିବା ଦ୍ୱାରା ଅସାବଧାନତାବଶତଃ କେହି ସଂସ୍ପର୍ଶରେ ଆସିଲେ ଗୁରୁତର ଅଘଟଣ ଘଟିପାରେ।
ଏଭଳି ସ୍ଥିତିରେ ସମ୍ପୃକ୍ତ ବିଦ୍ୟୁତ୍ ବିଭାଗ ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରି ଟ୍ରାନ୍ସଫର୍ମର ଚାରିପାଖରେ ଉପଯୁକ୍ତ ସୁରକ୍ଷା ବାଡ଼ ଲଗାଇବା ସହ ଆବଶ୍ୟକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି। ଗଜଲକ୍ଷ୍ମୀ ପୂଜାରେ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୁରଭି ଫଳାଫଳକୁ ନେଇ ବିବାଦ

ବିଇଓ କାର୍ଯ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ଆଳି, ୨୯।୧୦(ସଂଚାର ବ୍ୟୁରୋ): କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମର ଫଳାଫଳକୁ ନେଇ ଆଳି ବ୍ଲକରେ ଅସନ୍ତୋଷ ଦେଖାଦେଇଛି। ଫଳାଫଳ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ କରି ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ (ବିଇଓ) କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣା ଦେଇଛନ୍ତି। କ୍ଲଷ୍ଟରସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ବିଦ୍ୟାଳୟକୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାରୁ ବଞ୍ଚିତ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖରେ ଶରତ କୁମାର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଦେମାଳସ୍ଥିତ ବ୍ରଜସୁନ୍ଦର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଗ ନେଇ ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହି ସଫଳତା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ତେବେ ଅଭିଭାବକଙ୍କ କହିବା ଅନୁସାରେ, ସେହି ଦିନ ରାତିରେ ଫଳାଫଳ ବଦଳାଇ ଅନ୍ୟ ଏକ ବିଦ୍ୟାଳୟକୁ କୃତୀ ଘୋଷଣା କରାଯାଇଥିଲା। ଫଳରେ ପ୍ରଥମ ସ୍ଥାନ ହାସଲ କରିଥିବା ବ୍ରଜସୁନ୍ଦର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗରୁ ବଞ୍ଚିତ ହୋଇଥିଲା। ଏହି ଘଟଣାକୁ ନେଇ ଅଭିଭାବକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ଆପତ୍ତି ଜଣାଇଥିଲେ। କିନ୍ତୁ ସେମାନଙ୍କ ଅଭିଯୋଗର ସମାଧାନ ନକରି ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ହେଲେ ପୁନର୍ବାର ପ୍ରତିଯୋଗିତାରେ ଭାଗ ନେବାକୁ ପଡ଼ିବ ବୋଲି ବିଇଓଙ୍କ ପକ୍ଷରୁ ଚିଠି କରାଯାଇଥିବା ଅଭିଭାବକମାନେ କହିଛନ୍ତି।

● ବାରହା ଆତଙ୍କରେ ଭୟଭୀତ ଅଞ୍ଚଳବାସୀ

ବାରହା ଆକ୍ରମଣରେ ଯୁବକ ଗୁରୁତର; କଟକ ବଡ଼ମେଡ଼ିକାଲ ସ୍ଥାନାନ୍ତର

ପଟ୍ଟାମୁଣ୍ଡାଇ,୨୯।୧୦ (ସଂଚାର ବ୍ୟୁରୋ): ରାଜନଗର ବନଖଣ୍ଡ ଅଧିନ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ନଦୀନାଳରେ କୁମ୍ଭୀରଙ୍କ ଉତ୍ପାତ ଓ ମଣିଷ - କୁମ୍ଭୀର ଲଢ଼େଇ ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାରେ ରହିଥିବା ବେଳେ ଏବେ ଜଙ୍ଗଲି ବାରହାଙ୍କ ଉତ୍ପାତ ଅଞ୍ଚଳବାସୀଙ୍କୁ ଭୟଭୀତ ଅବସ୍ଥାରେ ରଖିଛି। ଭିତରକନିକା ଅଭୟାରଣ୍ୟ ପରିସୀମା ମଧ୍ୟରୁ ଚାଲିଆସିଥିବା ବାରହା ପଲ ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳ ଓ ଭେଡା ଅଞ୍ଚଳର ବିଭିନ୍ନ ଗ୍ରାମରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଏମାନଙ୍କର ବଂଶ ବୃଦ୍ଧି ଘଟି ଶହ ଶହ ସଂଖ୍ୟାର ଜଙ୍ଗଲି ବାରହା ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରୁଥିବା ବେଳେ ଧାନଚାଷ କରାଯାଇଥିବା ଚାଷ ଜମିରେ ପଶି ମୁନିଆ ଦାନ୍ତରେ ମାଟି ସବୁ ତାଡ଼ି ପକାଇବା ସହିତ ଫସଲ ନଷ୍ଟ କରିପକାଉଛନ୍ତି। ଫଳରେ ଚାଷୀମାନେ ଫସଲ ହରାଇ ମୁଣ୍ଡରେ ହାତ ଦେଇ ବସୁଛନ୍ତି। ଜଙ୍ଗଲି ବାରହା ଗୁଡ଼ିକ ହିଂସ୍ର ହୋଇଥିବାରୁ ତାଙ୍କୁ ଘଉଡ଼ାଇବା ମଧ୍ୟ ସମ୍ଭବ ହେଉନାହିଁ। ଆଜି ମଧ୍ୟାହ୍ନରେ ଫସଲ ନଷ୍ଟ କରୁଥିବା ଏକ ଜଙ୍ଗଲି ବାରହାକୁ ଘଉଡ଼ାଇବା ବେଳେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଛି ଜଙ୍ଗଲି ବାରହା। ସ୍ଥାନୀୟ ଅଠରବାଟିଆ ଗ୍ରାମର ଗୋବରୀ ନଦୀ କୂଳରେ ଥିବା ପାଳ ଜମିରେ ଫସଲ ନଷ୍ଟ କରୁଥିବା ଏକ ବାରହାକୁ ଗ୍ରାମର ପ୍ରାୟ ୩୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଘଉଡ଼ାଇବା ବେଳେ ନିଦିକୁଳରେ ଥିବା ବାସୁଳାଇ ଠାକୁରାଣୀଙ୍କ ନିକଟରେ ଗାଈ ଜଗିଥିବା ଅଠରବାଟିଆ ଗ୍ରାମର ବିକ୍ରମ ସେଠୀଙ୍କ ପୁଅ ନିହାର ସେଠୀ (୧୮) ଙ୍କୁ ହିଂସ୍ର ଜଙ୍ଗଲି ବାରହା ଅତର୍କିତ ଆକ୍ରମଣ କରି ଲହୁ ଲୁହାଣ କରିଦେଇଛି। ଜଙ୍ଗଲି ବାରହାଟି ମୁନିଆ ଦାନ୍ତରେ ନିହାରଙ୍କୁ କ୍ଷେତ ବିକ୍ଷତ କରିଦେବା ସହିତ ପାଦ, ହାତପାପୁଲି, ଜଂଘ, ଭଣ୍ଡା ଓ ଜଂଘରୁ ପୁଳା ପୁଳା ମାଂସ କାମୁଡ଼ି ଛିଣ୍ଡାଇ ନେଇଛି। ନିହାରଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ନିହାରଙ୍କ ଅବସ୍ଥା ଗୁରୁତର ଥିବାରୁ ଓ ପ୍ଲାଷ୍ଟିକ ସର୍ଜରୀର ଆବଶ୍ୟକତା ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି।

ଜଳ ନିଷ୍କାସନ ପଥ ଅବରୋଧକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଏଆରଏସଏସ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ମହାକାଳପଡ଼ା, ୨୯।୧୦ (ସଂଚାର ବ୍ୟୁରୋ): ଜଳ ନିଷ୍କାସନ ପଥକୁ ଅବରୋଧ କରାଯାଇଥିବା ଅଭିଯୋଗ ଆଣି ଠିକା ସଂସ୍ଥା ଏଆରଏସଏସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଉଳକଣି ପଞ୍ଚାୟତର ପ୍ରଭାକରପୁର ଗ୍ରାମର ହରେକୃଷ୍ଣ ପାତ୍ର। ଏ ନେଇ ସେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଘଟଣାର ତଦନ୍ତ ଓ ତୁରନ୍ତ ସମାଧାନ ପାଇଁ ନିବେଦନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜମ୍ବୁ-ମାର୍ଶାଘାଇ କେନାଲ ରାସ୍ତାର ଛପାଲି ଛକ ନିକଟସ୍ଥ ପ୍ରଭାକରପୁର ଆପ୍ରୋଚ୍ ରୋଡ୍ ନିକଟରେ ଏବେ ଏଆରଏସଏସ ଠିକା ସଂସ୍ଥା ପକ୍ଷରୁ କେନାଲ ବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାମ ସମୟରେ ତାଙ୍କ ଘର ସମ୍ମୁଖରେ ଦୀର୍ଘଦିନ ଧରି ରହିଥିବା ଜଳ ନିଷ୍କାସନ ପଥରେ ରାତି ଅଧିଆ ଟ୍ରକ୍‌ରେ ଡଷ୍ଟ ଗୁଣ୍ଡ ପକାଇ ତାହାକୁ ବନ୍ଦ କରିଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଠିକା ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ଶରତ ଚନ୍ଦ୍ର ଦାସଙ୍କ ଅବହେଳା ଓ ଉଦ୍ଦେଶ୍ୟମୂଳକ କାର୍ଯ୍ୟ ଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇନଥିବାରୁ ସେ ଅସୁବିଧାରେ ପଡ଼ିଥିବା କହିଛନ୍ତି। ବିଶେଷକରି ବର୍ଷା ହେଲେ ଘର ଭିତରକୁ ପାଣି ପଶିବାର ଆଶଙ୍କା ରହିଥିବାରୁ ପରିବାର ଲୋକେ ଚିନ୍ତାରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗର ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା, ଠିକା ସଂସ୍ଥା ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା, ରାସ୍ତା ନିର୍ମାଣ ସମୟରେ ବନ୍ଦ ହୋଇଯାଇଥିବା ହ୍ୟୁମ୍ ପାଇପ୍ ସ୍ଥାନରେ ନୂତନ ହ୍ୟୁମ୍ ପାଇପ୍ ବସାଇ ଜଳ ନିଷ୍କାସନ ପଥକୁ ପୁନଃ ଖୋଲିବା ଏବଂ ଅବୈଧ ଭାବେ ଜମା କରାଯାଇଥିବା ଡଷ୍ଟ ଗୁଣ୍ଡ ହଟାଇବା ପାଇଁ ହରେକୃଷ୍ଣ ଦାବି କରିଛନ୍ତି। ଉକ୍ତ ଅଭିଯୋଗର ନକଲ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟର ପୂର୍ତ୍ତ ଓ ଆଇନ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

ମାତୃତ୍ୱ ଆଗରେ ତୁଚ୍ଛ ଜାତି-ପ୍ରଜାତିର ଭେଦ!

କୁକୁରଠାରୁ କ୍ଷୀର ପିଉଛି ବିଲେଇ ଛୁଆ

ମହାକାଳପଡ଼ା, ୨୯।୧୦(ସଂଚାର ବ୍ୟୁରୋ): ମମତାର ନାହିଁ ଜାତି, ନାହିଁ ଧର୍ମ, ନାହିଁ ପ୍ରଜାତିର ସୀମା। ସ୍ନେହ ଓ ଭଲପାଇବା ଆଗରେ ସବୁ ଭେଦଭାବ ହାର ମାନେ। ଏହାର ଏକ ନିଆରା ଉଦାହରଣ ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ରାମକଣୀ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ସଞ୍ଜୟ କୁମାର ବାରିକଙ୍କ ଘରେ ପାଳିତ ଏକ କୁକୁରଠାରୁ ବିଲେଇ ଛୁଆଟି କ୍ଷୀର ପିଉଥିବାର ଦୃଶ୍ୟ ସଞ୍ଜୟଙ୍କ ଝିଅ ମଧୁସ୍ମିତା ତାଙ୍କ କ୍ୟାମେରାରେ କଏଦ କରିଥିଲେ। ଯେଉଁ ଦୃଶ୍ୟ ଏବେ ସମସ୍ତଙ୍କୁ ଚକିତ କରିବା ସହ ମାନବିକତାର ଏକ ନିଆରା ବାର୍ତ୍ତା ଦେଉଛି। ସାଧାରଣତଃ କୁକୁର ଓ ବିଲେଇଙ୍କ ମଧ୍ୟରେ ଶତ୍ରୁତା ଥିବା କଥା ଆମେ ଶୁଣିଥାଉ। ହେଲେ ରାମକଣୀ ଗ୍ରାମର ଏହି ଦୃଶ୍ୟ ସେହି ଧାରଣାକୁ ଭୁଲ ପ୍ରମାଣିତ କରିବା ଭଳି ମନେ ହେଉଛି। ଗୋଟିଏ ପ୍ରଜାତିର ଜୀବ ଅନ୍ୟ ପ୍ରଜାତିର ଛୁଆକୁ ନିଜ ଶରୀରରୁ କ୍ଷୀର ପିଇବାକୁ ଦେଉଥିବା ଦୃଶ୍ୟରେ ମାତୃତ୍ୱ, ସ୍ନେହ ଓ ଆପଣାପଣର ଏକ ଅନନ୍ୟ ଚିତ୍ର ପ୍ରତିଫଳିତ ହୋଇଛି। ଆଜିର ସମାଜରେ ମଣିଷ ନିଜକୁ ବୁଦ୍ଧିମାନ ଓ ବିବେକବାନ ବୋଲି ପରିଚୟ ଦେଉଥିବା ବେଳେ ଜାତି, ଧର୍ମ, ବର୍ଣ୍ଣ ଓ ଧନୀ-ଗରିବ ଭେଦଭାବକୁ ନେଇ ଅନେକ ସମୟରେ ପରସ୍ପରଠାରୁ ଦୂରେଇ ଯାଉଛି। ଅନ୍ୟର ଦୁଃଖରେ ଠିଆ ହେବା, ଅସହାୟଙ୍କୁ ସାହାଯ୍ୟ କରିବା ଏବଂ ନିଃସ୍ୱାର୍ଥପର ଭାବେ ଭଲପାଇବା ଭଳି ମାନବୀୟ ଗୁଣ କେତେକ କ୍ଷେତ୍ରରେ ଦୁର୍ବଳ ହେବାକୁ ବସିଛି। ଏପରି ସମୟରେ ଏକ କୁକୁର ଓ ବିଲେଇ ଛୁଆର ଏହି ସମ୍ପର୍କ ମଣିଷ ସମାଜକୁ ଆତ୍ମସମୀକ୍ଷା କରିବା ପାଇଁ ଏକ ସୁଯୋଗ ଦେଇଛି। ପ୍ରକୃତରେ, ମଣିଷପଣିଆ କେବଳ କଥାରେ ନୁହେଁ, ବରଂ ଆଚରଣରେ ପ୍ରତିଫଳିତ ହେବା ଆବଶ୍ୟକ। ପରସ୍ପର ପ୍ରତି ସ୍ନେହ, ଦୟା, ସହାନୁଭୂତି ଓ ସହଯୋଗର ମନୋଭାବ ରହିଲେ ହିଁ ଏକ ସୁନ୍ଦର ସମାଜ ଗଠନ ସମ୍ଭବ। ରାମକଣୀ ଗ୍ରାମର ଏହି ନିଆରା ଦୃଶ୍ୟ ଆମକୁ ମନେ ପକାଇ ଦେଉଛି ଯେ, ଭଲପାଇବାର କୌଣସି ସୀମା ନାହିଁ ଏବଂ ମମତାର କୌଣସି ଭେଦଭାବ ନାହିଁ। ଯଦି ଗୋଟିଏ କୁକୁର ଅନ୍ୟ ପ୍ରଜାତିର ଛୁଆକୁ ସ୍ନେହରେ ଆପଣାଇ ପାରୁଛି, ତେବେ ମଣିଷ କାହିଁକି ମଣିଷକୁ ଭେଦଭାବର ଦୃଷ୍ଟିରେ ଦେଖିବ? ଆସନ୍ତୁ, ଘୃଣା ଓ ବିଦ୍ୱେଷକୁ ଦୂରେଇ ମମତା, ସହାନୁଭୂତି ଓ ମାନବିକତାକୁ ଆପଣାଇବା। କାରଣ, ମଣିଷର ପ୍ରକୃତ ପରିଚୟ ତା'ର ଜାତି କିମ୍ବା ଧର୍ମରେ ନୁହେଁ, ବରଂ ତା'ର ହୃଦୟରେ ଥିବା ମମତାରେ।

ଗଜଲକ୍ଷ୍ମୀ ପୂଜାରେ ଟ୍ରାଫିକ୍ ଜାମ୍, ଯାତାୟାତରେ ନାକେଦମ୍ ଲୋକେ

କେନ୍ଦ୍ରାପଡ଼ା,୨୯।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହରରେ ଗଜଲକ୍ଷ୍ମୀ ପୂଜା ଚାଲିଥିବା ବେଳେ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ଜାମ୍ ସମସ୍ୟା ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ସହର ମଧ୍ୟକୁ ବସ୍ ଓ ଭାରୀଯାନ ପ୍ରବେଶ କରୁଥିବାରୁ ଏଭଳି ସ୍ଥିତି ଉପୁଜିଛି। ଫଳରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପୂଜା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁ ଓ ଯାତ୍ରୀମାନେ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରର ତିନିମୁହାଣି ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ଥିବା ତୁଳସୀ ବଜାର ଓ ବଣିଆମାଳ ଅଞ୍ଚଳରେ ଗାଡ଼ି ଅଟକି ରହୁଛି। ରାସ୍ତାରେ ଗାଡ଼ିର ଲମ୍ବା ଧାଡ଼ି ଯୋଗୁଁ ଯାତାୟାତ ସ୍ୱାଭାବିକ ହୋଇପାରୁନାହିଁ। ପୂଜା ଅବସରରେ ସହରକୁ ଲୋକଙ୍କ ଆଗମନ ବଢ଼ିଥିବାରୁ ଏହି ସମସ୍ୟା ଆହୁରି ଜଟିଳ ହୋଇପଡ଼ିଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ଓ ସୁରକ୍ଷା କର୍ମୀ ଉପସ୍ଥିତ ରହୁଥିଲେ ମଧ୍ୟ ଗାଡ଼ି ଚଳାଚଳରେ ସେଭଳି ଉନ୍ନତି ଦେଖିବାକୁ ମିଳୁନାହିଁ। ସହର ମଧ୍ୟକୁ ବସ୍ ଓ ଭାରୀଯାନ ପ୍ରବେଶ ଉପରେ ନିୟନ୍ତ୍ରଣ ନଥିବାରୁ ଟ୍ରାଫିକ୍ ସମସ୍ୟା ଲାଗି ରହୁଥିବା ଅଭିଯୋଗ ହେଉଛି।

କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ-ଅପରେଟିଭ୍ ସୋସାଇଟି ଲି,କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟପରିସର ଅବିଭକ୍ତ କଟକ ଜିଲ୍ଲା ଯଥା- କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ ।
- ସଞ୍ଚୟ ଜମା (**Saving_Collection_Account**) ରେ ବାର୍ଷିକ ୪.୦୦% ସୁଧ **Daily Balance** ଉପରେ ଦିଆଯାଏ ।
- ସ୍ଥାୟୀ ଜମା (**Fixed Deposit**) ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୁର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ ।
- ଦୃଷ୍ଟିହୀନ ଓ ସଂପୂର୍ଣ୍ଣ ଶାରୀରିକ ଅକ୍ଷମ ତଥା ଅସହାୟ ପରିବାରକୁ ଜ୍ଞାନଦେବୀ ଗୁଜୁରାଣ ସହାୟତାପ୍ରଦାନ ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (**Senior Citizen**)ଙ୍କ ଜମା ଉପରେ ଯେ କୌଣସି ଗୋଟିକରେ ୦.୫୦% ଅଧିକ ସୁଧ ଦିଆଯାଏ ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ **CBS** ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଅଛି ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ଗୁଡିକ ସୂଚାରୁରୂପେ କାର୍ଯ୍ୟ କରୁଛି ।

ଅରବିନ୍ଦ ସାହୁ
ସଂପାଦକ
ମୋ.- ୯୧୨୪୨୫୪୪୧୯

ପ୍ରମୋଦ ସାହୁ
ସଭାପତି
ମୋ.- ୯୧୨୪୨୫୪୪୧୮

'ଅର୍ଣ୍ଣବ' ପ୍ରଭାବିତ ଜିଲ୍ଲାରେ ରିଲିଫ୍ ଓ ସହାୟତା କାର୍ଯ୍ୟରେ ସହଯୋଗ ପ୍ରସଙ୍ଗ

ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ସାମାଜିକ ଦାୟିତ୍ୱ: ମନମୋହନ

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ସମ୍ପ୍ରତି ରାଜ୍ୟରେ ପ୍ରଳୟଙ୍କରୀ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମାଞ୍ଚଳର କେତେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, କନ୍ଧମାଳ ଓ ମାଲକାନଗିରି ଜିଲ୍ଲାରେ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ ଧନଜୀବନ, ଘରଦ୍ୱାର, ବିଦ୍ୟୁତ୍ ସରବରାହ ଓ କୃଷି କ୍ଷେତ୍ର ପ୍ରଭାବିତ ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଗୁରୁତ୍ୱର ସହ ଗ୍ରହଣ କରି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ ଏଭଳି ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ଓ ସେମାନଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବା ଆମର ନୈତିକ ଓ ସାମାଜିକ ଦାୟିତ୍ୱ। ତେଣୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ସମସ୍ତ ଦଳୀୟ ନେତା ଓ କର୍ମକର୍ତ୍ତା ନିଜ ନିଜ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ପ୍ରତିବଦ୍ଧ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କର ମିଳିତ ସହଯୋଗ ନିହାତି ଆବଶ୍ୟକ। ସରକାରୀ ସ୍ତରରେ ତ୍ୱରିତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଦଳୀୟ ସ୍ତରରେ ମଧ୍ୟ ପ୍ରଭାବିତ ପରିବାରଗୁଡ଼ିକୁ ସମସ୍ତ ସମ୍ଭବ ସହାୟତା ପ୍ରଦାନ ପାଇଁ ପାର୍ଟି ପକ୍ଷରୁ ନିରନ୍ତର ତଦାରଖ କରାଯାଉଛି ବୋଲି ଶ୍ରୀ ସାମଲ କହିଛନ୍ତି।

ଗଞ୍ଜାମ ଜିଲାରେ ୩୧ ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ବନ୍ଦ

ଛତ୍ରପୁର,୨୯।୧୦ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲାରେ ଲଗାଣ ବର୍ଷା ସାଙ୍ଗକୁ ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ଜାରି ରହିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଅଙ୍ଗନଓ୍ୱାଡ଼ି କେନ୍ଦ୍ର, ସ୍କୁଲ, ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟର ବିଭାଗଗୁଡ଼ିକୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରଶାସନର ଏହି ନିଷ୍ପତ୍ତି ଅନୁଯାୟୀ, ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଉକ୍ତ ସମସ୍ତ ଶିକ୍ଷାନୁଷ୍ଠାନରେ ସାଧାରଣ ଶିକ୍ଷାଦାନ ବନ୍ଦ ରହିବ। ଜିଲାରେ ଜାରି ରହିଥିବା ପ୍ରତିକୂଳ ପାଣିପାଗ ଓ ବନ୍ୟା ପରିସ୍ଥିତି ମଧ୍ୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପ୍ରଶାସନ ଏହି ପଦକ୍ଷେପ ନେଇଛି। ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ଆଦେଶ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି।

ରାଜ୍ୟର ଶିଳ୍ପାୟନରେ ଯୋଡ଼ି ହେଲା ଆଉ ଏକ ଫର୍ଦ୍ଦ

୩୮୫୫ କୋଟିର ନିବେଶ ପ୍ରସ୍ତାବକୁ ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ

- ୧୨ ଜିଲ୍ଲାରେ ପ୍ରତିଷ୍ଠା ହେବ ୨୨ଟି ଶିଳ୍ପ
- ୭୭୬୫ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ
- ପଞ୍ଚତାରକା ହୋଟେଲ, ରିସର୍ଟ ଓ ମହାନଦୀ ଆଳୟ ପ୍ରକଳ୍ପକୁ ମଞ୍ଜୁରୀ
- ଖୋର୍ଦ୍ଧାରେ ପ୍ରତିଷ୍ଠା ହେବ ଔଷଧ ଓ ପ୍ରତିରକ୍ଷା ସମ୍ପର୍କିତ ପ୍ରକଳ୍ପ

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ଆଜି ୨୨ଟି ଶିଳ୍ପ ପ୍ରକଳ୍ପ ପାଇଁ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବଗୁଡ଼ିକର ମୋଟ ନିବେଶ ପରିମାଣ ୩,୮୫୫ କୋଟି ଟଙ୍କା ହୋଇଥିବା ବେଳେ ଏଥିରୁ ୭୭୬୫ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ୧୧ଟି ବିଭିନ୍ନ କ୍ଷେତ୍ର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏଥିରେ ପର୍ଯ୍ୟଟନ, ବାୟୋଫୁଏଲ, ଉତ୍ପାଦନ, ମହାକାଶ ଓ ପ୍ରତିରକ୍ଷା, ରସାୟନ ଓ ପେଟ୍ରୋକେମିକାଲ୍ସ, ଭିତ୍ତିଭୂମି, ପ୍ଲାଷ୍ଟିକ୍, ଔଷଧ, ଗ୍ଲୋବାଲ କମ୍ପିଟେନ୍ସି ସେଣ୍ଟର, ଇସ୍ପାତ ଡାଉନଷ୍ଟ୍ରିମ୍ ଓ କାଗଜ ପ୍ୟାକେଜିଂ ସମ୍ପର୍କିତ ପ୍ରକଳ୍ପ ଅନ୍ତର୍ଭୁକ୍ତ। ପ୍ରକଳ୍ପଗୁଡ଼ିକ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ସହ ୧୨ଟି ଜିଲ୍ଲାରେ ପ୍ରତିଷ୍ଠା ହେବ। କାଗଜ, ପ୍ୟାକେଜିଂ ଓ ପ୍ଲାଷ୍ଟିକ୍ କ୍ଷେତ୍ରରେ ଦୁଇଟି ପ୍ରମୁଖ ନିବେଶ ପ୍ରସ୍ତାବ ରହିଛି, ଯାହାର ମୋଟ ପରିମାଣ ୧,୦୨୯.୯୧ କୋଟି ଟଙ୍କା ଓ ୧,୯୬୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଲିଶା ଟରେଣ୍ଟ କ୍ଲୋଜର୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ନୟାଗଡ଼ରେ ବୋତଲ ପାନୀୟ ପାଇଁ କ୍ୟାପ୍ ଓ କ୍ଲୋଜର୍ ଉତ୍ପାଦନ ପାଇଁ ୫୨୯.୯୧ କୋଟି ଟଙ୍କା ନିବେଶ କରିବେ ଓ ୨୫୦ ନିଯୁକ୍ତି ସୃଷ୍ଟି ହେବ। ଷ୍ଟାର୍କ ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ କାଗଜ ଓ କାଗଜ ଉତ୍ପାଦ ଉତ୍ପାଦନ ୟୁନିଟ୍ ପାଇଁ ୫୦୦ କୋଟି ଟଙ୍କା ନିବେଶ କରିବେ। ଏଥିରୁ ୧,୭୧୦ ନିଯୁକ୍ତି ସୃଷ୍ଟି ହେବ। ଏହି ୟୁନିଟ୍‌ରେ ବାର୍ଷିକ ୧,୦୮,୦୦୦ ମେଟ୍ରିକ୍ ଟନ୍ କରୁଗେଟେଡ୍ ବକ୍ସ, ୪୮,୦୦୦ ମେଟ୍ରିକ୍ ଟନ୍ କାଗଜ ବ୍ୟାଗ୍, ୪୮,୦୦୦ ମେଟ୍ରିକ୍ ଟନ୍ ମୋନୋ କାର୍ଟନ୍ ଓ ୯୯,୦୦୦ ମେଟ୍ରିକ୍ ଟନ୍ କାଗଜ ଉତ୍ପାଦନ ହେବ। ବାୟୋଫ୍ୟୁଏଲ୍ କ୍ଷେତ୍ରରେ ୩ଟି ବାୟୋଗ୍ୟାସ ପ୍ରକଳ୍ପରେ ମୋଟ ୬୮୦ କୋଟି ଟଙ୍କା ନିବେଶ ହେବ ଓ ୯୮୪ ନିଯୁକ୍ତି ସୃଷ୍ଟି ହେବ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ଅନୁଗୋଳ, ଯାଜପୁର ଓ ସମ୍ବଲପୁରରେ ୧୪,୮୫୦ ଟନ୍ ପ୍ରତିବର୍ଷ ବାୟୋଗ୍ୟାସ ଉତ୍ପାଦନ ପାଇଁ ୩୬୦ କୋଟି ଟଙ୍କା ନିବେଶ କରିବେ ଏବଂ ୭୪୫ ନିଯୁକ୍ତି ସୃଷ୍ଟି ହେବ। କିନେଟା ଗ୍ଲୋବାଲ୍ ଲିମିଟେଡ୍ ସୁନ୍ଦରଗଡ଼ରେ ବାର୍ଷିକ ୮,୨୫୦ ଟନ୍ କ୍ଷମତା ସମ୍ପନ୍ନ ବାୟୋଗ୍ୟାସ ପ୍ଲାଣ୍ଟ ପାଇଁ ୧୭୦ କୋଟି ଟଙ୍କା ନିବେଶ କରିବେ ଓ ୧୭୦ ନିଯୁକ୍ତି ସୃଷ୍ଟି ହେବ। ଶ୍ରୀ ମେଟାଲିକ୍ସ ବାୟୋ ଏନର୍ଜି ଲିମିଟେଡ୍ ବାଲେଶ୍ୱରରେ ୬,୬୦୦ ଟନ୍ ପ୍ରତି ବର୍ଷ ବାୟୋଗ୍ୟାସ ଉତ୍ପାଦନ ପାଇଁ ୧୫୦ କୋଟି ନିବେଶ କରିବେ ଓ ୬୯ ନିଯୁକ୍ତି ସୃଷ୍ଟି ହେବ। ଏହି ୩ଟି ପ୍ରକଳ୍ପରୁ ମୋଟ ୨୯,୭୦୦ ଟନ୍ ପ୍ରତି ବର୍ଷ ବାୟୋଗ୍ୟାସ ଉତ୍ପାଦନ ହେବାର ଲକ୍ଷ୍ୟ ରଖାଯାଇଛି। ଇସ୍ପାତ ଡାଉନଷ୍ଟ୍ରିମ୍ ଓ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ତିନୋଟି ପ୍ରକଳ୍ପରେ ମୋଟ ୩୨୩.୮୧ କୋଟି ଟଙ୍କା ନିବେଶ ଏବଂ ୬୩୪ ନିଯୁକ୍ତି ସୁଯୋଗ ରହିଛି। ସାହା ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରରେ ପ୍ରି-ଇଞ୍ଜିନିୟର୍ଡ ବିଲ୍ଡିଂ ସିଷ୍ଟମ୍ ଓ କୋଲ୍ଡ-ଫର୍ମ୍ଡ ଉତ୍ପାଦ ପାଇଁ ୭୨.୮୧ କୋଟି ଟଙ୍କା ନିବେଶ କରିବେ ଏବଂ ୨୮୦ ନିଯୁକ୍ତି ସୃଷ୍ଟି ହେବ। ଏମପିଆଇଏଲ୍ ଷ୍ଟିଲ୍ ଷ୍ଟ୍ରକଚର୍ସ ଲିମିଟେଡ୍ ଯାଜପୁରରେ ୨୫,୦୦୦ ମେଟ୍ରିକ୍ ଟନ୍ କ୍ଷମତାର ହେଭି ଷ୍ଟିଲ୍ ଷ୍ଟ୍ରକଚର୍ ଫାବ୍ରିକେସନ୍ ପ୍ଲାଣ୍ଟ ପାଇଁ ୨୦୦ କୋଟି ଟଙ୍କା ନିବେଶ କରିବେ ଏବଂ ୨୦୦ ନିଯୁକ୍ତି ସୃଷ୍ଟି ହେବ। ଆର୍ମର୍ ଇଣ୍ଡଷ୍ଟ୍ରିଜ୍ ସୁନ୍ଦରଗଡ଼ରେ ଷ୍ଟ୍ରକଚରାଲ୍ ଷ୍ଟିଲ୍, ପ୍ଲେଟ୍-ୱର୍କ୍, ବ୍ଲାଷ୍ଟ ଫର୍ନେସ୍ ଉପକରଣ ଆଦି ଉତ୍ପାଦନ ପାଇଁ ୫୧ କୋଟି ଟଙ୍କା ନିବେଶ କରିବେ ଏବଂ ୧୫୪ ନିଯୁକ୍ତି ସୃଷ୍ଟି ହେବ। ରସାୟନ ଓ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ଦୁଇଟି ପ୍ରକଳ୍ପରେ ୨୨୫ କୋଟି ଟଙ୍କା ନିବେଶ ଏବଂ ୪୦୫ ନିଯୁକ୍ତି ସୁଯୋଗ ରହିଛି। ଆରିଶ୍ କୋଟିଂ ଟେକ୍ନୋଲୋଜି ଏଲଏଲପି ଖୋର୍ଦ୍ଧାରେ ଇଣ୍ଡଷ୍ଟ୍ରିଆଲ୍ ପେଣ୍ଟ ଉତ୍ପାଦନ ପାଇଁ ୫୦ କୋଟି ଟଙ୍କା ନିବେଶ କରିବେ ଏବଂ ୨୦୦ ନିଯୁକ୍ତି ସୃଷ୍ଟି ହେବ। ପ୍ରୋଏକ୍ ଏନର୍ଜି ଲିମିଟେଡ୍ ଭଦ୍ରକରେ ୧୮,୦୦୦ ଟନ୍ ପ୍ରତି ବର୍ଷ କାଲସାଇନ୍ଡ ପେଟ୍ରୋଲିୟମ୍ କୋକ୍ ଓ ବାର୍ଷିକ ୯,୦୦୦ ଟନ୍ ଗ୍ରାଫାଇଟାଇଜ୍ଡ ପେଟ୍ରୋଲିୟମ୍ କୋକ୍ ଉତ୍ପାଦନ ପାଇଁ ୧୭୫ କୋଟି ଟଙ୍କା ନିବେଶ କରିବେ ଏବଂ ୨୦୫ ନିଯୁକ୍ତି ସୃଷ୍ଟି ହେବ।

ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ରରେ ଖୋର୍ଦ୍ଧାରେ ଦୁଇଟି ପ୍ରକଳ୍ପରେ ୧୧୭ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୧,୧୭୦ ନିଯୁକ୍ତି ସୁଯୋଗ ହେବ। ଷ୍ଟୋନହକ୍ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍ ଡ୍ରୋନ୍ ଓ ଅନ୍ମ୍ୟାନ୍ଡ ଏରିଆଲ୍ ସିଷ୍ଟମ୍ ଉତ୍ପାଦନ ପାଇଁ ୬୫ କୋଟି ଟଙ୍କା ନିବେଶ କରିବେ ଏବଂ ୮୦୦ ନିଯୁକ୍ତି ସୃଷ୍ଟି ହେବ। କ୍ଲାସିକ୍ ଟେକ୍ନୋଲୋଜିଷ୍ଟିକ୍ସ ଆଣ୍ଡ ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ ଏକୀକୃତ ମହାକାଶ ଉତ୍ପାଦନ ସୁବିଧା ପାଇଁ ୫୨ କୋଟି ଟଙ୍କା ନିବେଶ କରିବେ ଏବଂ ୩୭୦ ନିଯୁକ୍ତି ସୃଷ୍ଟି ହେବ। ଔଷଧ ଉତ୍ପାଦନ କ୍ଷେତ୍ରରେ ଅମୃତାଶ୍ ହେଲଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଔଷଧ ଉତ୍ପାଦନ ସୁବିଧା ପାଇଁ ୧୫୨.୬୯ କୋଟି ଟଙ୍କା ନିବେଶ କରିବେ ଏବଂ ୫୨୦ ନିଯୁକ୍ତି ସୃଷ୍ଟି ହେବ। ଏଥିରେ ବାର୍ଷିକ ୧,୫୦୦ ମିଲିୟନ୍ ଟାବଲେଟ୍, ୨୧୦ ମିଲିୟନ୍ କ୍ୟାପସୁଲ୍ ଓ ୪୮ ମିଲିୟନ୍ ଇଞ୍ଜେକ୍ସନ୍ ଉତ୍ପାଦନ କ୍ଷମତା ରହିବ। ଲଜିଷ୍ଟିକ୍ସ ଭିତ୍ତିଭୂମି କ୍ଷେତ୍ରରେ ଆରବି ଆବୋଡସ୍ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ଏକୀକୃତ ଲଜିଷ୍ଟିକ୍ସ ପାର୍କ ପାଇଁ ୨୦୯.୩୫ କୋଟି ଟଙ୍କା ନିବେଶ କରିବେ ଏବଂ ୩୪୫ ନିଯୁକ୍ତି ସୃଷ୍ଟି ହେବ।

● ଜଳେଶ୍ୱର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣା

ସରକାରଙ୍କୁ ଘେରିଲା ବିଜେଡି, ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର, ୨୯।୧୦ (ସଂଚାର ବ୍ୟୁରୋ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ପୁଲିସ ଓ ସରକାରଙ୍କୁ ଘେରିଛି ବିଜେଡି। ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଛି ଦଳ। ବିଜେଡିର ଅଭିଯୋଗ ହେଉଛି ଘଟଣାରେ ପୁଲିସ ସହଯୋଗୀ ଅଭିଯୁକ୍ତ। ଅନ୍ୟପଟେ ବାଲେଶ୍ୱର ସାଂସଦଙ୍କ ଖାମ୍‌ଖିଆଲି ମନ୍ତବ୍ୟକୁ ଦଳ ଦୃଢ଼ ନିନ୍ଦା କରିଛି। ଏଭଳି ଖାମଖିଆଲି ନୀତି ପାଇଁ ସୌମ୍ୟାଶ୍ରୀର ଜୀବନ ଚାଲିଗଲା ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର।

ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି ଯେ ଏହି ନିନ୍ଦନୀୟ ଘଟଣାଟି ଦିଲ୍ଲୀ ନିର୍ଭୟା ଘଟଣାଠାରୁ କିଛି କମ୍ ନୁହେଁ। ୧୬ ତାରିଖଠାରୁ ଝିଅ ନିଖୋଜ ହେବା ପରେ ପରିବାର ଲୋକେ ଖୋଜିବା ଆରମ୍ଭ କରିଥିଲେ। ସେହିଦିନ ବିଳମ୍ବିତ ରାତିରେ କାହ୍ନାକୁ ପଚରାଉଚରା କରିବା ସହ ଥାନାକୁ ନେଇଥିଲା ପୁଲିସ। କିନ୍ତୁ ୧୮ ତାରିଖ ଦିନ ପୁଲିସ କାହ୍ନାକୁ ଛାଡ଼ି ଦେଇଥିଲା। ଜଣେ ବିଜେପି ନେତାଙ୍କ ଲିଖିତ ପତ୍ର ଦେବା ପରେ ସ୍ଥାନୀୟ ପୁଲିସ ଛାଡ଼ିଦେଲା।

୨୧ ତାରିଖ ଦିନ ଗାଁ ଲୋକଙ୍କ ଚାପରେ କାହ୍ନା ନିଜେ ସ୍ୱୀକାର କରିଥିଲା କି ସେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା କରିଛି। ୨୨ ତାରିଖ ଦିନ ନିଜେ କାହ୍ନା ପୁଲିସ ପାଖରେ ଆତ୍ମସମର୍ପଣ କରିଥିଲା। ଯେଉଁଭଳି ସେ ଝିଅକୁ ହତ୍ୟା କରାଯାଇଛି, ସେଥିରେ ଏସିଡ୍ ବ୍ୟବହାର କରାଯାଇଛି। ଜଳେଶ୍ୱର ଥାନା ଆଇଆଇସିଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ସ୍ଥାନୀୟ ଫାଣ୍ଡି ଅଧିକାରୀ ଓ ଆଇଆଇସିଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ପୁଲିସ କହୁ କେଉଁ ବିଜେପି ନେତାଙ୍କ କଥାରେ କାହ୍ନାକୁ ଛାଡ଼ିଦେଲେ। ପୁଲିସର ଫୋନ ରେକର୍ଡ ଯାଞ୍ଚ କରାଯାଉ। ମୃତ ଝିଅର ସାଙ୍ଗର କଲ୍ ଡିଟେଲ ମଧ୍ୟ ଯାଞ୍ଚ କରାଯାଉ ବୋଲି ସେ କହିଛନ୍ତି।

ଏଥିରେ ଅନେକ ଲୋକଙ୍କ ସମ୍ପୃକ୍ତି ରହିଛି, ତା'ର ପର୍ଦ୍ଦାଫାସ ହେଉ। ଏସିଡ କିଭଳି ବ୍ୟବହାର ହେଲା ଓ କିଏ ଆଣିଲା ତାକୁ ତଦନ୍ତ କରାଯାଉ। ଏହା ଦୁଷ୍କର୍ମ ନା ଗଣଦୁଷ୍କର୍ମ ତାହା ମଧ୍ୟ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି। ଘଟଣାକୁ ହାଲକା ନ ନେଇ ତୁରନ୍ତ ସିବିଆଇ ତଦନ୍ତ କରାଯାଉ ବୋଲି ଲେଖାଶ୍ରୀ ଦାବି କରିଛନ୍ତି। ସେହିଭଳି ଜଳେଶ୍ୱର ବିଧାୟକ ମଧ୍ୟ ଘଟଣାକୁ ନେଇ କହିଛନ୍ତି ଫାଣ୍ଡି ଅଧିକାରୀ ଅଭିଯୁକ୍ତକୁ ଛାଡ଼ିଦେବା ପରେ ମୃତ ନାବାଳିକାର ଶରୀରକୁ ନଷ୍ଟ କରିଦେବାର ସୁଯୋଗ ପାଇଲା। ଏଥିରେ ପୁଲିସର ଭୂମିକା ସନ୍ଦେହରେ ରହିଛି। ଫାଣ୍ଡି ଅଧିକାରୀ ଓ ଆଇଆଇସିଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

ଗଜପତିରେ ଭୂସ୍ଖଳନ, ବିଚ୍ଛିନ୍ନ ହେଲା ଅନେକ ଗାଁ

ମୋହନା,୨୯।୧୦(ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ'ଜନିତ ପ୍ରବଳ ବର୍ଷା ଗଜପତି ଜିଲ୍ଲାରେ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। କଇଁପୁର-ଗଙ୍ଗାବାଡ଼ ରାସ୍ତାରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟି ରାସ୍ତା ଅବରୋଧ ହୋଇଯାଇଛି, ଯାହା ଫଳରେ ଅନେକ ଗାଁ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇପଡ଼ିଛି। କ୍ରମାଗତ ବର୍ଷା ଯୋଗୁଁ ଜିଲ୍ଲାର ମୁଖ୍ୟ ନଦୀ ଓ ନାଳଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। କିଛି ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇଥିବା ଜଣାପଡ଼ିଛି। କଇଁପୁର-ଗଙ୍ଗାବାଡ଼ ରାସ୍ତାର ଏକ ଅଂଶରେ ହଠାତ୍ ପାହାଡ଼ ଧସି ପଡ଼ିବାରୁ ପ୍ରାୟ ୫୦ ମିଟର ରାସ୍ତା ଉପରେ ବଡ଼ ବଡ଼ ପଥର ଖଣ୍ଡ ଓ ମାଟି ଜମା ହୋଇପଡ଼ିଛି। ଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ବନ୍ଦ ହେବା ସହ ଯାତାୟାତ ଠପ୍ ହୋଇଯାଇଛି, ଯାହାଦ୍ୱାରା ଦୂରବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନେ ଯିବା ଆସିବା କରିପାରୁନାହାନ୍ତି।

ରାସ୍ତାରୁ ପଥର ଓ ମାଟି ହଟାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜେସିବି ମେସିନ୍ ଓ ଶ୍ରମିକ ନିୟୋଜିତ କରାଯାଇଛି। ତେବେ କ୍ରମାଗତ ବର୍ଷା ଯୋଗୁଁ ଏହି କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ମହେନ୍ଦ୍ରତନୟା ଓ ବଂଶଧାରା ନଦୀ ସମେତ ସ୍ଥାନୀୟ ନାଳଗୁଡ଼ିକରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ବିଭିନ୍ନ ସ୍ଥାନରେ ପୋଲ ଓ କଲଭର୍ଟ ଉପରେ ପାଣି ପ୍ରବାହିତ ହେଉଥିବାରୁ ଭିତର ଗ୍ରାମଗୁଡ଼ିକୁ ଯିବା ଆସିବା ବାଧାପ୍ରାପ୍ତ ହୋଇଛି।

ବର୍ଷା ଓ ବନ୍ୟା ପାଣି ଯୋଗୁଁ ତଳିଆ ଅଞ୍ଚଳର ଅଧିକାଂଶ ଜମିରେ ପାଣିରେ ପଶିଯାଇଛି। ବ୍ୟାପକ କୃଷି ଜମି ଜଳମଗ୍ନ ହୋଇପଡ଼ିଥିବାରୁ ଧାନ ଓ ପନିପରିବା ଫସଲ ବ୍ୟାପକ ଭାବେ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଥିବାରୁ ପରିସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପାହାଡ଼ିଆ ଓ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

ମାଟ୍ରିକ ପରୀକ୍ଷା ପାଇଁ ୩ରୁ ଫର୍ମ ପୂରଣ

କଟକ,୨୯।୧୦(ସଂଚାର ବ୍ୟୁରୋ): ଆସନ୍ତା ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଆଗାମୀ ନଭେମ୍ବର ୩ ତାରିଖରୁ ଫର୍ମ ପୂରଣ ଆରମ୍ଭ ହେବ। ଆସନ୍ତା ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ଏନେଇ ଆଜି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି

ଅନୁଯାୟୀ, ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଫର୍ମ ପୂରଣ ନିୟମ ନିର୍ଦ୍ଧାରଣ କରାଯାଇଛି। ରେଗୁଲାର ବର୍ଗରେ ସ୍କୁଲ ରେଗୁଲାର (ଏସ୍‌ଆର୍) ଓ କ୍ୱାସି ରେଗୁଲାର (କ୍ୟୁଆର୍) ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦ୍ୱାରା ଅନଲାଇନ୍‌ରେ କରାଯିବ। ସେହିପରି ଏକ୍ସ-ରେଗୁଲାର (ଇଆର୍), କରେସପଣ୍ଡେନ୍ସ କୋର୍ସ ରେଗୁଲାର (ସିଆର୍) ଓ କରେସପଣ୍ଡେନ୍ସ କୋର୍ସ ଏକ୍ସ-ରେଗୁଲାର (ସିଇଆର୍) ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଅଫଲାଇନ୍‌ରେ କରାଯିବ। ଫର୍ମ ପୂରଣ ସମ୍ପର୍କିତ ଅନଲାଇନ୍ ଲିଙ୍କ୍, ବିସ୍ତୃତ ନିର୍ଦ୍ଦେଶାବଳୀ ଓ ପର୍ଯ୍ୟାୟ କ୍ରମେ ଫର୍ମ ପୂରଣ ପ୍ରକ୍ରିୟା ବୋର୍ଡର ଅଫିସିଆଲ୍ ୱେବସାଇଟ୍‌ରେ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

■ ବଂଶଧାରା-ଋଷିକୁଲ୍ୟାରେ ବନ୍ୟା ଆତଙ୍କ

୪୭ ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଛି। ଏହି ବର୍ଷା ପରେ ଏହି ସବୁ ଜିଲ୍ଲାରେ ବଢ଼ିଛି ବନ୍ୟା ଆଶଙ୍କା। ବିଶେଷକରି ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଅଧିକ ବର୍ଷା ଯୋଗୁଁ ବଂଶଧାରା ଓ ଋଷିକୁଲ୍ୟା ନଦୀରେ ବନ୍ୟା ସ୍ଥିତି ଉପୁଜିଛି। ଋଷିକୁଲ୍ୟା ଅବବାହିକାରେ ପ୍ରାୟ ୨୦୦ ମିଲିମିଟର ଓ ବଂଶଧାରା ଅବବାହିକାରେ ୧୨୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ରାଜ୍ୟର ୪୭ଟି ସ୍ଥାନରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗୁରୁବାର ଅପରାହ୍ନ ୪ଟା ପରେ ବନ୍ୟା ସ୍ଥିତିରେ ସୁଧାର ଆସିବା ଆଶା କରାଯାଉଛି। ଆସନ୍ତାକାଲି ସକାଳ ସୁଦ୍ଧା ନଦୀଗୁଡ଼ିକର ଜଳ ସ୍ତର ହ୍ରାସ

ପାଇପାରେ। ଅନ୍ୟପଟେ ପୁରୁଷୋତ୍ତମପୁରରେ ଜଳ ସ୍ତର ୧୯ ମିଟରରେ ପହଞ୍ଚିଛି, ଯେଉଁଠାରେ ବିପଦ ସଙ୍କେତ ୧୭ ମିଟର ରହିଛି। ଅର୍ଥାତ୍ ବିପଦ ସଙ୍କେତଠାରୁ ପ୍ରାୟ ୨ ମିଟର ଉପରେ ପାଣି ପ୍ରବାହିତ ହେଉଛି। ବାଉନ୍ଦା ନଦୀରେ ମଧ୍ୟ ବନ୍ୟା ସ୍ଥିତି ଦେଖାଦେଇଛି। ଜଳ ସ୍ତର କମିବାକୁ ଆହୁରି ୬ରୁ ୮ ଘଣ୍ଟା ସମୟ ଲାଗିପାରେ। ଏଥିଯୋଗୁଁ ଟ୍ରେନ୍ ଚଳାଚଳ ଉପରେ ମଧ୍ୟ ପ୍ରଭାବ ଜାରି ରହିବ। ସେହିପରି ବାଘଲତି ଜଳଭଣ୍ଡାରରେ ୪ଟି ଗେଟ୍ ଖୋଲା ରହିଛି ଓ ଜଳଭଣ୍ଡାରକୁ ଜଳ ପ୍ରବେଶର ପରିମାଣ କମିଛି। ବର୍ତ୍ତମାନ ମହାନଦୀର ଜଳସ୍ତର ୬୨୭ ଫୁଟ ରହିଛି। ଆଗାମୀ ବର୍ଷାରୁ ଆସିବାକୁ ଥିବା ଜଳକୁ ଜଳଭଣ୍ଡାରରେ ରଖିବା ପାଇଁ ଆକଳନ କରାଯାଇଛି। ଆବଶ୍ୟକ ପଡ଼ିଲେ ଆସନ୍ତା ୩୦ ତାରିଖରେ ଜଳଭଣ୍ଡାରର ଗେଟ୍ ଖୋଲାଯାଇପାରେ। ବର୍ତ୍ତମାନ ମହାନଦୀରେ ବନ୍ୟା ଆଶଙ୍କା ନଥିବା ସ୍ପଷ୍ଟ କରିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ। ବର୍ଷା ଓ ନଦୀର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଇଥିବା ବେଳେ ଆଗାମୀ ସମୟରେ ସ୍ଥିତିର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନିଆଯିବ।

୨୦୨୭ ଜନଗଣନା ପାଇଁ ବିଏମ୍‌ସିର ପ୍ରଶିକ୍ଷଣ ଶିବିର

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନକୁ ଗୁରୁତ୍ୱ

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ୨୦୨୭ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଚାର୍ଜ ଅଫିସର ଓ ଚାର୍ଜ ଅଫିସିଆଲଙ୍କ ନିମନ୍ତେ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଛି। ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ଓଡ଼ିଶାର ଜନଗଣନା ପରିଚାଳନା ନିର୍ଦ୍ଦେଶକ ତଥା ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଓ ବିଏମ୍‌ସି କମିଶନର ତଥା ଭୁବନେଶ୍ୱର ଅଞ୍ଚଳର ପ୍ରମୁଖ ଜନଗଣନା ଅଧିକାରୀ ଚଞ୍ଚଳ ରାଣା ଯୋଗଦେଇ ଜନଗଣନାର ବିଭିନ୍ନ ଦିଗ ଉପରେ ଆବଶ୍ୟକ ମାର୍ଗଦର୍ଶନ କରିଥିଲେ। ଜନଗଣନା କାର୍ଯ୍ୟରେ ସଠିକତା, ସମନ୍ୱୟ ଓ ସମୟାନୁବର୍ତ୍ତିତା ବଜାୟ ରଖିବା ସହ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଜନଗଣନା କାର୍ଯ୍ୟର ସୁପରିଚାଳନା ପାଇଁ ବିଏମ୍‌ସି ଅଞ୍ଚଳକୁ ୮ଟି ଚାର୍ଜ କ୍ଷେତ୍ରରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ ନିମନ୍ତେ ୮ ଜଣ ଚାର୍ଜ ଅଫିସର ବା ଡେପୁଟି କମିଶନର, ୮ ଜଣ ଅତିରିକ୍ତ ଚାର୍ଜ ଅଫିସର, ୮ ଜଣ ଚାର୍ଜ କ୍ଲର୍କ ଓ ୮ ଜଣ ବୈଷୟିକ ସହାୟକଙ୍କୁ ନିୟୋଜିତ କରାଯାଇଛି। ଏହି ଅଧିକାରୀ ଓ କର୍ମଚାରୀମାନଙ୍କୁ ଜନଗଣନା ସମ୍ପର୍କିତ ପ୍ରକ୍ରିୟା, ଦାୟିତ୍ୱ ଓ କାର୍ଯ୍ୟ ପରିଚାଳନା ବିଷୟରେ ଦୁଇଦିନ ଧରି ପ୍ରଶିକ୍ଷଣ ଦିଆଯାଇଥିଲା।

■ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲା

ହାଇକୋର୍ଟଙ୍କ ହସ୍ତକ୍ଷେପକୁ ସ୍ୱାଗତ କଲା ବିଜେଡି

ଏଜିଙ୍କ ରାଜନୈତିକ ବୟାନକୁ ନେଇ ଉଠାଇଲା ପ୍ରଶ୍ନ

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ବିଜେଡିର ବରିଷ୍ଠ ଉପସଭାପତି ତଥା ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ୮ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ସମ୍ପର୍କିତ ମାମଲାରେ ହାଇକୋର୍ଟଙ୍କ ହସ୍ତକ୍ଷେପକୁ ସ୍ୱାଗତ କରିଛନ୍ତି। ଏଥିସହ ଆଡଭୋକେଟ ଜେନେରାଲଙ୍କ ରାଜନୈତିକ ବୟାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଶ୍ରୀମତୀ ମଲ୍ଲିକ କହିଥିଲେ ଯେ କ୍ରସ ଭୋଟିଂ ଅଭିଯୋଗରେ ବିଜେଡି ପୂର୍ବରୁ ବିଧାନସଭାର ବାଚସ୍ପତିଙ୍କ ନିକଟରେ ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ନିୟମ ଅନୁଯାୟୀ ଆବେଦନ କରିଥିଲା। କିନ୍ତୁ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ବାଚସ୍ପତି ଏହାକୁ ଗ୍ରହଣ ନ କରି ଖାମଖିଆଲ ଭାବେ ରାଜନୈତିକ ଉଦ୍ଦେଶ୍ୟ ରଖି ଖାରଜ କରିଥିଲେ। ଏହାକୁ ନେଇ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାସେ ତଳେ ହାଇକୋର୍ଟ ଏହାକୁ ଗ୍ରହଣ କରି ବାଚସ୍ପତିଙ୍କୁ ନୋଟିସ୍ ଜାରି କରିଥିବା ବେଳେ ବାଚସ୍ପତି ଜବାବ ଦାଖଲ ପାଇଁ ସମୟ ନେଇଥିଲେ। ଆଜି ପ୍ରଥମ ପର୍ଯ୍ୟାୟରେ ହାଇକୋର୍ଟ ୫ ବିଧାୟକଙ୍କ ସଭ୍ୟ ପଦ କାହିଁକି ରଦ୍ଦ ନ ହେବ, ସେନେଇ ନୋଟିସ୍ ଜାରି କରି ନିଜ ପକ୍ଷ ରଖିବାକୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆଡଭୋକେଟ୍ ଜେନେରାଲ ଆଜି ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ଯେଉଁ ବିଧାୟକମାନେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ, ସେମାନଙ୍କ ସଭ୍ୟ ପଦ ରଦ୍ଦ ଉପରେ ମତାମତ ନ ରଖି ବିଜେଡି ବାଚସ୍ପତିଙ୍କ ପାଖରେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ନେଇ କରିଥିବା ଆବେଦନ ଉପରେ ଆଡଭୋକେଟ୍ ଜେନେରାଲ ମନ୍ତବ୍ୟ ରଖିବା ନିନ୍ଦନୀୟ। ସେ କହିଛନ୍ତି ଯେ ନ୍ୟାୟିକ ପ୍ରକ୍ରିୟା ଉପରେ ଆସ୍ଥା ପ୍ରକଟ କରିବା ସହ ଏହି ମାମଲା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ ହେବ ବୋଲି ଦଳ ଆଶା ରଖିଛି।

ବାଘୁଆ ଜଳଭଣ୍ଡାରର ବଢ଼ିଲା ଜଳସ୍ତର

■ ୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ବୁଗୁଡ଼ା,୨୯।୧୦(ସଂଚାର ବ୍ୟୁରୋ): ଅର୍ଣ୍ଣବ ପ୍ରଭାବରେ ଠୁହାକୁ ଠୁହା ବର୍ଷା ରାଜ୍ୟରେ ଜାରି ରହିଛି। ଫଳରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମତାଙ୍ଗରିସ୍ଥିତ ବାଘୁଆ ଜଳଭଣ୍ଡାରର ଜଳସ୍ତର ବିପଦ ସଙ୍କେତ ନିକଟରେ ପହଞ୍ଚିଥିଲା। ଜଳଭଣ୍ଡାରର ସୁରକ୍ଷିତ ଓ ଜଳ ସ୍ତରର ବିପଦକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ଜଳଭଣ୍ଡାରର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରି ବାଘୁଆ ନଦୀରେ ଛାଡ଼ିଛି। ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୧୩.୮୫ ମିଟର ଥିବା ବେଳେ ଏବେ ଜଳଭଣ୍ଡାରର ଜଳସ୍ତରର ଉଚ୍ଚତା ୧୧୩.୧୫ ମିଟର ରହିଛି। ସେହିପରି ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ୧୦୪ ଘନ ମିଟର ଜଳ ଜଳଭଣ୍ଡାରରେ ପ୍ରବେଶ କରୁଥିବା ବେଳେ ୨ଟି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୭୬ ଘନ ମିଟର ଜଳ ନିଷ୍କାସିତ ହେଉଛି। ସୂଚନା ଥାଉକି, ଭଞ୍ଜନଗର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ର ଓ ତାଙ୍କ କର୍ମଚାରୀଙ୍କ ଉପସ୍ଥିତିରେ ବାଘୁଆ ଜଳଭଣ୍ଡାରର ୨ଟି ସ୍ପିଲ ୱେ ଗେଟ୍ ଖୋଲାଯାଇ ଅତିରିକ୍ତ ବନ୍ୟାଜଳକୁ ନିଷ୍କାସନ କରାଯାଇଥିଲା। ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ପୂର୍ବରୁ ବିଭାଗୀୟ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ନଦୀକୁ କେହି ନ ଯିବା ସହ ଗୃହପାଳିତ ପଶୁମାନଙ୍କୁ ନଦୀକୁ ନ ଛାଡ଼ିବା ନେଇ ସତର୍କ ସୂଚନା ଦିଆଯାଇଛି।

୫ ଫୁଟ୍ ପାଣିରେ ଫସିଲା ଦୁଇ ଟ୍ରକ୍

■ ୧୬ ଜଣଙ୍କୁ ସୁରକ୍ଷିତ ଉଦ୍ଧାର

ବ୍ରହ୍ମପୁର,୨୯।୧୦(ସଂଚାର ବ୍ୟୁରୋ): ଆନ୍ଧ୍ରରେ ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ତାଣ୍ଡବ ରଚିଥିବା ବେଳେ ଓଡ଼ିଶାରେ ଆଣିଛି 'ବର୍ଷା' ବିପ୍ଲବ। ବାତ୍ୟା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଦେଖା ଦେଇଛି ବିପର୍ଯ୍ୟୟ। ପ୍ରବଳ ବର୍ଷା ଫଳରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ନଦୀ ନାଳ ଗୁଡ଼ିକ ଫୁଲି ଉଠିଛି। ଗଞ୍ଜାମରେ ଋଷିକୂଲ୍ୟା, ବହୁଦା, ବଦନଦୀ, ବାଘୁଆ, ଧନେଇ, ନନ୍ଦିନୀ ଭଳି ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ଗାଁ ଗାଁରେ ପାଣି ପଶିଛି । ଶେରଗଡ଼ ବଡ଼ଦାଣ୍ଡରେ ଲହଡି ଭାଙ୍ଗୁଛି ପାଣି । ପୁରୁଷୋତ୍ତମପୁର ଅଞ୍ଚଳ ବିଭିନ୍ନ ଗାଁ ରେ ଜଳବନ୍ଦୀ ସ୍ଥିତି । ଚିକିଟି ବ୍ଲକ୍ କଳବାଡ ପଞ୍ଚାୟତର ନୂଆ ମୌଶାନପୁର ଗାଁ ପାଣି ଘେରରେ ରହିଛି। ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଛି । ଓଡ଼ିଶା-ଆନ୍ଧ୍ର ପ୍ରଦେଶ ଜାତୀୟ ରାଜପଥ ୧୬ ରାସ୍ତା ଉପରେ ୫ ଫୁଟର ପାଣି ପ୍ରବାହିତ । ଫଳରେ ଯାତାୟାତ ଠପ୍ ହୋଇଯାଇଛି । ଫସିଥିଲା ଦୁଇଟି ଟ୍ରକ୍। ୧୬ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କଲା ଅଗ୍ନିଶମ ବିଭାଗ। ଲଗାଣ ବର୍ଷା ଯୋଗୁଁ ବହୁଦା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବନ୍ୟା ପାଣି ଏବେ ଜାତୀୟ ରାଜପଥ ୧୬ ଉପରେ ପ୍ରବାହିତ ହେଉଛି ।

କେଏମସି ସ୍ୱାସ୍ଥ୍ୟାଧିକାରୀଙ୍କୁ ୨୫ ହଜାର ଜୋରିମାନା

୩ ବର୍ଷ ପରେ ମଧ୍ୟ ମିଳୁନି ଘରୋଇ ହସ୍ପିଟାଲର ତଥ୍ୟ

କଟକ,୨୯।୧୦(ସଂଚାର ବ୍ୟୁରୋ): କଟକ ସହର ଗଳିକନ୍ଦିରେ ଦିନକୁ ଦିନ ମାଳମାଳ ହସ୍ପିଟାଲ ଖୋଲୁଥିବା ବେଳେ ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ବିଭାଗୀୟ ଅଧିକାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଖୋଲି ରୋଗୀ ଚିକିତ୍ସା କରୁଥିବା ଦେଖାଯାଉଛି, ଯାହାଦ୍ୱାରା ଚିକିତ୍ସା ସମୟରେ ରୋଗୀ ମୃତ୍ୟୁ ନେଇ ମାମଲା ରୁଜୁ ହେଉଥିବା ବେଳେ କେତେକ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ କେଏମସିର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମିଳିତ ଯାଞ୍ଚ ସମୟରେ ଅନେକ ହସ୍ପିଟାଲରୁ ମୋଟା ଅଙ୍କର ଜରିମାନା ସହ ହସ୍ପିଟାଲ ବନ୍ଦ କରାଯାଇଛି। ଏହା କେତେବେଳେ ପୁଣି ଖୋଲିଯାଉଛି ତ କେତେକ ହସ୍ପିଟାଲ ଜରିମାନା ଆକାରରେ ଦେଉଥିବା ଚେକ୍ ବାଉନ୍ସ ହୋଇଛି, ଯାହା ସୂଚନା ଅଧିକାର ଆଇନ ମାଧ୍ୟମରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ସହରରେ ଥିବା ଘରୋଇ ହସ୍ପିଟାଲ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ କେଏମସିକୁ ଗତ ୨୦୨୩ ଜୁଲାଇ ୧୯ରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ଏହି ତଥ୍ୟ ନ ମିଳିବାରୁ ୨୦୨୩ ସେପ୍ଟେମ୍ବରରେ କେଏମସି ପ୍ରଥମ ଅପିଲ କର୍ତ୍ତୃପକ୍ଷ ନିକଟରେ ସେ ପ୍ରଥମ ଅପିଲ କରିଥିଲେ। ତିନି ଥର ଶୁଣାଣି ପରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ପାଇଁ ଅର୍ଡର କରିବା ସତ୍ତ୍ୱେ ମଧ୍ୟ ଏହାକୁ ବେଖାତିର କରି ତଥ୍ୟ ପ୍ରଦାନ କରିନଥିଲେ। ତଥ୍ୟ ପାଇଁ ଓ ଘରୋଇ ହସ୍ପିଟାଲରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଜିତେନ୍ଦ୍ର ୨୦୨୪ ଏପ୍ରିଲ୍ ୧୫ରେ ରାଜ୍ୟ ସୂଚନା କମିଶନଙ୍କ ପାଖରେ ଦ୍ୱିତୀୟ ଅପିଲ କରି ତଥ୍ୟ ପ୍ରଦାନରେ ଡଙ୍କକତା, ବିଳମ୍ବ କରିଥିବା ଜନସୂଚନା ଅଧିକାରୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ୨୫ ହଜାର ଜରିମାନା ଓ କ୍ଷତିପୂରଣ ବାବଦରେ ଜିତେନ୍ଦ୍ରଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବା ପାଇଁ ଅପିଲ କରିଥିଲେ।

ରାଜ୍ୟ ସୂଚନା କମିଶନ ସଦସ୍ୟ ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କ କୋର୍ଟରେ ୩ ଥର ଶୁଣାଣି ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନ ଥିବା ଯୋଗୁଁ କେଏମସିର ତତ୍କାଳୀନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ତଥା ବର୍ତ୍ତମାନ ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ ସତ୍ୟବ୍ରତ ମହାପାତ୍ରଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ଜୋରିମାନା କରିଛନ୍ତି। ଏହି ଜରିମାନା ରାଶି ସରକାରଙ୍କ ରାଜକୋଷର ଏକ ନିର୍ଦ୍ଦିଷ୍ଟ ଲିଖିତ ଆକାଉଣ୍ଟରେ ଜମା ନ କଲେ କେଏମସି କମିଶନର ୫ଟି କିସ୍ତିରେ ୫ ମାସରେ ଦରମାରୁ ଉକ୍ତ ଆକାଉଣ୍ଟରେ ଜମା କରିବେ ବୋଲି ଅର୍ଡର କରିଛନ୍ତି। କଟକରେ ମାଳ ମାଳ ବେଆଇନ ଘରୋଇ ହସ୍ପିଟାଲ ଥିବାବେଳେ ଡଃ ମହାପାତ୍ରଙ୍କ ଭଳି ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ସେମାନଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ନୀରବ ରହୁଛନ୍ତି, ଯାହାଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେବା ସହ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହେଉଛି। ସମସ୍ତ ହସ୍ପିଟାଲର କାଗଜପତ୍ର ଯାଞ୍ଚ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ଦାବି କରିବା ସହ ଦୀର୍ଘ ୩ ବର୍ଷ ପରେ ସୂଚନା କମିଶନ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଅର୍ଡର ଦେଇଥିବାରୁ ଜିତେନ୍ଦ୍ର ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୩୦ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Friday 30 October 2026, Bhubaneswar

ମହାରାଲି ଯଥେଷ୍ଟ କି?

କଂଗ୍ରେସ ନେତା ଓ ଲୋକସଭାର ବିରୋଧୀ ଦଳୀୟ ନେତା ରାହୁଲ ଗାନ୍ଧୀ ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଲା ମୈଦାନରେ 'ଚଲୋ ଦିଲ୍ଲୀ' ବା 'ଦିଲ୍ଲୀ ଚଲୋ' ମାର୍ଚ୍ଚ ଓ ମହାରାଲିର ଆହ୍ୱାନ ଦେଇଛନ୍ତି। ଏହା ଭାରତୀୟ ଜାତୀୟ କଂଗ୍ରେସ ଓ ଇଣ୍ଡିଆ ଗଠବନ୍ଧନର ଏକ ବୃହତ୍ ଆନ୍ଦୋଳନର ଅଂଶ ଭାବେ ଦେଖାଯାଉଛି। ସେମାନେ ନିର୍ବାଚନ ଆୟୋଗର ବିଶେଷ ତୀବ୍ର ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରୁ ନାମ ବାଦ ପଡ଼ିବା, କଥିତ 'ଭୋଟ ଚୋରି' ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ପଦତ୍ୟାଗ ଦାବି କରିଛନ୍ତି। ରାହୁଲ ଗାନ୍ଧୀ ଏହାକୁ କେବଳ ଗୋଟିଏ ଦଳର କାର୍ଯ୍ୟକ୍ରମ ନୁହେଁ, ବରଂ 'ଭାରତର ଆତ୍ମା'ର ମାର୍ଚ୍ଚ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ଛାତ୍ରଛାତ୍ରୀ ସମେତ ସମସ୍ତ ନାଗରିକଙ୍କୁ ଯୋଗ ଦେବାକୁ ଆହ୍ୱାନ ଦେଇଛନ୍ତି।

ଏହି ଆହ୍ୱାନ କେତେକାଂଶରେ ସାର୍ବଜନୀନ ଧ୍ୟାନ ଆକର୍ଷଣ କରିଛି। ବିରୋଧୀ ଦଳ ଯୁକ୍ତି କରନ୍ତି ଯେ ଭୋଟର ତାଲିକାରୁ ବାସ୍ତବ ଭୋଟରଙ୍କ ନାମ ବାଦ ପଡ଼ିବା ଗଣତନ୍ତ୍ର ଓ ସମ୍ବିଧାନ ପାଇଁ ବିପଦ। ସେମାନେ ଏହାକୁ ଏକ ବୃହତ୍ ଜନଆନ୍ଦୋଳନର ରୂପ ଦେବାକୁ ଚେଷ୍ଟା କରୁଛନ୍ତି, ଯେଉଁଥିରେ କୃଷକ, ଶ୍ରମିକ, ମହିଳା, ଯୁବକ ଓ ବ୍ୟବସାୟୀଙ୍କୁ ମଧ୍ୟ ସାମିଲ କରାଯିବାର କଥା କୁହାଯାଉଛି। ଯଦି ଏହି ରାଲିରେ ବହୁସଂଖ୍ୟକ ଲୋକ ଯୋଗ ଦିଅନ୍ତି, ତେବେ ଏହା ମିଡ଼ିଆ ଓ ଜନମତରେ ଚାପ ସୃଷ୍ଟି କରିପାରେ। ଇତିହାସରେ ବୃହତ୍ ଜନସମାବେଶ କେତେକ ସମୟରେ ସରକାରଙ୍କୁ ନୀତି ପରିବର୍ତ୍ତନ କରିବାକୁ ବାଧ୍ୟ କରିଛି। ଉଦାହରଣ ସ୍ୱରୂପ, କୃଷକ ଆନ୍ଦୋଳନ କିମ୍ବା ଅନ୍ୟାନ୍ୟ ବଡ଼ ପ୍ରତିବାଦ କାର୍ଯ୍ୟକ୍ରମ ସରକାରଙ୍କ ଉପରେ ରାଜନୈତିକ ଚାପ ସୃଷ୍ଟି କରିଥିଲା। ତଥାପି, ଏହି ଆହ୍ୱାନ କେତେଦୂର ପ୍ରଭାବଶାଳୀ ହୋଇପାରିବ ତାହା ସନ୍ଦେହଜନକ। ପ୍ରଥମତଃ, କେନ୍ଦ୍ରରେ ବର୍ତ୍ତମାନର ସରକାର ସୁଦୃଢ଼ ସଂଖ୍ୟାଗରିଷ୍ଠତା ଭୋଗ କରୁଛନ୍ତି। ଏକ ରାଲି କିମ୍ବା ମାର୍ଚ୍ଚ ମାତ୍ର ସରକାରଙ୍କୁ ନୀତି

ବଦଳାଇବାକୁ ବାଧ୍ୟ କରିପାରେ ନାହିଁ, ଯଦି ନାହିଁ ବ୍ୟାପକ ଜନସମର୍ଥନ ଓ ଦୀର୍ଘସ୍ଥାୟୀ ଚାପ ନ ଥାଏ। ଅତୀତରେ ବିରୋଧୀ ଦଳଙ୍କ ଅନେକ ଆନ୍ଦୋଳନ ସୀମିତ ପ୍ରଭାବ ରଖିଥିଲା। ଦ୍ୱିତୀୟତଃ, ନଭେମ୍ବର ୧ ତାରିଖ ଦୀପାବଳୀ ପର୍ବର ସମୟରେ ପଡ଼ିଛି। ଦିଲ୍ଲୀର ବ୍ୟବସାୟୀ ସଂଗଠନଗୁଡ଼ିକ ଏହି ରାଲିକୁ ସ୍ଥଗିତ ରଖିବାକୁ କିମ୍ବା ସ୍ଥାନ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛନ୍ତି, କାରଣ ଏହା ବଜାର ଓ ବ୍ୟବସାୟକୁ ପ୍ରଭାବିତ କରିପାରେ। ଏହା ଜନସମର୍ଥନକୁ କମ୍ କରିପାରେ। ତୃତୀୟତଃ, ବିରୋଧୀ ଦଳଙ୍କ ସଂଗଠନାତ୍ମକ ଶକ୍ତି ଓ ଏକତା ଏବେ ମଧ୍ୟ ପ୍ରଶ୍ନବାଚୀ। ଇଣ୍ଡିଆ ଗଠବନ୍ଧନ ଭିତରେ ବିଭିନ୍ନ ଦଳଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହଜ ନୁହେଁ। ଯଦି ରାଲିରେ ଅଂଶଗ୍ରହଣ ଆଶା ଅନୁଯାୟୀ ନ ହୁଏ, ତେବେ ଏହା ବିରୋଧୀ ଦଳଙ୍କ ପାଇଁ ରାଜନୈତିକ ପରାଜୟ ଭାବେ ଦେଖାଯିବ। ଅନ୍ୟପକ୍ଷରେ, ସରକାର ଏହି ଆନ୍ଦୋଳନକୁ ରାଜନୈତିକ କୌଶଳ ଭାବେ ଚିତ୍ରିତ କରି ନିଜର ପକ୍ଷରେ ଲୋକଙ୍କୁ ଏକତ୍ରିତ କରିପାରନ୍ତି। ନିର୍ବାଚନ ଆୟୋଗ ନିଜର କାର୍ଯ୍ୟକୁ ସୁସ୍ଥ ଓ ଆବଶ୍ୟକ ବୋଲି ଦାବି କରିଆସୁଛି, ଯେଉଁଥିରେ ମୃତ, ସ୍ଥାନାନ୍ତରିତ ଓ ଡୁପ୍ଲିକେଟ୍ ନାମ ବାଦ ପଡ଼ିଥିବାର କଥା କୁହାଯାଉଛି।

ସାମଗ୍ରିକ ଭାବେ, ଏହି 'ଦିଲ୍ଲୀ ଚଲୋ' ଆହ୍ୱାନ ସାର୍ବଜନୀନ ଆଲୋଚନାକୁ ଉତ୍ତେଜିତ କରିପାରେ ଏବଂ ବିରୋଧୀ ଦଳଙ୍କୁ ଏକ ମଞ୍ଚ ପ୍ରଦାନ କରିପାରେ। ତଥାପି, ସରକାର ଉପରେ ବାସ୍ତବିକ ଓ ଦୀର୍ଘସ୍ଥାୟୀ ଚାପ ସୃଷ୍ଟି କରିବା ପାଇଁ କେବଳ ଏକ ରାଲି ଯଥେଷ୍ଟ ନୁହେଁ। ଏଥିପାଇଁ ଆବଶ୍ୟକ ହେବ ବ୍ୟାପକ ଜନସମର୍ଥନ, ସ୍ପଷ୍ଟ ପ୍ରମାଣ, ଆଇନଗତ ପଦକ୍ଷେପ ଓ ଦୀର୍ଘକାଳୀନ ରାଜନୈତିକ କୌଶଳ। ଯଦି ଏହା କେବଳ ରାଜନୈତିକ ପ୍ରଦର୍ଶନର ସ୍ତରରେ ରହିଯାଏ, ତେବେ ଏହାର ପ୍ରଭାବ ସୀମିତ ରହିବ। ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତ ପକ୍ଷଙ୍କୁ ବିଶ୍ୱାସ, ସ୍ପଷ୍ଟତା ଓ ସମ୍ବିଧାନିକ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦେବା ଉଚିତ। କେବଳ ଆହ୍ୱାନ ନୁହେଁ, ବରଂ ବାସ୍ତବିକ ପରିବର୍ତ୍ତନ ଆଣିବାର ସାମର୍ଥ୍ୟ ହିଁ ଏହାର ସଫଳତା ନିର୍ଣ୍ଣୟ କରିବ।

ଶ୍ରୀମନ୍ଦିର ଭୋଗ ପରମ୍ପରାରେ ବାଳଭୋଗ

ସନ୍ତୋଷ କୁମାର ଦାଶ

ପୁରୀ ଶ୍ରୀମନ୍ଦିର ରେ ବ୍ରାହ୍ମମୁହୂର୍ତ୍ତ ରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରୀ ବିଗ୍ରହ ମାନଙ୍କୁ ବିଭିନ୍ନ ପ୍ରକାରର ଭୋଗ ଲାଗି କରା ଯାଇଥାଏ। ଶ୍ରୀ ବିଗ୍ରହ ମାନଙ୍କୁ ୫୬ ପ୍ରକାର ର ୬୦ ପଉଟି ଭୋଗ ଲାଗି କରାଯାଇଥାଏ ବୋଲି କୁହାଯାଏ। ତେବେ ପ୍ରତିବର୍ଷ ଆଶ୍ୱିନ ମାସ ଶୁକ୍ଳ ଏକାଦଶୀରୁ ଆରମ୍ଭ କରି କାର୍ତ୍ତିକ ମାସ ଶୁକ୍ଳ ଦଶମୀ ଯାଏଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଖରେ ଏକ ନିଆରା ଭୋଗ ଲାଗି ହୁଏ, ଯାହାର ନାମ ହେଉଛି ବାଳଭୋଗ। ଏହା ପଛରେ ଏକ ଅଲୌକିକ କାହାଣୀ ରହିଛି। ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ଦିନେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସେତେ ବେଳେ ଜଣେ ସେବକ ନିଜ ମୁଣ୍ଡରେ ଖୋସିଥିବା ମହାର୍ଦ୍ଧ ଫୁଲକୁ ପ୍ରସାଦ ଭାବରେ ରାଜାଙ୍କୁ ଦେଇ ଦେଲେ। ରାଜା ଯେତେ ବେଳେ ସେହି ଫୁଲକୁ ଦେଖିଲେ, ସେଥିରେ ଗୋଟିଏ ଚୁଟି ଲାଗି ଥିବାର ଦେଖିଲେ। ରାଜା ବୁଝିଗଲେ ଯେ ଏହା ସେବକର ମୁଣ୍ଡ ରେ ଲାଗିଥିବା ଫୁଲ। ଯେତେବେଳେ ଏହାର କାରଣ ପଚାରନ୍ତି ସେବାୟତ କହିଲେ ମହାପ୍ରଭୁଙ୍କ ମୁଣ୍ଡରେ କେଶ ଅଛି। ତେଣୁ ସେହି କେଶ ଲାଗିଥିବ। ଏଥିରେ କ୍ରୋଧିତ ହୋଇ ରାଜା ସେବକଙ୍କୁ ଡକାଇ ଆଣିଲେ ଓ କହିଲେ ଯଦି ଏହା ସତରେ ମହାପ୍ରଭୁ ଙ୍କ ପ୍ରସାଦ ଫୁଲ, ତେବେ ମହାପ୍ରଭୁଙ୍କ ମଥାରେ ଚୁଟି ଅଛି ବୋଲି ପ୍ରମାଣ ଦିଅ।ସେବକ ଜଣକ ଭୟରେ ମହାପ୍ରଭୂ ଙ୍କ ଶରଣ ନେଲେ। ରାତିରେ ମହାପ୍ରଭୁ ତାଙ୍କ ସ୍ୱପ୍ନରେ ଆସି ଅଭୟ ଦେଲେ।ପର ଦିନ ରାଜା ଆସି କେଶ ଦେଖାଇବାକୁ ଜିଦ୍ ଧରିବାରୁ ସେବକ କହିଲେ ମହାରାଜ, ଆପଣ ନିଜେ ଶ୍ରୀ ବିଗ୍ରହ ଙ୍କୁ ଦର୍ଶନ କରନ୍ତୁ। ରାଜା ଚାହିଁ ଦେଖନ୍ତି ତ ସତରେ ଶ୍ରୀଜଗନ୍ନାଥଙ୍କ ମସ୍ତକରେ କେଶ ରହିଛି। ସେ ତାହାକୁ ନକଲି ଭାବି ଜୋରରେ ଟାଣି ଦିଅନ୍ତେ ସଙ୍ଗେ ସଙ୍ଗେ ଠାକୁରଙ୍କ ମସ୍ତକରୁ ରକ୍ତ ଧାର ବୋହିବାକୁ ଲାଗିଲା। ଏହା ଦେଖି ରାଜା ମହାପ୍ରଭୁଙ୍କ ପାଖରେ କ୍ଷମା ପ୍ରାର୍ଥନା କଲେ ଓ ସେବକଙ୍କ ଚରଣରେ ପଡି ଗଲେ।ଏହି ଦିବ୍ୟ ଘଟଣାକୁ ମନେ ରଖିବା ପାଇଁ ରାଜା ମହାପ୍ରଭୁଙ୍କ ପାଇଁ ଏକ ନୂତନ ଭୋଗର ବ୍ୟବସ୍ଥା କଲେ, ଯାହା ବାଳ ଭୋଗ ନାମରେ ପ୍ରସିଦ୍ଧ ହେଲା ଏବଂ ଏହାକୁ ମାଦଳା ପାଞ୍ଜିରେ ଲେଖି ରଖିବାକୁ ଆଦେଶ ଦେଲେ। ସେହି ପରମ୍ପରା ଅନୁଯାୟୀ ଆଜି ବି ଆଶ୍ୱିନ ମାସ ଏକାଦଶୀ ତିଥି ଠାରୁ କାର୍ତ୍ତିକ ମାସ ଦଶମୀ ଯାଏଁ ଶ୍ରୀ ବିଗ୍ରହ ମାନଙ୍କ ରାଧା ଦାମୋଦର ବେଶରେ ମହାପ୍ରଭୁଙ୍କୁ ଏହି ବାଳଭୋଗ ଅର୍ପଣ କରାଯାଏ।

ଏହି ଭୋଗ ରେ ଶୁଖିଲା ଖଇ, ଉଖୁଡା, ସର,ଖୁଆ, ସୋଲା ଭଜା ,ଗଜାମୁଗ,ବିଭିନ୍ନ ଫଳମୂଳ,ଅଦା, ନଡ଼ିଆପାତି ପ୍ରଭୃତି ଅର୍ପଣ କରାଯାଇଥାଏ। ଭକ୍ତ ମାନେ ମଧ୍ଯ ଏହି ବାଳ ଭୋଗ ଅର୍ପଣ କରିବା ପରମ୍ପରା ରହିଛି। କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଶ୍ୟାଳୀ ମାନେ ପ୍ରାତଃ ରେ ଏହି ଭୋଗ ଖାଇବା ପରେ ଅନ୍ୟ ଖାଦ୍ୟ ଖାଇଥାନ୍ତି।ଭାଗ୍ୟରେ ଥିଲେ ମିଳେ ଶ୍ରୀ ଜଗନ୍ନାଥ ଙ୍କ ବାଳ ଭୋଗ। ଜୟ ଜଗନ୍ନାଥ ସ୍ୱାମୀ।।

ଅମାନିଆ ନିଜାମ ଓ ଲୌହପୁରୁଷଙ୍କ 'ଅପରେସନ ପୋଲୋ'

ବିଜନ କୁମାର ମହାପାତ୍ର

ଭାରତ ସ୍ୱାଧୀନ ହେଲା ପରେ ଏହାର ଅଂଶ ହୋଇ ରହିବାକୁ ଚାହୁଁନଥିଲା ନିଜାମ ଶାସିତ ମୁସଲିମ ବହୁଳ ତତ୍କାଳୀନ ହାଇଦ୍ରାବାଦ ଷ୍ଟେଟ୍। ହାଇଦ୍ରାବାଦ ନିଜାମଙ୍କ ଉଗ୍ର ଭାରତ ବିରୋଧୀ ମନୋଭାବ ଓ ପାକିସ୍ତାନ ପ୍ରୀତି ନେହେରୁ ସରକାରଙ୍କ ପ୍ରତି ସୃଷ୍ଟି କରିଥିଲା ମସ୍ତବଡ ଆହ୍ୱାନ। ସ୍ୱରାଷ୍ଟ୍ର ମନ୍ତ୍ରୀ ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପାଇଁ ହାଇଦ୍ରାବାଦର ଆକ୍ରମଣାତ୍ମକ ଆଭିମୁଖ୍ୟ ଥିଲା ଏକ ବଡ ମୁଣ୍ଡବ୍ୟଥା। କଥାବାର୍ତ୍ତା ଜରିଆରେ ହାଇଦ୍ରାବାଦର ଭାରତରେ ମିଶ୍ରଣ ପାଇଁ ନିଜାମଙ୍କୁ ପ୍ରବର୍ତ୍ତାଇବାରେ ବିଫଳ ହୋଇଥିଲେ ନେହେରୁ ସରକାର। ତେଣୁ ବାଧ୍ୟ ହୋଇ ନିଜାମଙ୍କ ହାଇଦ୍ରାବାଦ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଥିଲା ଏକମାତ୍ର ବିକଳ୍ପ। ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁ କିନ୍ତୁ ପ୍ରଥମରୁ ହାଇଦ୍ରାବାଦର ମିଶ୍ରଣ ପାଇଁ ବଳପ୍ରୟୋଗ ସପକ୍ଷରେ କୁଣ୍ଠିତ ଥିଲେ। ହେଲେ ହାଇଦ୍ରାବାଦ ନିଜାମଙ୍କ ଉଗ୍ର ଭାରତ ବିରୋଧୀ ଆଭିମୁଖ୍ୟ ଓ ସାଂପ୍ରଦାୟିକ ନୀତି ଯୋଗୁଁ ବଳପ୍ରୟୋଗ ସପକ୍ଷରେ ମତ ଦେଇଥିଲେ ସୌରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ।

ଆଜିର ତେଲେଙ୍ଗାନା, କର୍ଣାଟକ ଏବଂ ମହାରାଷ୍ଟ୍ରର କିଛି ଅଞ୍ଚଳ ଥିଲା ସେତେବେଳର ହାଇଦ୍ରାବାଦ ରାଜ୍ୟ। ସପ୍ତମ ନିଜାମ ମୀର ଉସମାନ ଅଲ୍ଲୀ ଖାନ୍ ଭାରତରେ ହାଇଦ୍ରାବାଦର ମିଶ୍ରଣ ସପକ୍ଷରେ ନଥିଲେ। ସେ ମଧ୍ୟ ହାଇଦ୍ରାବାଦକୁ ପାକିସ୍ତାନରେ ମିଶାଇବାକୁ ଚାହୁଁନଥିଲେ। ହାଇଦ୍ରାବାଦକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ରଖିବା ସପକ୍ଷରେ ଥିଲେ ନିଜାମ ମୀର ଉସମାନ। ହାଇଦ୍ରାବାଦ ନିଜାମ ୧୯୪୭ ମସିହା ଜୁନ୍ ୨୬ ତାରିଖରେ ଜାରି କରିଥିଲେ ଏକ ରାଜପତ୍ର। ହାଇଦ୍ରାବାଦ ସରକାର ଭାରତ କିମ୍ବା ପାକିସ୍ତାନର ଅଂଶ ହେବ ନାହିଁ ବୋଲି ରାଜପତ୍ରରେ କୁହାଯାଇଥିଲା। ଐତିହାସିକ ଡକ୍ଟର ଏସ.ଏନ ପ୍ରସାଦଙ୍କ ପୁସ୍ତକ 'ଅପରେସନ ପୋଲୋ - ଦି ପୋଲିସ ଆକସନ୍ ଏଗନେଷ୍ଟ ହାଇଦ୍ରାବାଦ'ରେ ଏ ସଂପର୍କରେ ଉଲ୍ଲେଖ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ବ୍ରିଟିଶ ଶାସନ ସମୟରୁ ହିଁ ନିଜାମ ଶାସିତ ହାଇଦ୍ରାବାଦର ଅଲଗା ମୁଦ୍ରା, ନୋଟ୍, ଷ୍ଟାମ୍ପ ଓ ସ୍ୱତନ୍ତ୍ର ସେନା ରହିଥିଲା। ଭାରତରେ ମିଶ୍ରଣ ପରିବର୍ତ୍ତେ ହାଇଦ୍ରାବାଦକୁ ଏକ 'ଡୋମିନିୟନ ଷ୍ଟେଟ୍'ର ମାନ୍ୟତା ସହ ବ୍ରିଟିଶ ରାଜ୍ୟଗୋଷ୍ଠୀରେ ସାମିଲ ପାଇଁ ବ୍ରିଟେନକୁ ଅନୁରୋଧ କରିଥିଲେ ନିଜାମ। କିନ୍ତୁ ଭାରତ ବ୍ୟାପାରରେ ଆଉ ମୁଣ୍ଡ ଖେଳାଇବାକୁ ଚାହୁଁନଥିଲା ବ୍ରିଟେନ। ପ୍ରତ୍ୟାଖ୍ୟାତ ହୋଇଥିଲା ହାଇଦ୍ରାବାଦ ନିଜାମଙ୍କ ଅନୁରୋଧ।

ଭାରତର ସ୍ୱାଧୀନତାପ୍ରାପ୍ତି ପରେ ହାଇଦ୍ରାବାଦର ମିଶ୍ରଣ ପାଇଁ ନିଜାମଙ୍କୁ ତିନିମାସ ସମୟ ଦେଇଥିଲେ ନେହେରୁ ସରକାର। ୧୯୪୭ ମସିହା ସେପଟେମ୍ବର ୧୮ ତାରିଖରେ ହାଇଦ୍ରାବାଦ ନିଜାମ ଭାରତ ସହ ସଂପୃକ୍ତ ରହିବା ପାଇଁ ଇଚ୍ଛା ପ୍ରକାଶ କରି ସରକାରଙ୍କୁ ଏକ ଚିଠି ଲେଖିଥିଲେ। କିନ୍ତୁ ଏଥିପାଇଁ କିଛି ସର୍ତ୍ତ ରଖିଥିଲେ ନିଜାମ। ସେ ମଧ୍ୟ ଚେତାବନୀ ଦେଇଥିଲେ ଯେ, ଭାରତରେ ମିଶ୍ରଣ ହେଲେ ହାଇଦ୍ରାବାଦରେ ଅଶାନ୍ତି ଓ ରକ୍ତପାତ ସୃଷ୍ଟି ହେବ। ସେହିବର୍ଷ ଅକ୍ଟୋବର ୧୧ ତାରିଖରେ ହାଇଦ୍ରାବାଦ ନିଜାମ 'ଷ୍ଟାଣ୍ଡଷ୍ଟିଲ୍ ରାଜିନାମା'ର ଚିଠା ସହ ଏକ ପ୍ରତିନିଧିମଣ୍ଡଳ ଦିଲ୍ଲୀ ପଠାଇଥିଲେ। ପ୍ରତିରକ୍ଷା ଓ ବର୍ହିବ୍ୟାପାର କ୍ଷମତା ସଂପୂର୍ଣ୍ଣ ଭାବେ ଦିଲ୍ଲୀକୁ ହସ୍ତାନ୍ତର ପାଇଁ ନିଜାମଙ୍କ ଚିଠା ପ୍ରସ୍ତାବରେ ଉଲ୍ଲେଖ ନଥିଲା। ତେଣୁ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନିଜାମଙ୍କ ଷ୍ଟାଣ୍ଡଷ୍ଟିଲ୍ ରାଜିନାମା ଚିଠାକୁ ଖାରଜ କରିଦେଇଥିଲେ। ଏହା ପରିବର୍ତ୍ତେ ଗୃହ ସଚିବ ଭି.ପି ମେନନଙ୍କ



ଦ୍ୱାରା ପ୍ରସ୍ତୁତ ଏକ ସଂଶୋଧିତ ରାଜିନାମା ଚିଠା ନିଜାମଙ୍କୁ ପଠାଇଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍। ନିଜାମଙ୍କ କାର୍ଯ୍ୟନିର୍ବାହୀ ପରିଷଦ ଭାରତ ସରକାରଙ୍କ ରାଜିନାମା ଚିଠା ପ୍ରସ୍ତାବକୁ ସଂଖ୍ୟାଗରିଷ୍ଠତାରେ ଗୃହୀତ କରିଥିଲା। କିନ୍ତୁ ଏଥିରେ ଦସ୍ତଖତ କରିବାରେ ବିଳମ୍ବ କରିଥିଲେ ନିଜାମ। କାରଣ ସେତେବେଳେ ହାଇଦ୍ରାବାଦରେ ଏକ ମୁସଲିମ ପାର୍ଟି ମଜଲିସ୍ -ଇ-ଇତ୍ତେହଦୁଲ ମୁସଲିମିନ୍ (ଏମଆଇଏମ) ନିଜାମଙ୍କ ଉପରେ ଚାପ ପ୍ରୟୋଗ ଆରମ୍ଭ କରିଦେଇଥିଲା। ରାଜିନାମା ଏଭଳି ହେବା ଦରକାର ଯାହା ମୁସଲିମ ସଂଖ୍ୟାଗରିଷ୍ଠ ହାଇଦ୍ରାବାଦକୁ ଅଧିକ ସୁହାଉଥିବ ବୋଲି କହି ନିଜାମଙ୍କ ଉପରେ ଚାପ ପକାଇଥିଲେ ଏମଆଇଏମ୍ ନେତା କାସିମ ରିଜଭୀ। ରିଜଭୀଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ଥିଲେ ନିଜାମ। ନୂଆଦିଲ୍ଲୀ ସହ ଏକ ଆଉ ଏକ ସଂଶୋଧିତ ରାଜିନାମାରେ ହିଁ ସେ ଦସ୍ତଖତ କରିବେ ବୋଲି ଭାରତ ସରକାରଙ୍କୁ ଜଣାଇଥିଲେ ନିଜାମ।

୧୯୪୭ ମସିହା ନଭେମ୍ବର ୨୯ ତାରିଖରେ ମାତ୍ର ଏକ ବର୍ଷ ପାଇଁ ଭାରତ ସରକାର ଓ ହାଇଦ୍ରାବାଦ ମଧ୍ୟରେ ଏକ 'ଷ୍ଟାଣ୍ଡଷ୍ଟିଲ୍ ରାଜିନାମା' ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ହାଇଦ୍ରାବାଦରେ ଭାରତୀୟ ସେନା ମୁତୟନ ହୋଇପାରିବେ ନାହିଁ ବୋଲି ରାଜିନାମାରେ ଉଲ୍ଲେଖ ଥିଲା। ଏହାକୁ ପସନ୍ଦ କରିନଥିଲେ ହାଇଦ୍ରାବାଦରେ ଭାରତର ଏଜେଣ୍ଟ ଭାବେ ନିଯୁକ୍ତ ହୋଇଥିବା କେ.ଏମ ମୁନସୀ। ରାଜିନାମାରେ ଏହା ଏକ ଭାରତ ବିରୋଧୀ ଦୁର୍ବଳ ବିନ୍ଦୁ ବୋଲି ସେ ଅନୁଭବ କରିଥିଲେ। ଭାରତୀୟ ସେନାର ଅନୁପସ୍ଥିତି ଦ୍ୱାରା ହାଇଦ୍ରାବାଦ ଉପରେ ନୂଆଦିଲ୍ଲୀ ନିୟନ୍ତ୍ରଣ ହରାଇବ ବୋଲି ହୃଦବୋଧ କରିଥିଲେ ମୁନସୀ। ହାଇଦ୍ରାବାଦର କଂଗ୍ରେସ ଦଳ ମଧ୍ୟ ଏଭଳି ବ୍ୟବସ୍ଥାକୁ ଦୁର୍ବଳତାର ସଙ୍କେତ ବୋଲି କହି କଡା ସମାଲୋଚନା କରିଥିଲା।

ଏଣେ ହାଇଦ୍ରାବାଦରେ ବୃଦ୍ଧି ପାଉଥିଲା ଏମଆଇଏମ ଇତ୍ତେହଦୁଲର ପ୍ରଭାବ। ଏହି ଦଳର ସକ୍ରିୟ ସମର୍ଥନରେ ପରିପୁଷ୍ଟ ହୋଇଥିଲା ଘରୋଇ ରଜକାର ସେନା। ଏମଆଇଏମ ଓ ରଜକାର ସେନା ନିଜାମଙ୍କୁ ସମର୍ଥନ କରିବା ସହ ଭାରତରେ ହାଇଦ୍ରାବାଦର ମିଶ୍ରଣକୁ ଜୋରଦାର ବିରୋଧ କଲେ। ନିଜାମଙ୍କ ପ୍ରତ୍ୟକ୍ଷ ସମର୍ଥନରେ ରଜକାର ସେନା ହାଇଦ୍ରାବାଦର ହିନ୍ଦୁବହୁଳ ଅଞ୍ଚଳରେ ଦଙ୍ଗା ଭିଆଇବା ଆରମ୍ଭ କରିଦେଇଥିଲେ। ଅନ୍ୟପଟେ ହାଇଦ୍ରାବାଦରେ ବାମପନ୍ଥୀ ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଥିଲା। ଜମିଦାର ଓ ଦେଶମୁଖଙ୍କ ଅତ୍ୟାଚାର କବଳରୁ ମୁକ୍ତି ଚାହୁଁଥିଲେ ଲୋକେ। ଏସବୁ ପରିସ୍ଥିତି ନିଜାମ ମୀର ଉସମାନ ଅଲ୍ଲୀ ଖାନ୍ଙ୍କ ପାଇଁ ସୃଷ୍ଟ କରିଥି କରିଥିଲା ଜଟିଳ ପରିସ୍ଥିତି। ଏମଆଇଏମ ଇତ୍ତେହଦୁଲ ପାର୍ଟିର ପ୍ରଭାବରେ ଆସି ଭାରତ ସହ ସ୍ୱାକ୍ଷରିତ ରାଜିନାମାର ଉଲ୍ଲଂଘନ କରିଚାଲିଲେ ନିଜାମ। ତେଣେ ପାକିସ୍ତାନ ସହ ନିଜାମଙ୍କ ବଢୁଥିବା ଘନିଷ୍ଠତାରେ ଅଧିକ ଅଧିକ କ୍ଷୁବ୍ଧ ହୋଇଥିଲା ନୂଆଦିଲ୍ଲୀ। ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଉଦବିଗ୍ନ କରିଥିଲା ନିଜାମଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପ। ହାଇଦ୍ରାବାଦକୁ ଭାରତରେ ମିଶାଇବା ପାଇଁ ବଳ ପ୍ରୟୋଗ କରିବାକୁ ନିଷ୍ପତ୍ତି ନେଇଥିଲେ ଲୌହପୁରୁଷ। କୁଣ୍ଠିତ ନେହେରୁଙ୍କୁ ଶେଷରେ ପ୍ରବର୍ତ୍ତାଇବାରେ ସଫଳ ହୋଇଥିଲେ ସର୍ଦ୍ଦାର ପଟେଲ୍। ସାମରିକ ହସ୍ତକ୍ଷେପ ବିନା ହାଇଦ୍ରାବାଦ ନିଜାମ ଓ ଭାରତ ବିରୋଧୀ କାସିମ ରିଜଭୀଙ୍କୁ ଆୟତ୍ତ କରିବା ସମ୍ଭବ ନୁହେଁ ବୋଲି ହୃଦବୋଧ କରିଥିଲେ ଦୃଢମନା ପଟେଲ୍। ଭାରତର ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆମେରିକା ଓ ଜାତିସଂଘକୁ ଚିଠି ଲେଖି ନିଜାମ ସହାୟତା ଲୋଡିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା।

ହାଇଦ୍ରାବାଦକୁ ଭାରତରେ ମିଶାଇବା ପାଇଁ ୧୯୪୮ ସେପଟେମ୍ବର ୧୩ ତାରିଖରେ ଭାରତୀୟ ସେନା ଆରମ୍ଭ କରିଥିଲା 'ଅପରେସନ ପୋଲୋ'। ମେଜର ଜେନେରାଲ ଜେ.ଏନ୍ ଚୌଧୁରୀଙ୍କ ନେତୃତ୍ୱରେ ହାଇଦ୍ରାବାଦରେ ପ୍ରବେଶ କରିଥିଲେ ଭାରତୀୟ ସେନାର ୩୬ ହଜାର ଯବାନ। ଭାରତୀୟ ବାୟୁସେନା ପକ୍ଷରୁ କିଛି ଅଞ୍ଚଳରେ ବୋମାମାଡ ବି କରାଯାଇଥିଲା। ହାଇଦ୍ରାବାଦରେ ସେତେବେଳେ ଅଧିକ ପୋଲୋ ଗ୍ରାଉଣ୍ଡ ଥିବାରୁ ଭାରତୀୟ ସେନାର ଅଭିଯାନକୁ 'ଅପରେସନ ପୋଲୋ' ନାମ ଦିଆଯାଇଥିଲା। ୧୦୮ ଘଂଟାର ଅପରେସନ ପରେ ୧୯୪୮ ମସିହା ସେପଟେମ୍ବର ୧୭ ତାରିଖରେ ପରାଜୟ ସ୍ୱୀକାର କରିଥିଲେ ନିଜାମ ଓ ରଜକାର ସେନା। ହାଇଦ୍ରାବାଦରେ ଭାରତର ପ୍ରଭୁତ୍ୱକୁ ସ୍ୱୀକାର କରିଥିଲେ ନିଜାମ। ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚକ୍ଷଣ ରଣନୀତି ଓ ସମୟୋଚିତ ପଦକ୍ଷେପ ଯୋଗୁଁ ହିଁ ଭାରତରେ ହାଇଦ୍ରାବାଦର ମିଶ୍ରଣ ସମ୍ଭବ ହୋଇପାରିଥିଲା। ସେଥିପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଭାରତର ଲୌହପୁରୁଷ ଭାବେ ଚିର ନମସ୍ୟ।

ଉମା ନଗର (ଚତୁର୍ଥ ଲେନ୍)
ଲାଞ୍ଜିପଲ୍ଲୀ, ବ୍ରହ୍ମପୁର-୮
ମୋବାଇଲ୍:୮୮୪୭୮୪୨୪୨୪

ଚାର୍ଲସ୍ ଡାରୱିନ୍ ଓ ବିକାଶବାଦ ସିଦ୍ଧାନ୍ତ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ବିଜ୍ଞାନ ଜଗତରେ "ବିକାଶବାଦ ସିଦ୍ଧାନ୍ତ" ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଧାରଣା ଅଟେ। ବିକାଶବାଦ ବୋଲି କୁହାଯାଏ ସେହି ବିଜ୍ଞାନସମ୍ମତ ସିଦ୍ଧାନ୍ତକୁ ଯାହା ଜୀବଜଗତର ଉତ୍ପତ୍ତି ଓ ପରିବର୍ତ୍ତନ ବିଷୟରେ କହେ। ପୃଥିବୀରେ ଥିବା ସମସ୍ତ ଜୀବ ଏକ ସାଧାରଣ ପୂର୍ବଜଠାରୁ କ୍ରମେ କ୍ରମେ ଦୀର୍ଘ ସମୟ ଧରି ପରିବର୍ତ୍ତନ ହୋଇ ବିଭିନ୍ନ ପ୍ରଜାତିରେ ପରିଣତ ହୋଇଛନ୍ତି। ଏହି ଧାରଣାକୁ "ବିକାଶବାଦ ସିଦ୍ଧାନ୍ତ" କୁହାଯାଏ। ଏହି ସିଦ୍ଧାନ୍ତ ପ୍ରଥମେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଥିଲେ ଚାର୍ଲସ ଡାରୱିନ୍ । ସେ ୧୮୫୯ ମସିହାରେ ପ୍ରକାଶ କରିଥିବା ତାଙ୍କର ପ୍ରସିଦ୍ଧ ପୁସ୍ତକ ON THE ORIGIN OF SPECIES ମାଧ୍ୟମରେ ଜୀବଜନ୍ତୁ ଓ ଉଦ୍ଭିଦ ଜାତିର ଉତ୍ପତ୍ତି ଏବଂ ପରିବର୍ତ୍ତନ ବିଷୟରେ ଏହି ଧାରଣାକୁ ବିଶ୍ୱସାମ୍ନାରେ ଆଣିଥିଲେ। ବିକାଶବାଦ ଅନୁସାରେ ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁ ଓ ଉଦ୍ଭିଦ ଦୀର୍ଘ ସମୟ ଧରି ପ୍ରକୃତିର ପରିବର୍ତ୍ତନ ଓ "NATURAL SELECTION" ପ୍ରକ୍ରିୟା ଦ୍ୱାରା ଧୀରେ ଧୀରେ ବିକଶିତ ହୋଇଛନ୍ତି। ଏହା ଅନୁସାରେ ସମସ୍ତ ଜୀବ ଏକ ସାଧାରଣ ପୂର୍ବଜରୁ ଆସିଥାନ୍ତି ଏବଂ ପରିବେଶ ଅନୁସାରେ ତାଙ୍କର ଆକୃତି, ଗଠନ ଓ ଚରିତ୍ରରେ ପରିବର୍ତ୍ତନ ଘଟିଛି। ବିକାଶବାଦ ସିଦ୍ଧାନ୍ତ ଜୀବଜନ୍ତୁ ଓ ମନୁଷ୍ୟର ଉତ୍ପତ୍ତି ବିଷୟରେ ଏକ ବୈଜ୍ଞାନିକ ଓ ତର୍କସମ୍ମତ ବ୍ୟାଖ୍ୟା ଦେଇଥାଏ। ପୂର୍ବରୁ ଲୋକମାନେ ମନୁଷ୍ୟ ଓ ପ୍ରାଣୀମାନଙ୍କ ଉତ୍ପତ୍ତିକୁ କେବଳ ଧାର୍ମିକ ଗଳ୍ପ କିମ୍ବା ପୌରାଣିକ କଥାରେ ବ୍ୟାଖ୍ୟା କରୁଥିଲେ। କିନ୍ତୁ ବିକାଶବାଦ ଏହାକୁ ବୈଜ୍ଞାନିକ ପ୍ରମାଣ ଓ ପର୍ଯ୍ୟବେକ୍ଷଣ ଆଧାରରେ ବୁଝାଇଥାଏ। NATURAL SELECTION ବିକାଶବାଦର ମୂଳ ଧାରଣା ଅଟେ। ଏହା ଅନୁସାରେ ପ୍ରକୃତି ସେହି ଜୀବମାନଙ୍କୁ ବଞ୍ଚିବାକୁ ସହାୟତା କରେ ଯେଉଁମାନେ ପରିବେଶ ସହିତ ଭଲ ଭାବରେ ଖାପ ଖାଇପାରନ୍ତି। ଏହା ଦ୍ୱାରା ଜୀବଜଗତରେ ସ୍ୱାଭାବିକ ଭାବେ ଉତ୍କୃଷ୍ଟ ଗୁଣଗୁଡ଼ିକ ରହିଯାଏ। ବିକାଶବାଦ ସିଦ୍ଧାନ୍ତ ବାଇଓଲୋଜି, ଜିନେଟିକ୍ସ ଓ ମେଡିସିନ୍ ଭଳି ବିଭିନ୍ନ ବିଜ୍ଞାନ ଶାଖାର ଗବେଷଣାକୁ ଆଗକୁ ନେବାରେ ସହାୟତା କରିଛି। ଜୀବର ଜନ୍ମଗତ ଗୁଣ ଯାହାକୁ ଇଂରାଜୀରେ GENES କୁହଯାଏ ଓ ତାହାର ପରିବର୍ତ୍ତନ ବିଷୟରେ ବୁଝିବାରେ ଏହି ସିଦ୍ଧାନ୍ତ ଉପକାରୀ ଅଟେ। ବିକାଶବାଦ ଦେଖାଏ ଯେ ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଅନେକ ସାମ୍ୟତା ଅଛି। ଏହା ଆମକୁ ପ୍ରକୃତି ସହିତ ଆମର ସମ୍ପର୍କ ବୁଝାଇଥାଏ ଏବଂ ପ୍ରକୃତିକୁ ସୁରକ୍ଷା କରିବା ପାଇଁ ପ୍ରେରିତ କରେ।

ପୃଥିବୀରେ ମିଳୁଥିବା ପ୍ରାଚୀନ ଜୀବଜନ୍ତୁମାନଙ୍କ ଅବଶେଷ ଯାହକୁ ଇଂରାଜୀରେ FOSSILS କୁହଯାଏ ତାହା ମଧ୍ୟ ବିକାଶବାଦ ସିଦ୍ଧାନ୍ତକୁ ସମର୍ଥନ କରେ। ଏହା ଦେଖାଏ ଯେ ଜୀବମାନେ ଧୀରେ ଧୀରେ ପରିବର୍ତ୍ତନ ହୋଇ ନୂତନ ଜାତିରେ ପରିଣତ ହୋଇଛନ୍ତି। ବିକାଶବାଦ ଦେଖାଏ ଯେ ପ୍ରତ୍ୟେକ ଜୀବ ତାହାର ପରିବେଶ ସହିତ ଖାପ ଖାଇବାକୁ ଚେଷ୍ଟା କରେ। ଏହା ଆମକୁ ପ୍ରକୃତିର ନିୟମ ବୁଝିବାରେ ସହାୟତା କରେ। କେତେକ ଲୋକଙ୍କ ମତାନୁସାରେ ବିକାଶବାଦ ସିଦ୍ଧାନ୍ତର ସମସ୍ତ ପଦକ୍ଷେପ ପାଇଁ ପୂର୍ଣ୍ଣ ପ୍ରମାଣ ମିଳିନାହିଁ। ବିଶେଷ କରି କିଛି ଜୀବ ମଧ୍ୟବର୍ତ୍ତୀ ଆକୃତି (TRANSITIONAL FORMS) ଫସିଲ୍ ଭାବେ ଅତ୍ୟନ୍ତ କମ୍ ମିଳିଥାଏ ବୋଲି ଆପତ୍ତି କରାଯାଏ। କିଛି ଧାର୍ମିକ ଧାରଣା ଅନୁସାରେ ପୃଥିବୀ ଓ ଜୀବମାନେ ଭଗବାନଙ୍କ ଦ୍ୱାରା ସୃଷ୍ଟି ହୋଇଛନ୍ତି। ବିକାଶବାଦ ଏହି ଧାରଣା ସହିତ ସମ୍ପୂର୍ଣ୍ଣ



ମେଳ ଖାଉନଥିବାରୁ କିଛି ଲୋକ ଏହାକୁ ଅସ୍ୱୀକାର କରନ୍ତି। ବିକାଶବାଦ ଅନୁସାରେ ମନୁଷ୍ୟ ପ୍ରାଚୀନ ପ୍ରାଣୀମାନଙ୍କୁ ନେଇ ବିକଶିତ ହୋଇଛନ୍ତି। ଏହି ଧାରଣାକୁ କିଛି ଲୋକ ଗ୍ରହଣ କରିବାକୁ କଷ୍ଟକର ଭାବନ୍ତି। ବିକାଶବାଦ ଧୀରେ ଧୀରେ ହୋଇଥିବା ପ୍ରକ୍ରିୟା ଅଟେ ଏବଂ ଏହା ପାଇଁ ଲକ୍ଷ୍ୟ ଲକ୍ଷ୍ୟ ବର୍ଷ ସମୟ ଲାଗେ। ଏହାକୁ ପ୍ରୟୋଗଶାଳାରେ ସିଧାସଳଖ ପରୀକ୍ଷା କରିବା ଅସୁବିଧାଜନକ। ବିକାଶବାଦ ସତ୍ତ୍ୱେ ମଧ୍ୟ ଜୀବନର ପ୍ରଥମ ଉତ୍ପତ୍ତି କିପରି ହେଲା ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦିଏନାହିଁ। ଏହା କେବଳ ଜୀବମାନଙ୍କର ପରବର୍ତ୍ତୀ ବିକାଶକୁ ବୁଝାଏ। ବିକାଶବାଦ ଜୀବବିଜ୍ଞାନରେ ଏକ ମହତ୍ୱପୂର୍ଣ୍ଣ ଧାରଣା ଭାବେ ଗ୍ରହଣ କରାଯାଇଛି। ଏହା ଆମକୁ ପୃଥିବୀରେ ଥିବା ଜୀବଜଗତର ବିଭିନ୍ନତା ବୁଝିବାରେ ସହଯୋଗ କରେ। ଏହା ଦ୍ୱାରା ଆମେ ବୁଝିପାରୁ ଯେ କିପରି ଜୀବମାନେ ପରିବେଶ ସହ ଖାପ ଖାଇ ବଞ୍ଚି ରହନ୍ତି ଓ କିପରି ନୂତନ ପ୍ରଜାତି ଗଠିତ ହୁଏ। ବିକାଶବାଦ ଅନୁସାରେ ପୃଥିବୀରେ ଥିବା ଜୀବଗୁଡ଼ିକ ଏକେ ସମୟରେ ନୁହେଁ, ବରଂ ଦୀର୍ଘ ସମୟ ଧରି ପ୍ରାକୃତିକ ପରିବର୍ତ୍ତନ ଓ ପରିସ୍ଥିତି ଅନୁଯାୟୀ ଗଢ଼ିଉଠିଛନ୍ତି। ପ୍ରକୃତିରେ ଥିବା ଅନେକ ପରିବର୍ତ୍ତନ, ପରିବେଶ, ଖାଦ୍ୟ ଓ ପ୍ରତିସ୍ପର୍ଦ୍ଧା ଜୀବମାନଙ୍କୁ ବଞ୍ଚିବା ପାଇଁ ନୂତନ ଗୁଣ ଅର୍ଜନ କରିବାକୁ ବାଧ୍ୟ କରେ। ଯେଉଁ ଜୀବ ଏହି ପରିସ୍ଥିତିରେ ଖାପ ଖାଇପାରନ୍ତି ସେମାନେ ବଞ୍ଚିଯାନ୍ତି ଓ ଅନ୍ୟମାନେ ନଷ୍ଟ ହୋଇଯାନ୍ତି। ଏହାକୁ "ପ୍ରାକୃତିକ ବିଚୟନ" ବୋଲି କୁହାଯାଏ। ପ୍ରାକୃତିକ ବିଚୟନ ବିକାଶବାଦର ମୁଖ୍ୟ ଧାରଣା। ଏହାର ଅର୍ଥ ହେଉଛି ପ୍ରକୃତି ନିଜେ ନିଜେ ଏମିତି ଜୀବମାନଙ୍କୁ ବାଛିନେଉଛି ଯେଉଁମାନେ ଜୀବନ ପାଇଁ ଅଧିକ ଯୋଗ୍ୟ। ଦେଖାଯାଏ ଯେ କିଛି ପଶୁ ଶୀତ ଅଞ୍ଚଳରେ ବଞ୍ଚିବା ପାଇଁ ଘନ ଲୋମ ରଖନ୍ତି, ଆଉ କିଛି ପଶୁ ଗରମ ଅଞ୍ଚଳରେ ପତଳା ଲୋମ ସହ ଖାପ ଖାଇଛନ୍ତି। ଏହିପରି ପରିବେଶ ଅନୁଯାୟୀ ଜୀବମାନେ ନୂତନ ଗୁଣ ଉନ୍ନତ କରନ୍ତି। ବିକାଶବାଦ କହେ ଯେ ମଣିଷ ମଧ୍ୟ ଏକ ଦୀର୍ଘ ବିକାଶ ପ୍ରକ୍ରିୟାର ଫଳ। ପ୍ରାଚୀନ ସମୟରେ ମଣିଷ ଆଜିର ମଣିଷ ପରି ନଥିଲେ। ସେମାନେ କ୍ରମେ କ୍ରମେ ଶାରୀରିକ ଓ ବୁଦ୍ଧିମତାରେ ଉନ୍ନତି କରି ଆଜିର ଆଧୁନିକ ମଣିଷ ହୋଇଛନ୍ତି। ଏହି ଧାରଣାକୁ ବହୁତ ବୈଜ୍ଞାନିକ ଜୀବାଶ୍ମ ଅନୁସନ୍ଧାନ, ଜୀବବିଜ୍ଞାନ ଓ ଜେନେଟିକ୍ସ ଦ୍ୱାରା ସମର୍ଥନ କରିଛନ୍ତି। ଜୀବାଶ୍ମ ବିକାଶବାଦର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ଗଣାଯାଏ। ପୁରୁଣା ଶିଳା ଓ ପାଥର ମଧ୍ୟରେ ମିଳୁଥିବା ଜୀବାଶ୍ମ ଆମକୁ ପ୍ରାଚୀନ ଜୀବମାନଙ୍କ ବିଷୟରେ ତଥ୍ୟ ଦେଇଥାଏ। ଏହା ଦେଖାଏ ଯେ ପୂର୍ବରୁ ଥିବା ଜୀବ ଓ ଆଜିର ଜୀବମାନଙ୍କ ମଧ୍ୟରେ ଅନେକ ସମାନତା ଅଛି। ଏହି ସମାନତା ବିକାଶ ପ୍ରକ୍ରିୟାକୁ ସମର୍ଥନ କରେ।

ସମସ୍ତ ଦୃଷ୍ଟିକୋଣରୁ ଦେଖିଲେ ବିକାଶବାଦ ସିଦ୍ଧାନ୍ତ ବିଜ୍ଞାନ ଜଗତରେ ଏକ ମହତ୍ୱପୂର୍ଣ୍ଣ ଅବଦାନ ଅଟେ। ଚାର୍ଲ୍ସ ଡାରୱିନ୍ ଙ୍କ ଏହି ଧାରଣା ଜୀବଜଗତର ଉତ୍ପତ୍ତି ଓ ପରିବର୍ତ୍ତନ ବିଷୟରେ ଆମକୁ ନୂତନ ଦୃଷ୍ଟିକୋଣ ଦେଇଛି। ଏହା ବାଇଓଲୋଜି ଓ ଅନ୍ୟ ବୈଜ୍ଞାନିକ ଶାଖାର ଉନ୍ନତିରେ ଅସାଧାରଣ ଭୂମିକା ଳିଭାଇଛି। ତଥାପି ଏହି ସିଦ୍ଧାନ୍ତକୁ ନେଇ କେତେକ ଆଲୋଚନା ଓ ବିବାଦ ରହିଛି। କିଛି ଲୋକ ଏହାକୁ ସମ୍ପୂର୍ଣ୍ଣ ସତ୍ୟ ଭାବେ ମନେ କରନ୍ତି, ଯେତେବେଳେ ଅନ୍ୟ କିଛି ଲୋକ ଏହାର କିଛି ଦିଗକୁ ପ୍ରଶ୍ନ କରନ୍ତି। ତଥାପି ବିକାଶବାଦ ସିଦ୍ଧାନ୍ତକୁ ନେଇ କିଛି ମତଭେଦ ମଧ୍ୟ ରହିଛି। କିଛି ଧାର୍ମିକ ଧାରଣା ଅନୁସାରେ ଜୀବଜଗତର ସୃଷ୍ଟି ଭଗବାନଙ୍କ ଦ୍ୱାରା ହୋଇଛି ଓ ଏହା ଅପରିବର୍ତ୍ତନଶୀଳ। କିନ୍ତୁ ବୈଜ୍ଞାନିକମାନେ ପ୍ରମାଣ ଓ ଅନୁସନ୍ଧାନ ଆଧାରରେ ବିକାଶବାଦକୁ ସମର୍ଥନ କରନ୍ତି।ବିକାଶବାଦ ପୃଥିବୀରେ ଜୀବଜଗତର ଉତ୍ପତ୍ତି ଓ ବିଭିନ୍ନତା ବୁଝିବାରେ ଏକ ମୂଳ ଧାରଣା। ଏହା ଆମକୁ ଶିଖାଏ ଯେ ପ୍ରକୃତିରେ ସବୁକିଛି ଧୀରେ ଧୀରେ ପରିବର୍ତ୍ତନ ହୁଏ ଓ ସମୟ ସହିତ ନୂତନ ରୂପ ନେଇଥାଏ। ବିଜ୍ଞାନର ଉନ୍ନତି ସହ ଏହି ସିଦ୍ଧାନ୍ତ ଆହୁରି ସ୍ପଷ୍ଟ ଓ ମଜବୁତ ହୋଇଛି ଏବଂ ଆଜି ମଧ୍ୟ ଏହା ଜୀବବିଜ୍ଞାନର ଏକ ମୂଳ ଆଧାର ଭାବେ ଗ୍ରହଣ କରାଯାଉଛି। ସେହିପରି କୁହାଯାଇପାରେ ଯେ ବିକାଶବାଦ ସିଦ୍ଧାନ୍ତ ବିଜ୍ଞାନ ଓ ମାନବ ଜ୍ଞାନର ଏକ ମହାନ ଅବଦାନ ହେଲେ ମଧ୍ୟ ଏହା ଉପରେ ଗବେଷଣା ଓ ଚର୍ଚ୍ଚା ଆଗାମୀ ଦିନରେ ମଧ୍ୟ କ୍ରମାନୁଯାୟୀ ଚାଲିଥିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ୍:୮୨୪୯୫୦୨୭୭୬

ସନ୍ତ୍ରାସବାଦ ବିରୋଧରେ ଭାରତର ରଣହୁଙ୍କାର

ଆସିଆନ୍ ସମ୍ମିଳନୀରେ ବର୍ଷିଲେ ରାଜନାଥ

ଚୀନ୍-ପାକିସ୍ତାନକୁ କଡ଼ା ଚେତାବନୀ

ମାନିଲା, ୨୯।୧୦: ଦେଶାନ୍ତରୁ ସନ୍ତ୍ରାସବାଦ ଓ ଦକ୍ଷିଣ ଚୀନ୍ ସାଗରରେ ବୃଦ୍ଧି ପାଉଥିବା ସାମରିକ ଦାଦାଗିରି ବିରୋଧରେ ଭାରତ ସାରା ବିଶ୍ୱ ଆଗରେ ନିଜର ଆକ୍ରାମକ ଓ ଶାଣିତ ଅଭିମୁଖ୍ୟ ସ୍ପଷ୍ଟ କରିଛି। ସୀମାପାର ଆତଙ୍କବାଦକୁ ମାତ୍ ଦେବାରେ ଭାରତର ଯୁଦ୍ଧ-ପରୀକ୍ଷିତ (ବ୍ୟାଟଲ୍-ଟେଷ୍ଟେଡ୍) ଅଭିଜ୍ଞତା ଓ ରଣକୌଶଳକୁ ଆସିଆନ୍‌ର ସଦସ୍ୟ ରାଷ୍ଟ୍ର ଓ ସେମାନଙ୍କ ସହଯୋଗୀ ଦେଶଗୁଡ଼ିକ ସହ ପାଣ୍ଟ କରିବାକୁ ଭାରତ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି।

ଫିଲିପାଇନ୍ସର ସେବୁଠାରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ 'ଆସିଆନ ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀ ପ୍ଲସ'ରେ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ରାଜନାଥ ସିଂହ ଭାରତର ପ୍ରତିରକ୍ଷା ସାମର୍ଥ୍ୟର ସିଂହାବଲୋକନ କରିଥିଲେ। ଗତବର୍ଷ ଭାରତ ପକ୍ଷରୁ ଚାଲିଥିବା ସଫଳ 'ଅପରେସନ୍ ସିନ୍ଦୂର'ର ଦୃଷ୍ଟାନ୍ତ ଦେଇ ସେ କହିଥିଲେ ଯେ, ଆତଙ୍କବାଦୀ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ଓ ରାଜ୍ୟ-ପ୍ରାୟୋଜିତ ଆତଙ୍କବାଦ ପ୍ରତି ନୂଆଦିଲ୍ଲୀର ଶୂନ୍ୟ-ସହନଶୀଳତା (ଜିରୋ ଟଲେରାନ୍ସ) ଆଭିମୁଖ୍ୟର ଏହା ଏକ ବିରାଟ ପ୍ରମାଣ। ଦଶନ୍ଧି ଦଶନ୍ଧି ଧରି ସୀମାପାର ସୁରକ୍ଷା ନିରାପତ୍ତା ଓ ବିପଦର ସାମ୍ନା କରି ଭାରତ ନିଜର ବିଶେଷ ସନ୍ତ୍ରାସବାଦ-ବିରୋଧୀ କ୍ଷମତା ହାସଲ କରିଛି। ସଂଯୁକ୍ତ ସାମରିକ ଅଭ୍ୟାସ, କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ଗୁପ୍ତଚର ତଥ୍ୟ ଆଦାନପ୍ରଦାନ ଜରିଆରେ ସନ୍ତ୍ରାସବାଦ ବିରୋଧୀ ମିଳିତ ଲଢ଼େଇକୁ ଆହୁରି ମଜଭୁତ କରାଯାଇପାରିବ।

ଏହା ସହିତ ସମୁଦ୍ର ପଥରେ ଜାହାଜ ଚଳାଚଳ ଏବଂ ସାମୁଦ୍ରିକ ବାଣିଜ୍ୟ ପ୍ରତି ସୃଷ୍ଟି ହେଉଥିବା ବିପଦ ଉପରେ ଚିନ୍ତା ପ୍ରକଟ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ। କେବଳ ସାମୁଦ୍ରିକ ସୁରକ୍ଷା ନେଇ ମୁଖପତ୍ର କିମ୍ବା ବକ୍ତବ୍ୟ ରଖିବା ଯଥେଷ୍ଟ ନୁହେଁ, ବରଂ କ୍ଷେତ୍ରସ୍ତରରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଛନ୍ତି। ଭାରତ ମହାସାଗର ଏବଂ ସମଗ୍ର ଭାରତ-ପ୍ରଶାନ୍ତ (ଇଣ୍ଡୋ-ପାସିଫିକ୍) ଅଞ୍ଚଳରେ ଭାରତ ଜଣେ "ବିଶ୍ୱସ୍ତ ନିଟ୍ ସୁରକ୍ଷା ପ୍ରଦାନକାରୀ" ଭାବେ ନିଜର ଦାୟିତ୍ୱ ତୁଲାଉଛି।

ଦକ୍ଷିଣ ଚୀନ୍ ସାଗରରେ ଚୀନ୍‌ର ବୃଦ୍ଧି ପାଉଥିବା ଦୋଉଡ଼ା ସାମରିକ ଗତିବିଧି ଏବଂ ଦାଦାଗିରିକୁ ନେଇ ଆସିଆନ୍ ଦେଶଗୁଡ଼ିକ ଅସନ୍ତୁଷ୍ଟ ଥିବା ବେଳେ ରାଜନାଥ ସିଂହ ଚୀନ୍‌କୁ ଅପ୍ରତ୍ୟକ୍ଷ କଡ଼ା ଚେତାବନୀ ଦେଇଛନ୍ତି। ସେ ସାମୁଦ୍ରିକ ଆଇନ୍, ମୁକ୍ତ ନୌଚାଳନା ଓ ଆକାଶମାର୍ଗରେ ବିମାନ ଉଡ଼ାଣର ସ୍ୱାଧୀନତା ପାଇଁ ଭାରତ ସଦାସର୍ବଦା ଅଙ୍ଗୀକାରବଦ୍ଧ ବୋଲି ସ୍ପଷ୍ଟ କରିଛନ୍ତି ଯେ, ମିଳିତ ଜାତିସଂଘର ଭାରତ ଆନ୍ତର୍ଜାତୀୟ ସାମୁଦ୍ରିକ ଆଇନକୁ ସମର୍ଥନ କରେ ଏବଂ ଏହା କୌଣସି ନିର୍ଦ୍ଦିଷ୍ଟ ଦେଶ ବିରୋଧରେ ନୁହେଁ, ବରଂ ସମଗ୍ର ଆଞ୍ଚଳିକ ହିତଧାରକମାନଙ୍କର ସାମୂହିକ ସୁରକ୍ଷା ପାଇଁ ଆବଶ୍ୟକ।

ସିଇସିଙ୍କ ବିରୋଧରେ ଜନ ଅଭିଯୋଗ

ସଭାରେ ଅଧ୍ୟକ୍ଷତା କରିବେ ମୀରା କୁମାର

ନୂଆଦିଲ୍ଲୀ, ୨୯।୧୦: ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ରାଜନୈତିକ ଲଢ଼େଇକୁ ଆହୁରି ତୀବ୍ର କରିବାକୁ ଯାଉଛି ଇଣ୍ଡି ମେଣ୍ଟ। ମେଣ୍ଟ ଆସନ୍ତା ଅକ୍ଟୋବର ୩୦ ତାରିଖରେ ଦିଲ୍ଲୀରେ 'ଜନ ଅଭିଯୋଗ ସଭା'ର ଆୟୋଜନ କରିବାକୁ ଯାଉଥିବାବେଳେ ଏଥିରେ ଅଧ୍ୟକ୍ଷତା କରିବେ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସରକାରୀ ବାସଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ରାଜ୍ୟସଭାରେ ବିରୋଧୀ ଦଳ ନେତା ଖଡ଼ଗେ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରସ୍ତାବ ଆଗତ କରିବେ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଲୋଚନାର ଶେଷରେ ନିଜର ମତ ରଖିବେ। ବିଭିନ୍ନ ବିରୋଧୀ ଦଳର ପ୍ରତିନିଧିଙ୍କ ସହ ସାମାଜିକ ସଂଗଠନର ସଦସ୍ୟମାନେ ମଧ୍ୟ ଏଥିରେ ଯୋଗଦେବେ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ପ୍ରଭାବିତ ଲୋକମାନେ ନିଜ ଅନୁଭୂତି ଜଣାଇବେ।

ପ୍ରଥମେ ଅଶୋକା ହୋଟେଲ ଓ ପରେ ରାମଲୀଳା ମୈଦାନରେ କାର୍ଯ୍ୟକ୍ରମ ପାଇଁ ଅନୁମତି ନମିଳିବାରୁ ଏହାକୁ ଖଡ଼ଗେଙ୍କ ବାସଭବନକୁ ସ୍ଥାନାନ୍ତର କରାଯାଇଛି ବୋଲି କଂଗ୍ରେସ କହିଛି। ତେବେ ନଭେମ୍ବର ୧ରେ ଦିଲ୍ଲୀରେ ଭୋଟ ଚୋରି ଅଭିଯୋଗ ଓ ଏସ୍‌ଆଇଆର୍ ବିରୋଧରେ ବିରୋଧୀ ମେଣ୍ଟର ସମାବେଶ ହେବାକୁ ଯାଉଛି। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ଏହି ଆନ୍ଦୋଳନ ଜାତୀୟ ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି।

ଭୁଟାନ ସହ ଚୀନ୍‌ର ସୀମା ଆଲୋଚନା

ଭାରତର ବଢ଼ିଲା ଚିନ୍ତା

ନୂଆଦିଲ୍ଲୀ, ୨୯।୧୦: ଅରୁଣାଚଳ ପ୍ରଦେଶ ସୀମାରେ ଚୀନ୍‌ର ଗତିବିଧିକୁ ନେଇ ଭାରତର ଚିନ୍ତା ବଢ଼ିଥିବା ବେଳେ ଏବେ ଭୁଟାନ ସହ ଚୀନ୍‌ର ଦ୍ରୁତଗତିରେ ଚାଲିଥିବା ସୀମା ଆଲୋଚନା ମଧ୍ୟ ନୂଆଦିଲ୍ଲୀ ପାଇଁ ଚିନ୍ତାର କାରଣ ହୋଇଛି। ହିମାଳୟ ଅଞ୍ଚଳରେ ନିଜର ପ୍ରଭାବ ବଢ଼ାଇବାକୁ ଚୀନ୍ ଉଦ୍ୟମ କରୁଥିବାରୁ ଭାରତ ଏହି ଘଟଣାକ୍ରମ ଉପରେ ନଜର ରଖିଛି।

ଭାରତର ସୁରକ୍ଷା ଦୃଷ୍ଟିରୁ ଡୋକଲାମ ଅଞ୍ଚଳର ବିଶେଷ ଗୁରୁତ୍ୱ ରହିଛି। ଏହି ଅଞ୍ଚଳ ନିକଟରେ ରହିଛି ସିଲିଗୁଡ଼ି କରିଡର, ଯାହା ମୁଖ୍ୟ ଭାରତ ସହ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଯୋଡ଼ିଥାଏ। ଏହି ସଂକୀର୍ଣ୍ଣ ଭୂଖଣ୍ଡର ସୁରକ୍ଷା ଭାରତ ପାଇଁ ଅତ୍ୟନ୍ତ ଜରୁରୀ। ୨୦୧୭ରେ ଡୋକଲାମ ଅଞ୍ଚଳରେ ଚୀନ୍ ରାସ୍ତା ନିର୍ମାଣ ଉଦ୍ୟମ କରିବା ପରେ ଭାରତ ଓ ଚୀନ୍ ସେନା ମଧ୍ୟରେ ଦୀର୍ଘ ଦିନ ଧରି ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ପରେ ଚୀନ୍ ରାସ୍ତା ନିର୍ମାଣ ଯୋଜନାରୁ ଓହରିଥିଲା।

ବେଜିଂ ଓ ଥିମ୍ପୁ ମଧ୍ୟରେ ଥିବା ପ୍ରାୟ ୭୬୪ ବର୍ଗ କିଲୋମିଟର, ପଶ୍ଚିମ ଭୁଟାନରେ ୨୬୯ ବର୍ଗ କିଲୋମିଟର ଓ ଉତ୍ତର-କେନ୍ଦ୍ର ଭୁଟାନରେ ୪୯୫ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ କ୍ଷେତ୍ରୀୟ ବିବାଦ ରହିଛି। ଦୁଇ ଦେଶ ଦୀର୍ଘ ବର୍ଷ ଧରି ଏହି ବିବାଦର ସମାଧାନ ପାଇଁ ଆଲୋଚନା କରୁଛନ୍ତି। ୨୦୨୩ରେ ସୀମା ବିବାଦର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉଭୟ ଦେଶ ତିନି ପର୍ଯ୍ୟାୟ ବିଶିଷ୍ଟ ରାସ୍ତା ନିର୍ଦ୍ଧାରଣ କରିଥିଲେ। ଚଳିତ ଅକ୍ଟୋବର ୧୫ରେ ଥିମ୍ପୁଠାରେ ଦୁଇ ଦେଶର ଅଧିକାରୀମାନେ ୧୬ତମ ପର୍ଯ୍ୟାୟ ବୈଠକ ଶେଷ କରିଛନ୍ତି। ଆଲୋଚନାରେ ଅଗ୍ରଗତି ହୋଇଥିବା ଉଭୟ ପକ୍ଷ କହିଛନ୍ତି। ତେବେ ଚୀନ୍‌ର ଏହି ପଦକ୍ଷେପ ଭାରତର ଆଞ୍ଚଳିକ ସୁରକ୍ଷା ଉପରେ କି ପ୍ରଭାବ ପକାଇବ, ତାହା ଉପରେ ନୂଆଦିଲ୍ଲୀର ନଜର ରହିଛି।

ମୋଦିଙ୍କୁ ଭାରତ ରତ୍ନ ମିଳିବା ନେଇ ଦାବି

ନୂଆଦିଲ୍ଲୀ, ୨୯।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଭାରତ ରତ୍ନ' ମିଳିବା ଉଚିତ ବୋଲି ପଞ୍ଜାବର ବିଜେପି ରାଜ୍ୟସଭା ସାଂସଦ ବିକ୍ରମଜିତ ସିଂହ ସାହାଣୀ କହିଛନ୍ତି। ଏଥିପାଇଁ ଉଦ୍ୟମ କରିବାକୁ ସେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଅନୁରୋଧ କରିଛନ୍ତି। ସାହାଣୀ କହିଛନ୍ତି, ଯଦିଓ ପୂର୍ବରୁ ଅନେକ ପ୍ରଧାନମନ୍ତ୍ରୀ ଏହି ସମ୍ମାନ ପାଇଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକୃତରେ ଏଥିପାଇଁ ଅଧିକ ଯୋଗ୍ୟ। ସେ ଭାରତର ପ୍ରତିଛବିକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୨୫ ବର୍ଷର ଜନସେବା ଦେଶ ପ୍ରତି ଅସାଧାରଣ ସମର୍ପଣ ଓ ପ୍ରତିବଦ୍ଧତାର ଏକ ଯାତ୍ରା। ଭାରତ ପ୍ରତି ତାଙ୍କର ବିଶ୍ୱସ୍ତତା, ସମର୍ପଣ ଓ ନିଃସ୍ୱାର୍ଥପର ସେବାକୁ ଦୃଷ୍ଟିରେ ରଖି ମୁଁ ବିଶ୍ୱାସ କରେ ଯେ, ସେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପାଇବାକୁ ଯୋଗ୍ୟ ବୋଲି ସେ କହିଛନ୍ତି। ପଣ୍ଡିତ ଜବାହରଲାଲ ନେହେରୁ ଭାରତ ରତ୍ନ ପାଇବାରେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ। ତାଙ୍କୁ ୧୯୫୫ ମସିହାରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ୧୯୬୬ ମସିହାରେ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରାଯାଇଥିଲା। ନେହେରୁଙ୍କ ପରେ ସେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ। ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ୧୯୭୧ ମସିହାରେ ଭାରତ ରତ୍ନ ପାଇଥିଲେ। ତାଙ୍କୁ ସମ୍ମାନ ପ୍ରଦାନ କରାଯିବା ସମୟରେ ସେ ଦେଶର ପ୍ରଧାନମନ୍ତ୍ରୀ ପଦରେ ଥିଲେ। ଭାରତ ରତ୍ନ ପାଇଥିବା ପ୍ରଧାନମନ୍ତ୍ରୀଙ୍କ ତାଲିକାରେ ଚତୁର୍ଥ ହେଉଛନ୍ତି ମୋରାରଜୀ ଦେଶାଇ। ତାଙ୍କୁ ୧୯୯୧ ମସିହାରେ ଏହି ସମ୍ମାନ ଦିଆଯାଇଥିଲା। ସେତେବେଳେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ଥିଲେ।

ଶାନ୍ତି ଆଲୋଚନା ପାଇଁ ଚିଠି ଲେଖିଲେ ଭାନ୍ସ

ୱାଶିଂଟନ, ୨୯।୧୦: ନିଷ୍ପତ୍ତି ବଦଳାଇବାରେ ମାହିର ଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦେଶରେ ନଭେମ୍ବର ୩ରେ ହେବାକୁଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଇରାନ ପ୍ରସଙ୍ଗରେ ପୁଣି ୟୁଟର୍ଣ୍ଣ ନେଇଛନ୍ତି। ଉପରାଷ୍ଟ୍ରପତି ଜେଡି ଭାନ୍ସ ଶାନ୍ତି ଆଲୋଚନାକୁ ପୁନର୍ଜୀବିତ କରିବା ଓ ଏକ ସମ୍ଭାବ୍ୟ ନୂତନ ଆମେରିକୀୟ ସାମରିକ ଆକ୍ରମଣକୁ ରୋକିବା ପାଇଁ ନୂତନ ପ୍ରୟାସ ଭାବରେ ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ମୁଖ୍ୟ ମୋହସେନ ରେଜାଇଙ୍କୁ ଚିଠି ଲେଖିଛନ୍ତି। ଏନେଇ ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଏକ ରିପୋର୍ଟ ପ୍ରକାଶ କରିଛି। ସମ୍ବାଦପତ୍ର ଦ୍ୱାରା ଉଦ୍ଧୃତ ଏକ ସୂତ୍ର ଅନୁଯାୟୀ, ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ମୁଖ୍ୟଙ୍କ ନିକଟକୁ ଏହି ଚିଠି ପଠାଯାଇଛି। ଇରାନର ନେତୃତ୍ୱ ୱାସିଂଟନର ଉଦ୍ଦେଶ୍ୟ ପ୍ରତି କ୍ରମଶଃ ଅବିଶ୍ୱାସୀ ହେଉଥିବା ପରି ମନେ ହେଉଛି। ରିପୋର୍ଟରେ କୁହାଯାଇଛି, ଆମେରିକା ଏବଂ ଇରାନ ଅଧିକାରୀଙ୍କ ମଧ୍ୟରେ ଶାନ୍ତି ଚୁକ୍ତିର ବିବରଣୀ ନିର୍ଦ୍ଧାରଣ କରିବା ପରିବର୍ତ୍ତେ ଆଲୋଚନା ପାଇଁ ଏକ ଢାଞ୍ଚା ସ୍ଥାପନ କରିବା ଉପରେ ଧ୍ୟାନ ଦିଆଯାଇଛି।

କୁକି ଗଡ଼ରେ ବନ୍ଦୀ ୧୪୭ ନାଗା ନାଗରିକ

ଇମ୍ଫାଲ, ୨୯।୧୦: ମଣିପୁରରେ ମେଇତେଇ-କୁକି ହିଂସା ପରେ ଏବେ ନାଗା ଓ କୁକି ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। କାଙ୍ଗପୋକପି ଜିଲ୍ଲାର କୋନସାଖୁଲ୍ ଗ୍ରାମରେ ରହୁଥିବା ୧୪୭ ଜଣ ନାଗା ନାଗରିକ ଗତ ପାଞ୍ଚ ମାସ ହେବ ନିଜ ଗାଁ ଭିତରେ ଏକପ୍ରକାର ବନ୍ଦୀ ଜୀବନ ବିତାଉଛନ୍ତି। ଗ୍ରାମରୁ ବାହାରକୁ ଯିବା ପାଇଁ ଥିବା ଏକମାତ୍ର ରାସ୍ତାଟି କୁକି-ବହୁଳ ଅଞ୍ଚଳ ଦେଇ ଯାଇଥିବାରୁ ଆକ୍ରମଣ ଓ ଅପହରଣ ଭୟରେ ଗ୍ରାମବାସୀ ଗାଁ ବାହାରକୁ ପାଦ କାଢ଼ିପାରୁ ନାହାନ୍ତି। ଗତ ମେ' ୧୩ ତାରିଖରେ ଏହି ଗ୍ରାମର ୨୦ ଜଣ ନାଗା ନାଗରିକଙ୍କୁ ନିକଟସ୍ଥ ଲୋଇଲନ୍ ଭାଇଫେଇ ଗ୍ରାମର କୁକି ଗ୍ରାମବାସୀ ଅପହରଣ କରି ଉଗ୍ରପନ୍ଥୀଙ୍କୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଜୁନ୍ ୧୦ ତାରିଖରେ ସୁରକ୍ଷା ବାହିନୀ ୬ ଜଣ ନାଗା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହି ଘଟଣା ପରଠାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଗ୍ରାମରେ ଥିବା ୭୬ଟି ପରିବାର ମଧ୍ୟରୁ ଅନେକ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିବା ବେଳେ ଜମି ଜବରଦଖଲ ଭୟରେ ପ୍ରାୟ ୪୬ଟି ପରିବାରର ୧୪୭ ଜଣ ଲୋକ ଗାଁ ନଛାଡ଼ି ସେଠାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି।

ପାକିସ୍ତାନରେ ଅକ୍ସିଜେନ ସିଲିଣ୍ଡର ବିସ୍ଫୋରଣ

ଆମ୍ବୁଲାନ୍ସରେ ନିଆଁ ଲାଗି ୯ ଜୀବନ୍ତ ଦଗ୍ଧ

ଇସଲାମାବାଦ, ୨୯।୧୦: ପାକିସ୍ତାନର ସିନ୍ଧ ପ୍ରଦେଶର ଥରପାରକର ଜିଲ୍ଲାର ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭୟଙ୍କର ଦୁର୍ଘଟଣା ଘଟିଛି। ପାର୍କିଂ ହୋଇଥିବା ଏକ ଆମ୍ବୁଲାନ୍ସରେ ଅକ୍ସିଜେନ ସିଲିଣ୍ଡର ବିସ୍ଫୋରଣ ହେବାରୁ ଅଗ୍ନିକାଣ୍ଡ ଘଟି ଜଣେ ଗର୍ଭବତୀଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ଘଟିଛି।ଉଦ୍ଧାର ଅଧିକାରୀଙ୍କ ଅନୁଯାୟୀ, ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ କରାଚୀ ହସ୍ପିଟାଲକୁ ନେଉଥିବାବେଳେ ବାଟରେ ସେ ମୃତ୍ୟୁବରଣ କରିଛନ୍ତି। ପିପୁଲ୍ସ ପ୍ରାଇମେରୀ ହେଲଥ୍‌କେୟାର ଇନିସିଏଟିଭ୍ ଦ୍ୱାରା ପରିଚାଳିତ ଏକ ଆମ୍ବୁଲାନ୍ସରେ ଏହି ଦୁର୍ଘଟଣା ଘଟିଛି। ସ୍ୱାସ୍ଥ୍ୟ କର୍ମୀ ଏବଂ ଆମ୍ବୁଲାନ୍ସ କର୍ମଚାରୀମାନେ ଗାଡ଼ିର ଅକ୍ସିଜେନ୍ ସିଲିଣ୍ଡର ବଦଳାଉଥିବା ସମୟରେ ହଠାତ୍ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପରେ ଆମ୍ବୁଲାନ୍ସରେ ନିଆଁ ଲାଗି ଯାଇଥିଲା। ଫଳରେ କର୍ମଚାରୀ ଏବଂ ପାଖରେ ଥିବା ଅନ୍ୟ ଲୋକେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବା ପରେ ଆହତମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ପ୍ରାଦେଶିକ ହସ୍ପିଟାଲ ଏବଂ କରାଚୀର ଉଚ୍ଚ ଚିକିତ୍ସା କେନ୍ଦ୍ରକୁ ପଠାଇଥିଲେ।

ନ୍ୟାୟପାଳିକା ବିରୋଧରେ ମନ୍ତବ୍ୟ

ନିଃସର୍ତ୍ତ କ୍ଷମା ମାଗିଲେ ସଞ୍ଜୟ ରାଉତ

ନୂଆଦିଲ୍ଲୀ, ୨୯।୧୦: ନ୍ୟାୟପାଳିକା ଓ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗରେ ଶିବସେନା (ୟୁବିଟି) ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ସର୍ବୋଚ୍ଚ ଅଦାଲତଙ୍କୁ ନିଃସର୍ତ୍ତ କ୍ଷମା ମାଗିଛନ୍ତି ଓ ତାଙ୍କ ବିରୋଧରେ ପ୍ରସ୍ତାବିତ ଫୌଜଦାରୀ ଅବମାନନା ମାମଲା ବନ୍ଦ କରିବାକୁ ନିବେଦନ କରିଛନ୍ତି। କୋର୍ଟରେ ଦାଖଲ ହୋଇଥିବା ଏକ ସତ୍ୟପାଠରେ, ରାଉତ କହିଛନ୍ତି ଯେ, କ୍ଷମା ପ୍ରାର୍ଥନା ଅତ୍ୟନ୍ତ ଆନ୍ତରିକତା ଓ ପ୍ରକୃତ ଅନୁତାପର ସହିତ, କୌଣସି ସଂରକ୍ଷଣ, ଯଥାର୍ଥତା କିମ୍ବା ଯୋଗ୍ୟତା ବିନା କରାଯାଇଥିଲା। ସେ ଦୃଢ଼ୋକ୍ତି କରିଛନ୍ତି ଯେ, ସେ ସୁପ୍ରିମକୋର୍ଟ ଓ ନ୍ୟାୟିକ ପ୍ରତିଷ୍ଠାନ ପ୍ରତି ସର୍ବୋଚ୍ଚ ସମ୍ମାନ ରଖନ୍ତି, ଆଇନର ଶାସନ ବଜାୟ ରଖିବା, ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ଏବଂ ନାଗରିକଙ୍କ ଅଧିକାରକୁ ସୁରକ୍ଷା ଦେବାରେ ଏହାର ସାମ୍ବିଧାନିକ ଭୂମିକାକୁ ସ୍ୱୀକାର କରନ୍ତି। ସେ କୋର୍ଟକୁ କ୍ଷମା ପ୍ରାର୍ଥନା ଗ୍ରହଣ କରିବାକୁ, ଅକ୍ଟୋବର ୧୬ ତାରିଖରେ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସକୁ ଖାରଜ କରିବାକୁ ଓ ପ୍ରସ୍ତାବିତ ଅବମାନନା ପ୍ରକ୍ରିୟାକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ।

କାଲିଫର୍ଣ୍ଣିଆ ଡାକ ଭୋଟ୍ ବନ୍ଦ କରିବା ପ୍ରୟାସ

ଆମେରିକୀୟ କୋର୍ଟର ଟ୍ରମ୍ପ ପ୍ରଶାସନକୁ ଭର୍ତ୍ସନା

ୱାଶିଂଟନ, ୨୯।୧୦: ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ନ୍ୟାୟ ବିଭାଗକୁ କୋର୍ଟରୁ ଏକ ବଡ଼ ଝଟକା ଲାଗିଛି। ଲସ୍ ଆଞ୍ଜେଲସ୍ ଫେଡେରାଲ୍ ବିଚାରପତି ଡେଭିଡ୍ କାର୍ଟର ୨୦, ୦୦୦ ରୁ ଅଧିକ ପଞ୍ଜୀକୃତ ଭୋଟରଙ୍କ ଡାକ ବାଲାଟ ଗଣନାକୁ ଅବରୋଧ କରିବା ପାଇଁ ଟ୍ରମ୍ପ ପ୍ରଶାସନର ଅନୁରୋଧକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ ପ୍ରଶାସନ ଦାବି କରିଛି ଯେ, ଏହି ଭୋଟରମାନେ ଅଣ-ନାଗରିକ ହୋଇପାରନ୍ତି। ଫେଡେରାଲ୍ ବିଚାରପତି ଡେଭିଡ୍ କାର୍ଟର ତାଙ୍କ ଆଦେଶରେ କଡ଼ା ଟିପ୍ପଣୀ ଦେଇ ଆମେରିକୀୟ ଇତିହାସରେ ଏପରି କେବେ ଘଟିନାହିଁ ଯେ, ନିର୍ବାଚନର ପୂର୍ବ ସନ୍ଧ୍ୟାରେ ସରକାର କୌଣସି ରାଜ୍ୟ ଉପରେ ନିଜର ଇଚ୍ଛା ଲଦିବାକୁ ଚେଷ୍ଟା କରିଛନ୍ତି। ଏଭଳି କହି କୋର୍ଟ ଟ୍ରମ୍ପ ପ୍ରଶାସନକୁ ଭର୍ତ୍ସନା କରିଛନ୍ତି।

ଶୁଣାଣି ସମୟରେ ବିଚାରପତି କାର୍ଟର କଠୋର ସ୍ୱରରେ କହିଥିଲେ ଯେ, ଯଦି କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ଦୃଢ଼ ପ୍ରମାଣ ବିନା ଭୋଟ୍‌କୁ ପ୍ରତ୍ୟାଖ୍ୟାନ କରାଯାଏ ଏବଂ ଜାରି ରହିଥିବା ନିର୍ବାଚନକୁ ରୋକାଯାଏ ତେବେ ଆମର ଗଣତନ୍ତ୍ର ବିପଦରେ ପଡ଼ିଯିବ। ବିଚାରପତି ଚେତାବନୀ ଦେଇ କହିଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ସପକ୍ଷରେ ରାୟ ଦେଲେ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ବାଧା ସୃଷ୍ଟି ହେବ ଏବଂ ହଜାର ହଜାର ବୈଧ ଭୋଟରଙ୍କୁ ସେମାନଙ୍କର ଭୋଟଦାନ ଅଧିକାରରୁ ବଞ୍ଚିତ କରାଯିବ। ଦେଶରେ ଏନେଇ ପିଢ଼ି ପରେ ପିଢ଼ି ଲଢ଼େଇ ଜାରି ରହିଥିଲା।

ଛାତ୍ରଙ୍କ ଉପରେ ଅତ୍ୟାଚାରକୁ ଦେଶ ମନେରଖିବ

ସରକାରଙ୍କୁ ନସିରୁଦ୍ଦିନ୍ ଶାହଙ୍କ ସମାଲୋଚନା



ନୂଆଦିଲ୍ଲୀ, ୨୯।୧୦: ଦେଶରେ ଗଣତନ୍ତ୍ର, ଶିକ୍ଷାନୁଷ୍ଠାନ ଓ ଛାତ୍ର ଆନ୍ଦୋଳନକୁ ଦମନ କରାଯାଉଥିବା ଅଭିଯୋଗ କରି ବରିଷ୍ଠ ଅଭିନେତା ନସିରୁଦ୍ଦିନ୍ ଶାହ ସରକାର ଓ ମିଡିଆ ଉପରେ ବର୍ଷିଛନ୍ତି। 'ମୁଁ ଗର୍ବର ସହ କହୁଛି ଯେ ମୁଁ ଜଣେ ଦିମାଗୀ ନକ୍ସଲ', ବୋଲି ଏକ ଭିଡିଓ ବାର୍ତ୍ତାରେ ପ୍ରକାଶ କରି ସେ ସରକାରୀ ସମାଲୋଚକମାନଙ୍କୁ ଦେଶଦ୍ରୋହୀ ଓ ଟୁକଡେ-ଟୁକଡେ ଗ୍ୟାଙ୍ଗ୍ କହୁଥିବା ଗୋଷ୍ଠୀଙ୍କୁ କଡ଼ା ପ୍ରତ୍ୟୁତ୍ତର ଦେଇଛନ୍ତି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ), ସତ୍ୟଜିତ୍ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନଷ୍ଟିଚ୍ୟୁଟ୍ ଏବଂ ଜାମିଆ ମିଲିଆ ଇସଲାମିଆର ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରସଙ୍ଗ ଉଠାଇ ନସିରୁଦ୍ଦିନ୍ କହିଛନ୍ତି ଯେ, ସରକାର ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାଙ୍ଗିବାକୁ ଓ ଯୁବସମାଜର ସ୍ୱରକୁ ଦବାଇବାକୁ ଚେଷ୍ଟା କରୁଛନ୍ତି।

ବିପ୍ଳବୀ କବି ବିସମିଲ୍ ଅଜିମାବାଦୀଙ୍କ ପ୍ରସିଦ୍ଧ ପଂକ୍ତି 'ସରଫରୋଶୀ କି ତମନ୍ନା ଅବ୍ ହମାରେ ଦିଲ୍ ମେଁ ହୈ, ଦେଖନା ହୈ ଜୋର୍ କିତନା ବାଜୁ-ଏ-କାତିଲ୍ ମେଁ ହୈ' ଆବୃତ୍ତି କରି ସେ ଚେତାବନୀ ଦେଇଛନ୍ତି ଯେ ଛାତ୍ରମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦେଶ ମନେରଖିବ। ସମ୍ବାଦପତ୍ର ଓ ଗଣମାଧ୍ୟମର ଏକ ପ୍ରଭାବଶାଳୀ ଗୋଷ୍ଠୀ ଓ ଶାସକ ଦଳର ଆଇଟି ସେଲକୁ କଡ଼ା ଭାଷାରେ ସମାଲୋଚନା କରି ସେ କହିଛନ୍ତି, ଆପଣଙ୍କ ପାଖରେ ଯାହା ଶକ୍ତି ଅଛି ଲଗାଇଦିଅନ୍ତୁ, କିନ୍ତୁ ଏହି ଦେଶର ଯୁବକମାନଙ୍କ ମନୋବଳକୁ ଭଙ୍ଗାଯାଇପାରିବ ନାହିଁ କି ଗଣତନ୍ତ୍ରକୁ ବିପନ୍ନ କରାଯାଇପାରିବ ନାହିଁ।

ଚାକିରି ଦେବା ନାଁରେ ୬୩୪ କୋଟି ଅନିୟମିତତା

୨୫ ସ୍ଥାନରେ ଦୁର୍ନୀତି ନିରୋଧୀ ବିଭାଗର ଚଢ଼ାଉ

ଚେନ୍ନାଇ, ୨୯।୧୦: ତାମିଲନାଡୁରେ କଥିତ ଚାକିରି ଦୁର୍ନୀତିକୁ ନେଇ ରାଜନୈତିକ ଉତ୍ତେଜନା ବଢ଼ିଛି। ରାଜ୍ୟର ଦୁର୍ନୀତି ନିରୋଧୀ ଓ ସତର୍କତା ନିର୍ଦ୍ଦେଶାଳୟ (ଡିଭିଏସି) ଗୁରୁବାର ପୂର୍ବତନ ମନ୍ତ୍ରୀ ତଥା ଡିଏମ୍‌କେ ନେତା କେ.ଏନ୍. ନେହେରୁଙ୍କ ସହ ସମ୍ପର୍କିତ ୨୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ପୌର ପ୍ରଶାସନ ଓ ଜଳ ଯୋଗାଣ ବିଭାଗରେ ଚାକିରି ଦେବା ନାଁରେ ୬୩୪ କୋଟି ଟଙ୍କାର ଅନିୟମିତତା ହୋଇଥିବା ଅଭିଯୋଗର ତଦନ୍ତ ଏହାର ମୁଖ୍ୟ ଉଦ୍ଦେଶ୍ୟ। ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନେହେରୁ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୨୦୨୫ ଅକ୍ଟୋବରରେ ଏହି ଅନିୟମିତତା ସମ୍ପର୍କିତ ତଥ୍ୟ ରାଜ୍ୟ ପୁଲିସକୁ ଦେଇଥିଲା। ନେହେରୁ ମନ୍ତ୍ରୀ ଥିବା ସମୟରେ ସରକାରୀ ଚାକିରି ଦେବା ପାଇଁ ଆଶାୟୀଙ୍କଠାରୁ ଟଙ୍କା ନିଆଯାଇଥିବା ଅଭିଯୋଗ ରହିଛି। ଚଢ଼ାଉ ସମୟରେ ଅଧିକାରୀମାନେ କାଗଜପତ୍ର ଓ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟ ଯାଞ୍ଚ କରୁଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ ରାଜନୈତିକ ପ୍ରତିଶୋଧ ବୋଲି ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ସି. ଯୋସେଫ ବିଜୟ ରାଜ୍ୟର ଖରାପ ଆଇନଶୃଙ୍ଖଳା ପରିସ୍ଥିତିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏଭଳି ଚଢ଼ାଉ କରାଉଥିବା ସେ କହିଛନ୍ତି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। ଏହି ମାମଲାରେ ନେହରୁ ମାଡ୍ରାସ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ବିବରଣୀ ସାର୍ବଜନୀନ ଦାବିରେ ଜନସ୍ୱାର୍ଥ ମାମଲା

ତୃଣମୂଳ ସାଂସଦଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୯।୧୦: ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍), ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ଏବଂ ସେମାନଙ୍କ ମଧ୍ୟସ୍ଥ ସଂସ୍ଥାଗୁଡ଼ିକର ପ୍ରକୃତ ଲାଭାର୍ଥୀ ମାଲିକ ଓ ନିବେଶ ବିବରଣୀ ସାର୍ବଜନୀନ କରିବାକୁ ଦାବି କରି ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ଦାଖଲ କରିଥିବା ଜନସ୍ୱାର୍ଥ ମାମଲାକୁ ଗୁରୁବାର ଖାରଜ କରିଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଏଭଳି ତଥ୍ୟ ସାର୍ବଜନୀନ କରିବା ପାଇଁ ବର୍ତ୍ତମାନ କୌଣସି ଆଇନଗତ କିମ୍ବା ନିୟାମକ ବ୍ୟବସ୍ଥା ନ ଥିବାରୁ ଏଥିପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)କୁ ନିର୍ଦ୍ଦେଶ ଦେଇହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା, ଜଷ୍ଟିସ୍ ଆର୍. ମହାଦେବନ ଓ ଜଷ୍ଟିସ୍ ଡି.କେ. ଉପାଧ୍ୟାୟଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ମୈତ୍ରଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ଉପସ୍ଥାପନ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ଥିଲେ। ଶୁଣାଣି ସମୟରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ, ଏହି ପ୍ରସଙ୍ଗକୁ ମୈତ୍ର ସଂସଦରେ ଉଠାଇ ଆଲୋଚନା ପାଇଁ କାହିଁକି ଦାବି କଲେ ନାହିଁ। ଏକ ବିଦ୍ୟମାନ ଆଇନ କିମ୍ବା ନିୟମର ଅନୁପାଳନ ହେଉ ନ ଥିଲେ ଅଦାଲତ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ। କିନ୍ତୁ ଆଇନଗତ ବ୍ୟବସ୍ଥା ନ ଥିବାବେଳେ ନୂଆ ନିୟମ ପ୍ରଣୟନ କରିବା ଭଳି ନିର୍ଦ୍ଦେଶ ଦେବା ସମ୍ଭବ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।

ମୃତ୍ୟୁକୁ ପଛରେ ପକାଇଲେ ମଚ୍ଛାର

ମୁଣ୍ଡରେ ପଡ଼ିଛି ଶହ ଶହ ସର୍ଜିକାଲ ଷ୍ଟାପଲ୍

ଆବୁଧାବି, ୨୯।୧୦: ବିମାନ କକପିଟ୍ ଭିତରେ ସନ୍ତ୍ରାସବାଦୀ କୋ-ପାଇଲଟ୍‌ର କୁରାଢ଼ି ଚୋଟ ଓ ସର୍ଜରୀ ଟେବୁଲରେ ପ୍ରଚଣ୍ଡ ରକ୍ତସ୍ରାବ ସହ ଦୁଇ ଦୁଇ ଥର ମୃତ୍ୟୁର କରାଳ ଗ୍ରାସରୁ ଅଦ୍ଭୁତ ଭାବେ ବଞ୍ଚି ଫେରିଛନ୍ତି ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମଚ୍ଛାର। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟଦ ଅଲ୍ ନାହ୍ୟାନ୍ ଗତ ମଙ୍ଗଳବାର (ଅକ୍ଟୋବର ୨୭) ଏକ ବ୍ୟାପକ ସମ୍ବର୍ଦ୍ଧନା ସଭାରେ କ୍ୟାପଟେନ୍ ମଚ୍ଛାରଙ୍କୁ 'ଅର୍ଡର ଅଫ୍ ଜାୟଦ-୨' ସମ୍ମାନରେ ଭୂଷିତ କରିବା ବେଳେ ତାଙ୍କ ମୁଣ୍ଡ ପଛପଟେ ଥିବା ଗଭୀର କ୍ଷତ ଏବଂ ସର୍ଜିକାଲ ଷ୍ଟାପଲ୍ ଦେଖି ଚିକିତ୍ସା ବିଶେଷଜ୍ଞମାନେ ସ୍ତବ୍ଧ ହୋଇପଡ଼ିଛନ୍ତି।

ଗତ ସେପ୍ଟେମ୍ବର ୩୦ ତାରିଖରେ ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା 'ଫ୍ଲାଇଦୁବାଇ' ବିମାନ ଏଫ୍‌ଜେଡ୍-୧୦୭୩ (ଋତ୧୦୭୩) ରେ ଏହି ଭୟଙ୍କର ଆକ୍ରମଣ ଘଟିଥିଲା। ଆଲ-କାଏଦା ଜିହାଦୀ ଆଦର୍ଶରେ ଅନୁପ୍ରାଣିତ ଓମାନୀ କୋ-ପାଇଲଟ୍ ହମାମ୍ ଆଲ-ହମ୍ମାମୀ କୋକପିଟ୍‌ରେ ଥିବା ଜରୁରୀକାଳୀନ କୁରାଢ଼ିରେ କ୍ୟାପଟେନ୍ ମଚ୍ଛାରଙ୍କ ମୁଣ୍ଡକୁ କ୍ରମାଗତ ଭାବେ ଆକ୍ରମଣ କରିଥିଲା। ପ୍ରଚୁର ରକ୍ତସ୍ରାବ, ଆଖିକୁ ଅନ୍ଧାର ଦେଖାଯିବା ଓ ସଞ୍ଜ୍ଞାହୀନ ହେବା ସତ୍ତ୍ୱେ ମଚ୍ଛାର କକପିଟ୍ ଦ୍ୱାର ଖୋଲିବାରେ ସଫଳ ହୋଇଥିଲେ, ଯାହାଫଳରେ ଯାତ୍ରୀ ଓ କ୍ରିୟୁ ସଦସ୍ୟମାନେ ଭିତରକୁ ଆସି ସନ୍ତ୍ରାସବାଦୀ କୋ-ପାଇଲଟ୍‌କୁ କାବୁ କରି ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦେଇଥିଲେ।

ଆମେରିକା ଓ ଅଷ୍ଟ୍ରେଲିଆର ପ୍ରସିଦ୍ଧ ସ୍ନାୟୁଶଲ୍ୟ ବିଶେଷଜ୍ଞ (ନ୍ୟୁରୋସର୍ଜନ) ମାନଙ୍କ ଅନୁସାରେ, ମଚ୍ଛାରଙ୍କର ମୁଣ୍ଡର ପଛପଟ ହାଡ଼ ଭାଙ୍ଗି ମସ୍ତିଷ୍କ ଆଡ଼କୁ ଦବି ଯାଇଥିଲା। ମୁଣ୍ଡର ଯେଉଁ ସ୍ଥାନରେ କୁରାଢ଼ି ଚୋଟ ବାଜିଥିଲା, ତାହାର ଠିକ୍ ତଳେ ମସ୍ତିଷ୍କରୁ ରକ୍ତ ନେଉଥିବା ଏକ ପ୍ରମୁଖ ରକ୍ତବାହୀ ଶିରା (ସୁପିରିୟର ସାଜିଟାଲ ସାଇନସ) ରହିଛି। ଆମେରିକାର ଡାକ୍ତର ସନତ ଦୀକ୍ଷିତଙ୍କ କହିବା ଅନୁଯାୟୀ, ଏହି ପ୍ରକାର ଭୟଙ୍କର କ୍ଷତରେ ମୃତ୍ୟୁ କିମ୍ବା ଆଜୀବନ ଅକ୍ଷମତାର ଆଶଙ୍କା ୪୦ ପ୍ରତିଶତରୁ ଅଧିକ ରହିଥାଏ। ଭଙ୍ଗା ହାଡ଼ର ଖଣ୍ଡକୁ ବାହାର କରିବା ସମୟରେ ମାତ୍ର ଗୋଟିଏ ମିନିଟ୍‌ରେ ଦୁଇ ଲିଟର ରକ୍ତସ୍ରାବ ହୋଇ ଜୀବନ ଯିବାର ବିପଦ ଥିଲା।

ସାଉଦି ଆରବରେ ଆପାତକାଳୀନ ଅପରେସନ୍ ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ୟୁଏଇ ଅଣାଯାଇଥିଲା। ଦିଲ୍ଲୀର ଆଇଏସ୍‌ଆଇସି ହସ୍ପିଟାଲର ଡାକ୍ତର ରାହୁଲ ଚାୱଲା ଏବଂ ନ୍ୟୁରୋସର୍ଜନ ଡାକ୍ତର କ୍ରିଷ୍ଣା କୁମାର ଯାଦବଙ୍କ ମତରେ, ଏହା ଏକ ବିରଳ ଓ ସମ୍ବେଦନଶୀଳ ଚିକିତ୍ସା ଥିଲା। କୋକପିଟ୍‌ର ଭୟାନକ ଆକ୍ରମଣରୁ ବଞ୍ଚିବା ପରେ ସର୍ଜରୀ ଟେବୁଲରେ ପ୍ରାଣଘାତୀ ରକ୍ତସ୍ରାବକୁ ଏଡ଼ାଇ ମଚ୍ଛାର ଦ୍ୱିତୀୟ ଥର ପାଇଁ ନୂଆ ଜୀବନ ପାଇଛନ୍ତି।

ସିଙ୍ଗାପୁରରେ ୪ଟି ଏମଓୟୁ ସ୍ୱାକ୍ଷରିତ

ବିଶ୍ୱସ୍ତରୀୟ ସ୍ୱଚ୍ଛ ଶକ୍ତି ସହଭାଗିତାକୁ ମଜବୁତ କଲା ଓଡ଼ିଶା

ଭୁବନେଶ୍ୱର, ୨୯।୧୦ (ସଂଚାର ବ୍ୟୁରୋ): ଅକ୍ଷୟ ଶକ୍ତି ଓ ନୂତନ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅନ୍ତର୍ଜାତୀୟ ଗବେଷଣା ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଶକ୍ତି ବିଭାଗ ସିଙ୍ଗାପୁର ଇଣ୍ଟରନ୍ୟାସନାଲ ଏନର୍ଜି ୱିକ୍ (ଏସଆଇଇଡବ୍ଲୁ) ୨୦୨୬ ଅନ୍ତର୍ଗତ ଏସିଆ କ୍ଲିନ୍ ଏନର୍ଜି ସମିଟରେ ୪ଟି ଗୁରୁତ୍ୱପୂର୍ଣ୍ଣ ଏମଓୟୁ ସ୍ୱାକ୍ଷର କରିଛି। ସିଙ୍ଗାପୁରର ନାନ୍‌ୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭରସିଟି (ଏନଟିୟୁ) କୁ ନଲେଜ ପାର୍ଟନର ଭାବେ ଗ୍ରହଣ କରି ବିଶ୍ୱର ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଓ ଶକ୍ତି କମ୍ପାନୀଗୁଡ଼ିକ ସହ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି, ଯାହା ଡିଜିଟାଲାଇଜେସନ୍, କୃତ୍ରିମ ବୁଦ୍ଧିମତ୍ତା, ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍, ସ୍ମାର୍ଟ ଗ୍ରିଡ୍ ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ଗବେଷଣାକୁ ଆଗକୁ ନେବ।

ରାଜ୍ୟର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଅନ୍ତର୍ଜାତୀୟ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶକ୍ତି ବିଭାଗର ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ନବୋନ୍ମେଷ, ଗବେଷଣା ଏବଂ ବିଶ୍ୱସ୍ତରୀୟ ସହଯୋଗ ମାଧ୍ୟମରେ ଓଡ଼ିଶା ଏକ ଭବିଷ୍ୟତ-ଉପଯୋଗୀ ଏବଂ ସୁଦୃଢ଼ ଶକ୍ତି କ୍ଷେତ୍ର ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ଏମଓୟୁଗୁଡ଼ିକ ଅନ୍ତର୍ଜାତୀୟ ଅନୁଷ୍ଠାନ ଓ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକ ସହିତ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରିବ, ଯାହା ଶକ୍ତି ସଂରକ୍ଷଣ, କୃତ୍ରିମ ବୁଦ୍ଧିମତ୍ତା, ସ୍ମାର୍ଟ ଗ୍ରିଡ୍ ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ଆଧୁନିକ ସମାଧାନର ମାର୍ଗ ପ୍ରଶସ୍ତ କରିବା ସହ ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନିବେଶ ଓ ନବସୃଜନର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବାରେ ସହାୟକ ହେବ।

ଜାନୁଆରୀ ୨୦୨୩ରେ ଶକ୍ତି ବିଭାଗ, ଏନଟିୟୁ ସିଙ୍ଗାପୁର ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ପ୍ରାରମ୍ଭିକ ଗବେଷଣା ସହଯୋଗକୁ ଏହି ନୂତନ ଏମଓୟୁ ଗୁଡ଼ିକ ଅଧିକ ବ୍ୟାପକ କରିବା ସହ ବିଶ୍ୱସ୍ତରୀୟ ଶିଳ୍ପ ବିଶେଷଜ୍ଞମାନଙ୍କୁ ସାମିଲ କରିଛି। ଏହି ଚୁକ୍ତିନାମା ଅଧୀନରେ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ) ସିଙ୍ଗାପୁର ସହ ଡିଜିଟାଲାଇଜେସନ୍ ଓ ଏଆଇ-ଆଧାରିତ ୱର୍କବେଞ୍ଚ ସମାଧାନ, ଭିଫ୍ଲୋ ଟେକ ସିଙ୍ଗାପୁର ସହ ଫ୍ଲୋ ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା, ଫେନୋଜି ସିଙ୍ଗାପୁର ସହ ସୋଡିୟମ୍-ଆୟନ୍ ବ୍ୟାଟେରୀ ଆଧାରିତ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ ସିଷ୍ଟମ, ଏବଂ ଫିନ୍‌ଲ୍ୟାଣ୍ଡର ଡାନଫୋସ ଡ୍ରାଇଭର୍ସ ସହ ମାଇକ୍ରୋଗ୍ରୀଡ୍, ସ୍ମାର୍ଟ ଗ୍ରିଡ୍ ସଂଯୋଗୀକରଣ ଓ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ମିଳିତ ଗବେଷଣା କରାଯିବ।

● ପୁଲିସ ଏସଆଇ ପରୀକ୍ଷାର୍ଥୀ

ନଭେମ୍ବର ୮ ଯାଏଁ ବଢ଼ିଲା ତଥ୍ୟ ଯାଞ୍ଚ ଅବଧି

ଭୁବନେଶ୍ୱର, ୨୯।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସ ଏସଆଇ ଚାକିରି ଆବେଦନକାରୀଙ୍କୁ ନିଜର ତଥ୍ୟ ଯାଂଚ ପାଇଁ ନଭେମ୍ବର ୮ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ପୂର୍ବରୁ ଏହି ତଥ୍ୟ ଯାଞ୍ଚ ଅବଧି ଅକ୍ଟୋବର ୨୯ତାରିଖ ପର୍ଯ୍ୟନ୍ତ ବୈଧ ରହିଥିଲା। ଓଡ଼ିଶା ୟୁନିଫର୍ମଡ ସର୍ଭିସେସ ଷ୍ଟାଫ ସିଲେକସନ କମିଶନ (ଓୟୁଏସଏସଏସସି) ପକ୍ଷରୁ ଜାରି ସୂଚନା ଅନୁସାରେ, ମିଳିତ ପୁଲିସ ସେବା ପରୀକ୍ଷା-୨୦୨୪ (ସିପିଏସଇ-୨୦୨୪) ସବ୍‌ଇନ୍ସପେକ୍ଟର ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀଙ୍କ ତଥ୍ୟ ସଂଶୋଧନ ଓ ବୈଧିକରଣ ସମୟସୀମାକୁ ଆସନ୍ତା ନଭେମ୍ବର ୮ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି। ତେଣୁ ଶେଷ ମୁହୂର୍ତ୍ତର ବୈଷୟିକ ଅସୁବିଧାରୁ ବର୍ତ୍ତିବା ନିମନ୍ତେ ନଭେମ୍ବର ୮ ତାରିଖ ପୂର୍ବରୁ ହିଁ ଯାଂଚ ପ୍ରକ୍ରିୟା ଶେଷ କରିବାକୁ ପରାମର୍ଶ ଦିଆଯାଇଛି। କମିଶନ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୫ ମସିହାରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଆଧାରରେ ଆବେଦନ କରିଥିବା ସମସ୍ତ ପରୀକ୍ଷାର୍ଥୀ ଓ ବୟସ କୋହଳ ସୁବିଧା ପାଇବାକୁ ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ୧୦ଦିନିଆ ଅବଧି ବୃଦ୍ଧି ଲାଗୁ ହେବ। ଚାକିରି ଆଶାୟୀମାନେ କମିଶନଙ୍କ ୱେବସାଇଟକୁ ଯାଇ ନିଜ ଆକାଉଣ୍ଟରେ ଲଗଇନ୍ କରି ନିର୍ଦ୍ଧାରିତ ଅବଧି ମଧ୍ୟରେ ତଥ୍ୟ ଅପଡେଟ୍ ଓ ବୈଧିକରଣ ସମ୍ପନ୍ନ କରିପାରିବେ। ଏହି ପର୍ଯ୍ୟାୟରେ ପରୀକ୍ଷାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଉଥିବା ତଥ୍ୟକୁ ପରବର୍ତ୍ତୀ ସମସ୍ତ ଚୟନ ପର୍ଯ୍ୟାୟ ପାଇଁ ଚୂଡ଼ାନ୍ତ ଭାବେ ବିବେଚନା କରାଯିବ ବୋଲି କମିଶନ ସ୍ପଷ୍ଟ କରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଡିଜେଲ ଗାଡ଼ି...

ଲଗାଇବା ସହ ହୋଟେଲଗୁଡ଼ିକରେ କୋଇଲା ଜାଳେଣି ବନ୍ଦ କରିବାକୁ ଯୋଜନା ରହିଛି। କେବଳ ସେତିକି ନୁହେଁ, ରାସ୍ତାରେ ଜମି ରହୁଥିବା ଧୂଳିକୁ ନିୟନ୍ତ୍ରଣ ପାଇଁ ମେକାନିକାଲ ରୋଡ୍ ସୁଇପିଂ ମେସିନ୍‌ରେ ଦିନକୁ ତିନିଥର ରାସ୍ତାର ସଫେଇ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ମାଣସ୍ଥଳରେ ପାଣି ସିଞ୍ଚନ, ବାଲି ଓ ସିମେଣ୍ଟ ଭଳି ସାମଗ୍ରୀକୁ ଘୋଡ଼ାଇ ରଖିବା ସହ ପରିବହନ ସମୟରେ ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯିବ। ନିକଟରେ ଜିଲ୍ଲାପାଳ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଏପଟେ ଅନୁଗୁଳରେ ଗତ କିଛି ଦିନ ହେଲା ବାୟୁର ମାନ କ୍ରମ ଖରାପ ହେବାରେ ଲାଗିଛି। ଏଠାରେ ଏକ୍ୟୁଆଇ ୨୫୦ ପାର କରିଥିବାବେଳେ ବାଲେଶ୍ୱର ଓ ପାରାଦୀପରେ ଏହା ୨୦୦ ପାଖାପାଖି ରହିଥିଲା। ଆଗକୁ ତାପମାନ ଖସିବା ସହ ପ୍ରଦୂଷଣ ବଢ଼ିବା ଆଶଙ୍କା ରହିଛି। ଏବେ ଭୁବନେଶ୍ୱରର ବାୟୁର ମାନ ସ୍ୱାଭାବିକ ଥିଲେ ମଧ୍ୟ ଆଗକୁ ସ୍ଥିତି ଯେପରି ବିଗିଡ଼ି ନଯାଏ, ସେଥିପାଇଁ ଆଗୁଆ ପ୍ରସ୍ତୁତ ହୋଇଛି ଯୋଜନା।

ବୁଡ଼ିଲା ସୋରଡ଼ା...

ଓ ରାୟଗଡାରେ ୧୧୫ଟି ଗାଁ ପ୍ରଭାବିତ ହୋଇଛି। ୧୨୦୬ ଜଣ ଗର୍ଭବତୀଙ୍କୁ ମଧ୍ୟ ପାଣି ଘେରରୁ ସ୍ଥାନାନ୍ତର କରାଯାଇଛି।

ସେପଟେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏସଆରସି, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦିନତମାମ ସ୍ଥିତି ସମୀକ୍ଷା କରିଛନ୍ତି। ଅତ୍ୟଧିକ ବାଦଲଫଟା ବର୍ଷା ଯୋଗୁଁ ହଠାତ୍ ଆସିଥିବା ବନ୍ୟା କାରଣରୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପରିସ୍ଥିତି ଗମ୍ଭୀର ଥିବା ସହ ପ୍ରଭାବିତ ଜନସାଧାରଣଙ୍କ ପାଖରେ ପ୍ରଶାସନ ପହଞ୍ଚି ସମସ୍ତ ପ୍ରକାରର ସେବା ଓ ସହାୟତା ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ପ୍ରଭାବିତ ଜିଲ୍ଲାରେ ସନ୍ନିହିତ ଅବସ୍ଥାପିତ ମନ୍ତ୍ରୀଗଣ ଓ ବରିଷ୍ଠ ଅଧିକାରୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ରାଜସ୍ୱ ମନ୍ତ୍ରୀ ନିୟମିତ ଫୋନ୍ ଯୋଗେ ଯୋଗାଯୋଗରେ ରହି ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ଏସଆରସିଙ୍କ ସହଯୋଗରେ ଆବଶ୍ୟକ ସୁବିଧା ସୁନିଶ୍ଚିତ କରାଉଛନ୍ତି। ଏଥିସହ ରାଜସ୍ୱ ମନ୍ତ୍ରୀ ଭାରତୀୟ ତଟରକ୍ଷୀ ବାହିନୀ ସହ ଯୋଗାଯୋଗ କରି ପ୍ରଭାବିତ ଅଞ୍ଚଳରେ ହେଲିକପ୍ଟର ଯୋଗେ ଜଳବନ୍ଦୀ ଜନସାଧାରଣଙ୍କ ସ୍ଥାନାନ୍ତରଣ ସୁନିଶ୍ଚିତ କରିବା ନିମନ୍ତେ ବ୍ୟବସ୍ଥା କରିଛନ୍ତି। ପ୍ରଭାବିତ ଅଞ୍ଚଳରେ ପ୍ରଖର ଜଳସ୍ରୋତ ଯୋଗୁଁ ଯେଉଁଠି ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚିବା ସମ୍ଭବପର ହେଉନାହିଁ, ସେସବୁ ଅଞ୍ଚଳରେ ପ୍ରଭାବିତଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏୟାରଲିଫ୍ଟିଂ କରାଯାଉଛି। ଗଞ୍ଜାମ ଜିଲ୍ଲାର ବିପଜ୍ଜନକ ସ୍ଥାନରେ ଥିବା ପ୍ରଭାବିତ ଜନସାଧାରଣଙ୍କୁ ପର୍ଯ୍ୟାୟ କ୍ରମେ କୋଷ୍ଟଗାର୍ଡ ହେଲିକପ୍ଟର ଯୋଗେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି। ପ୍ରଭାବିତ ଜନସାଧାରଣଙ୍କ ନିମନ୍ତେ ରନ୍ଧା ଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଛି।

ଗଞ୍ଜାମ ଜିଲ୍ଲାରେ ୨୨ଟି ବ୍ଲକରେ ୨୯୯ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୯୨ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ କରାଯାଇଛି। ୪ଟି ପାୱାର୍ ବୋଟ୍ ନିୟୋଜିତ ହୋଇଛି। ଉଦ୍ଧାରକାରୀ ବୋଟରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ୫୫୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି। କଳିଙ୍ଗ ଘାଟି ଓ ବିଭିନ୍ନ ନଦୀ ଜଳ ଉପରେ ନିରନ୍ତର ନିରୀକ୍ଷଣ କରାଯାଉଛି। ସେହିପରି ଗଜପତି ଜିଲ୍ଲାର ୭ଟି ବ୍ଲକରେ ୧୧୯ଟି ଗ୍ରାମ ସମ୍ବେଦନଶୀଳ ଥିବା ବେଳେ (୭୧୧ଟି ଗ୍ରାମ ପ୍ରଭାବିତ) ଗୋଟା ବ୍ୟାରେଜ୍, ବଡ଼ନାଳ ଓ ଡ୍ରେନେଜ୍ ନିରୀକ୍ଷଣ କରାଯାଉଛି। ବଂଶଧାରାରେ ଜଳସ୍ତର ୫୨.୫ ମିଟର; ଯାହା ବିପଦ ସଙ୍କେତ (୫୪.୧୦ ମିଟର)ଠାରୁ ବହୁତ କମ୍ ରହିଛି। ୭ଟି ଉଦ୍ଧାରକାରୀ ବୋଟ୍ ନିୟୋଜିତ ଥିବା ବେଳେ ୪୨୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି। ରାୟଗଡ଼ା ଜିଲ୍ଲାରେ ୧୧ଟି ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୩ଟି ସ୍ଥାୟୀ ଓ ୧୩୧ ଅସ୍ଥାୟୀ (ମୋଟ ୧୩୪) ଆଶ୍ରୟସ୍ଥଳୀ ବ୍ୟବସ୍ଥା ସହ ରିଲିଫ୍ ସାମଗ୍ରୀ ମଧ୍ୟ ପର୍ଯ୍ୟାପ୍ତ ମହଜୁଦ୍ ରହିଛି। ୧୪୮ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ ହୋଇ ସମସ୍ତ ବ୍ୟବସ୍ଥା ସହ ଗୁଣପୁର, ଗୁଡ଼ାରୀ ଓ କେ. ସିଂହପୁରରେ ୩ଟି ପାୱାର୍ ବୋଟ୍ ମହଜୁଦ୍ ରହିଛି। ୨୩୬ ଜଣ ଗର୍ଭବତୀ ମହିଳାଙ୍କୁ ପ୍ରଶାସନ ଦ୍ୱାରା ସ୍ଥାନାନ୍ତରିତ କରାଯାଇଛି।

ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ, ଗଜପତି, ମାଲାକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଜିଲ୍ଲା ପ୍ରଭାବିତ ହୋଇଛି। ବିପଦସଙ୍କୁଳ ଅଞ୍ଚଳରୁ ମୋଟ୍ ୫୯,୦୨୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିପାଇଁ ୮୩୦ଟି ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି। ବନ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଗଞ୍ଜାମ ଓ ଗଜପତି ଜିଲ୍ଲା। ଗଜପତି ଜିଲ୍ଲାରେ ୧୭,୪୪୧ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିପାଇଁ ୨୯୮ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି। ଏହା ପଛକୁ ମାଲକାନଗିରିରେ ୧୫,୪୭୭, ଗଞ୍ଜାମରେ ୧୧,୮୮୨ ଓ ନବରଙ୍ଗପୁରରେ ୧୦,୫୧୯ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଗଜପତି ଜିଲ୍ଲାର ମୋହନା, ଉଦୟଗିରି ଓ ରାୟଗଡ଼ ବ୍ଲକରେ ପ୍ରବଳ ବର୍ଷା ଯୋଗୁଁ ୪ଟି ସ୍ଥାନରେ ରାସ୍ତା ବନ୍ଦ ହୋଇଯାଇଥିବା ବେଳେ ଜଳସ୍ତର ଅନୁଧ୍ୟାନ କରାଯାଇ ଆବଶ୍ୟକ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଜାରି ରହିଛି। ବନ୍ୟା ଓ ବର୍ଷା ଯୋଗୁଁ ରାଜ୍ୟ ସରକାର ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି।

ସେହିପରି ବିଶାଖାପାଟଣା ଡ଼ିଭିଜନର ଇଚ୍ଛାପୁରମ-ଝଡୁପୁଡ଼ି ସେକ୍ସନ ମଧ୍ୟରେ ଅନେକ ସ୍ଥାନରେ ରେଳପଥ ଜଳବନ୍ଦୀ ହୋଇଥିବା ବେଳେ ୯ ଟି ଟ୍ରେନର ଯାତ୍ରା ସ୍ଥଗିତ ରଖାଯାଇଛି ଓ ୧୪ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ସେହିପରି ଓଡ଼ିଶାର ୫ଟି ସ୍ଥାନରେ ପ୍ରଭାବିତ ଗତିପଥ ଟ୍ରେନ୍ ଅଟକି ରହିଥିବା ବେଳେ ଯାତ୍ରୀମାନଙ୍କ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯାଉଛି। ସମଗ୍ର ରାଜ୍ୟରେ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ପୁନଃସ୍ଥାପନକୁ ଗୁରୁତ୍ୱ ଦିଆଯାଇ ପ୍ରଭାବିତ ୩୧୬ ୩୩କେଭି ଷ୍ଟେସନରୁ ୨୯୮ଟି ଷ୍ଟେସନରେ ପୁନଃସ୍ଥାପନ ହୋଇ ଇତିମଧ୍ୟରେ ପ୍ରାୟ ୮୪% ବିଦ୍ୟୁତ୍ ସଂଯୋଗ ହୋଇଯାଇଛି।

ଇନ୍ଦ୍ରନୀଲଙ୍କ ଗିରଫ ପରେ ଲଡୁ ବାଣ୍ଟିଲା ବିଜେପି

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): ହୁଗୁଳି ଜିଲ୍ଲାର ଚନ୍ଦନନଗରରେ ପୂର୍ବତନ ମନ୍ତ୍ରୀ ଇନ୍ଦ୍ରନୀଲ ସେନ୍‌ଙ୍କ ଗିରଫଦାରୀ ପରେ ବିଜେପି ପକ୍ଷରୁ ଖୁସି ମନାଇବା ପାଇଁ ଲଡୁ ବଣ୍ଟନ କରାଯାଇଥିଲା। ବିଜେପି କର୍ମୀମାନେ 'ଜ୍ୟୋତି ମୋଡ଼'ଠାରେ ମିଠା ବାଣ୍ଟି ନିଜର ଉତ୍ସାହ ଓ ଖୁସି ପ୍ରକାଶ କରିଥିଲେ। ଚନ୍ଦନନଗରର ବିଜେପି ବିଧାୟକ ଦୀପାଞ୍ଜନ ଗୁହା ଏହି ଘଟଣା ଉପରେ ମତ ଦେଇ ଅଭିଯୋଗ କରିଛନ୍ତି ଯେ, ଜଗଦ୍ଧାତ୍ରୀ ପୂଜା ଓ ପ୍ରଶାସନିକ ନିଷ୍ପତ୍ତି ସମ୍ବନ୍ଧୀୟ ବିଷୟଗୁଡ଼ିକରେ ଇନ୍ଦ୍ରନୀଲ ସେନ୍ ଏକତରଫା ପ୍ରଭାବ ବିସ୍ତାର କରୁଥିଲେ। ସେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ, ପୂଜା କମିଟିଗୁଡ଼ିକୁ ରାଜନୀତିକରଣ କରିବା ପାଇଁ ଉଦ୍ୟମ କରାଯାଉଥିଲା।

ବିରଳ ପ୍ରଜାତିର ମାଙ୍କଡ଼ ଉଦ୍ଧାର, ୨ ଗିରଫ

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): କଲ୍ୟାଣୀସ୍ଥିତ ଏମ୍ସ ହସ୍ପିଟାଲ ପରିସରରୁ ଏକ ବିରଳ ପ୍ରଜାତିର ମାଙ୍କଡ଼ ଉଦ୍ଧାର କରାଯାଇଛି। ଏହି ଘଟଣାରେ ସୁଜୟ ଦାସ ଓ ଇନ୍ଦ୍ରଜିତ ମୁଖୋପାଧ୍ୟାୟ ନାମକ ଦୁଇଜଣ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ଉକ୍ତ ପ୍ରାଣୀକୁ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସେଠାକୁ ଅଣାଯାଇଥିଲା କି ନା ତାହାକୁ ନେଇ ପ୍ରଶ୍ନ ଉଠିଛି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ବନ୍ୟପ୍ରାଣୀଙ୍କୁ ବେଆଇନ ଭାବେ ଅଟକ ରଖିବା ଓ ଚାଲାଣ କରିବା ସମ୍ବନ୍ଧୀୟ ଅଭିଯୋଗ ହୋଇଛି। ପୁଲିସ ଓ ବନ ବିଭାଗ ଉଭୟ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

କାଳୀପୂଜା ଓ ଛଠ୍ ପୂଜା ପାଇଁ କଟକଣା ଲାଗୁ

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): କାଳୀପୂଜା ଓ ଛଠ୍ ପୂଜା ସମୟରେ ବାଣ ଫୁଟାଇବା ନେଇ ନିର୍ଦ୍ଦେଶାବଳୀ ଜାରି କରାଯାଉଛି। ପରିବେଶ ଅନୁକୂଳ ବାଣ, ବିଶେଷକରି 'ଗ୍ରୀନ୍ କ୍ରାକର୍ସ' ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। କାଳୀ ପୂଜା ପାଇଁ ରାତି ୮ଟାରୁ ରାତି ୧୦ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ଛଠ୍ ପୂଜା ପାଇଁ ସକାଳ ୬ଟାରୁ ସକାଳ ୮ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ରହିଛି। ଏହା ସହିତ ବାସଗୃହ ଥିବା ଅଞ୍ଚଳରେ ଯେପରି ବାଣ ବଜାର ନ ବସେ, ତାହା ମଧ୍ୟ ପ୍ରଶାସନ ପକ୍ଷରୁ ସୁନିଶ୍ଚିତ କରାଯାଉଛି। କାଳୀପୂଜା, ଦୀପାବଳି ଓ ଛଠ୍ ପୂଜା ପାଇଁ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ଗୁରୁବାର ନବାନ୍ନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୃହ ସଚିବ ସଂଘମିତ୍ରା ଘୋଷ, ଡିଜିପି ସିଦ୍ଧନାଥ ଗୁପ୍ତା, ସିପି ଅଜୟ ନନ୍ଦା ଏବଂ ଡିଜି (ଅଗ୍ନିଶମ) ଅନୁଜ ଶର୍ମାଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ରେଳଷ୍ଟେସନ ପରିସରରେ ଉଚ୍ଛେଦ ନୋଟିସ

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): କୋଚବିହାର ରେଳ ଷ୍ଟେସନ ଆଖପାଖ ଅଞ୍ଚଳ ପାଇଁ ଏକ ଉଚ୍ଛେଦ ନୋଟିସ୍ ଜାରି କରାଯାଇଛି। ଏଥିସହ ରେଳ ବିଭାଗ ଏଥିପାଇଁ ୧୦ ଦିନର ସମୟସୀମା ଦେଇଛି। ଦୀର୍ଘଦିନ ଧରି ସେଠାରେ ରହିଆସୁଥିବା ପ୍ରାୟ ୫୦ଟି ପରିବାର ବର୍ତ୍ତମାନ ଏକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଅନିତା ସୂତ୍ରଧର କହିଛନ୍ତି, ଆମେ ଏଠାରେ ୪୫-୫୦ ବର୍ଷ ହେଲା ରହୁଛୁ। ବିବାହ ପରେ ମୁଁ ଏଠାକୁ ଆସିଥିଲି। ମୁଁ ଏଠାରେ ନିଜ ଜୀବନ ଗଢ଼ିଛି ଓ ପିଲାମାନଙ୍କୁ ବଡ଼ କରିଛି, ଏପରିକି ସେମାନଙ୍କ ବିବାହ ମଧ୍ୟ ଏଠାରେ ହୋଇଛି। ବର୍ତ୍ତମାନ ମୋତେ ଏହି ଘର ହରାଇବାର ଭୟ ଘାରୁଛି। ନୋଟିସରେ ଆମକୁ ସ୍ଥାନ ଛାଡ଼ିବାକୁ କୁହାଯାଇଛି ଏବଂ ଯଦି ଆମେ ନ ଯାଉ, ତେବେ ଘରଗୁଡ଼ିକୁ ଭାଙ୍ଗି ଦିଆଯିବ ବୋଲି ଧମକ ଦିଆଯାଇଛି। ଏଠାରେ ୪୯ଟି ପରିବାର ଅଛନ୍ତି। ଆମେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଅଛୁ। ଆମେ ରୋଷେଇ କରି ଖାଇବାକୁ ମଧ୍ୟ ସକ୍ଷମ ହୋଇନାହୁଁ। ଆମେ ଜାଣିପାରୁନାହୁଁ ଯେ ଆମେ କ'ଣ କରିବୁ।

ଗଙ୍ଗାସାଗରକୁ ଜାତୀୟ ସ୍ୱୀକୃତି

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): ଉତ୍ସବର ଋତୁ ଚାଲିଛି। ଏହାରି ମଧ୍ୟରେ, ରାଜ୍ୟର 'ଡବଲ୍-ଇଞ୍ଜିନ୍' ସରକାର (ଅର୍ଥାତ୍ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଥିବା ସମନ୍ୱୟ) ଗଙ୍ଗାସାଗର ମେଳାକୁ 'ଜାତୀୟ ମେଳା'ର ମାନ୍ୟତା ଦେବା ପାଇଁ ସକ୍ରିୟ ପ୍ରୟାସ କରୁଛନ୍ତି। ଏ ବିଷୟରେ କେନ୍ଦ୍ର ସରକାରଙ୍କ ସହ ପ୍ରାଥମିକ ଆଲୋଚନା ମଧ୍ୟ ହୋଇସାରିଛି। ଏହା ବ୍ୟତୀତ ଗଙ୍ଗାସାଗରକୁ ରେଳ ନେଟୱାର୍କ ଅଧୀନକୁ ଆଣିବା ପାଇଁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଏକ ଅନୁରୋଧ କରାଯାଇଛି। ରାଜ୍ୟର ପୂର୍ତ୍ତ ମନ୍ତ୍ରୀ ଅଜୟ ପୋଦ୍ଦାର ଆଶା ପ୍ରକଟ କରିଛନ୍ତି ଯେ ଚଳିତ ବର୍ଷ ଏହି 'ଜାତୀୟ ମେଳା'ର ମାନ୍ୟତା ମିଳିଯିବ। ଚଳିତ ବର୍ଷ ମକର ସଂକ୍ରାନ୍ତି ଅବସରରେ ଗଙ୍ଗାସାଗରରେ ରେକର୍ଡ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ, ମେଳାର ପରିସରକୁ ବୃଦ୍ଧି କରାଯାଉଛି। ପୂର୍ବରୁ ଏହା ୧୨ ଲକ୍ଷ ବର୍ଗ ଫୁଟ ପର୍ଯ୍ୟନ୍ତ ବ୍ୟାପ୍ତ ଥିବାବେଳେ, ବର୍ତ୍ତମାନ ଏହାକୁ ବଢ଼ାଇ ୧୮ ଲକ୍ଷ ବର୍ଗ ଫୁଟ କରାଯାଉଛି।

ଟୋଟୋ ୟୁନିଅନ୍ ଦଖଲକୁ ନେଇ ଉତ୍ତେଜନା

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): ସୁଭାଷଗ୍ରାମ ଷ୍ଟେସନ ନିକଟବର୍ତ୍ତୀ ଅଞ୍ଚଳରେ ଏକ 'ଟୋଟୋ' (ବୈଦ୍ୟୁତିକ ରିକ୍ସା) ୟୁନିୟନର ଦଖଲକୁ ନେଇ ଉତ୍ତେଜନା ଦେଖାଦେଇଛି। ଖବର ଅନୁଯାୟୀ, ୟୁନିୟନ ଉପରେ ନିୟନ୍ତ୍ରଣ ଜାହିର କରିବାକୁ ଚାହୁଁଥିବା ଦୁଇଟି ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣାରେ ଅନ୍ତତଃ ପାଞ୍ଚରୁ ଛଅ ଜଣ ଟୋଟୋ ଚାଳକ ଆହତ ହୋଇଛନ୍ତି। ଆହତମାନେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଉଭୟ ଗୋଷ୍ଠୀ ନିଜକୁ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ସହ ଜଡ଼ିତ ଏକ ୟୁନିୟନର ସଦସ୍ୟ ବୋଲି ଦାବି କରିଛନ୍ତି।

ଗଡ଼ିଆହାଟରେ ତନିଷ୍କର ବିଶାଳ ଷ୍ଟୋର୍ ଉଦ୍‌ଘାଟିତ

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): ଟାଟା ଗ୍ରୁପର ଏକ ଅଂଶ ତଥା ଭାରତର ସର୍ବବୃହତ ଅଳଙ୍କାର ରିଟେଲ୍ ବ୍ରାଣ୍ଡ 'ତନିଷ୍କ' ପଶ୍ଚିମବଙ୍ଗର କୋଲକାତାସ୍ଥିତ ଗଡ଼ିଆହାଟରେ ନିଜ ଷ୍ଟୋରକୁ ପୁନଃ ଆରମ୍ଭ କରିବା ନେଇ ଘୋଷଣା କରିଛି। ଏହି ନୂତନ ଷ୍ଟୋର ଖୋଲିବା ସହ ପଶ୍ଚିମବଙ୍ଗରେ ତନିଷ୍କର ଆଉଟଲେଟ୍ ସଂଖ୍ୟା ୩୬କୁ ଓ ସମଗ୍ର ପୂର୍ବ ଭାରତୀୟ ଅଞ୍ଚଳରେ ଏହି ସଂଖ୍ୟା ୬୮କୁ ବୃଦ୍ଧି ପାଇଛି, ଯାହା ଏହି ଅଞ୍ଚଳରେ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ତନିଷ୍କର ରିଟେଲ୍ ମୁଖ୍ୟ ସୁନୀଲ ରାଜ ଓ ଟାଇଟନ୍ କମ୍ପାନୀ ଲିମିଟେଡ୍‌ର ପୂର୍ବ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଗୌରବ କୃଷ୍ଣ ଶାହଙ୍କ ଦ୍ୱାରା ଆଜି ଅପରାହ୍ନରେ ଏହି ଷ୍ଟୋରର ଉଦ୍‌ଘାଟନ କରାଯାଇଥିଲା। ପଶ୍ଚିମବଙ୍ଗର କୋଲକାତାସ୍ଥିତ ଗଡ଼ିଆହାଟର ଲୀଳା ରାୟ ସରଣୀ ରୋଡ୍, ବାଲିଗଞ୍ଜ ଫାଣ୍ଡି ନିକଟସ୍ଥ 'ମୁକ୍ତି ୱାର୍ଲ୍ଡ କମ୍ପ୍ଲେକ୍ସ'ସ୍ଥିତ ଏହି ଷ୍ଟୋରଟି ୧୩ ହଜାର ବର୍ଗ ଫୁଟ ପରିମିତ ସ୍ଥାନରେ ବିସ୍ତାରିତ। ଏହି ବିଶାଳ ଆଉଟଲେଟରେ ତନିଷ୍କର ଉତ୍କୃଷ୍ଟ ଡିଜାଇନ୍ କାରିଗରୀ ଓ ଗ୍ରାହକଙ୍କୁ ପ୍ରାଥମିକତା ଦେବାର ନୀତି ପ୍ରତିଫଳିତ ହୋଇଛି, ଯାହା ଗ୍ରାହକମାନଙ୍କୁ ଅଳଙ୍କାର କିଣିବାର ଏକ ଅନନ୍ୟ ଓ ଭବ୍ୟ ଅନୁଭୂତି ପ୍ରଦାନ କରିବ।

ଏହି ଷ୍ଟୋରରେ ତନିଷ୍କର ସୁନା ଅଳଙ୍କାର, ଚମତ୍କାର ହୀରା ଅଳଙ୍କାର, ଆକର୍ଷଣୀୟ ମୂଲ୍ୟବାନ ରତ୍ନ ଏବଂ ପୋଲକି ଅଳଙ୍କାର ସମେତ ଅନେକ ପ୍ରକାରର ଡିଜାଇନ୍ ଉପଲବ୍ଧ ଅଛି। ଏଠାରେ ଗ୍ରାହକମାନେ ତନିଷ୍କର ନୂତନ ଉତ୍ସବକାଳୀନ ସଂଗ୍ରହ 'ଅଧ୍ୟନ୍ତ' ମଧ୍ୟ ପାଇପାରିବେ। ଆକାଶ, ଚନ୍ଦ୍ର ଓ ତାରାଗଣର ସୌନ୍ଦର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରସ୍ତୁତ ଏହି ସଂଗ୍ରହରେ ତାରାଙ୍କ ଦୀପ୍ତି, ଚନ୍ଦ୍ରର ଆକର୍ଷଣ, ଉଷାକାଳର ପ୍ରଥମ କିରଣ ଓ ବିଶାଳ ତଥା ନିରନ୍ତର ପରିବର୍ତ୍ତନଶୀଳ ଆକାଶର ଭାବକୁ ଅତ୍ୟନ୍ତ ସୁନ୍ଦର, ଆଧୁନିକ ଓ ଅଭିନବ ସୁନା ଅଳଙ୍କାର ଡିଜାଇନ୍‌ରେ ରୂପାନ୍ତରିତ କରାଯାଇଛି।

■ ମଧ୍ୟପ୍ରଦେଶରେ ଅଭାବନୀୟ ଘଟଣା

୬ ଘଣ୍ଟା ମଧ୍ୟରେ ଲିଭିଗଲା ୬ ଜୀବନଦୀପ

ଭୋପାଳ, ୨୦।୧୦: ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲାରେ ଏକ ଦୁଃଖଦ ଘଟଣା ଘଟିଛି। ଜଣେ ୮ ମାସର ଗର୍ଭବତୀ ମହିଳାଙ୍କ ସମେତ ଦୁଇ ଭଉଣୀଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ସହ ୪ ଜଣ ପିଲାଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଦୁଇ ଭଉଣୀ ପୃଥକ୍ ସ୍ଥାନରେ ରହୁଥିବା ବେଳେ ୬ ଘଣ୍ଟା ମଧ୍ୟରେ ଏହି ଘଟଣା ଘଟିଛି। ତେବେ ସାନ ଭଉଣୀଙ୍କ ୩ ଝିଅ ବଞ୍ଚିଯାଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ୩୫ ବର୍ଷୀୟା ଗର୍ଭବତୀ ମହିଳାଙ୍କ ସ୍ୱାମୀଙ୍କର ପ୍ରାୟ ଦେଢ଼ ମାସ ପୂର୍ବେ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କୁ ହରାଇବା ପରେ ସେ ମାନସିକ ଚାପରେ ରହୁଥିଲେ। ଏଥିସହ ପିଲାମାନଙ୍କ ଭବିଷ୍ୟତ ଓ ଆର୍ଥିକ ସଙ୍କଟକୁ ନେଇ ଚିନ୍ତିତ ଥିଲେ। ଦିନେ ସେ ନିଜ ଚାଷଜମିକୁ ଯାଇଥିବା ବେଳେ ତାଙ୍କ ୩ ଝିଅ ଓ ୬ ବର୍ଷର ପୁଅଙ୍କ ସହ କୂଅକୁ ଡେଇଁ ପଡ଼ିଥିଲେ। ଏଥିରେ ମହିଳା ଓ ତାଙ୍କ ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଝିଅ ବଞ୍ଚିଯାଇଥିଲେ। ସେମାନେ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଉଭୟଙ୍କୁ କୂଅରୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା।

ସାନ ଭଉଣୀଙ୍କ ମୃତ୍ୟୁ ଖବର ପାଇବା ପରେ ବଡ଼ ଭଉଣୀ ମଧ୍ୟ ନିଜ ୩ ପିଲାଙ୍କୁ ସାଙ୍ଗରେ ନେଇ ଚାଷଜମିକୁ ଯାଇଥିଲେ। ତାଙ୍କର ୧୪ ଓ ୬ ବର୍ଷର ଦୁଇ ପୁଅ ଏବଂ ୧୧ ବର୍ଷର ଝିଅ ଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଖୋଜାଖୋଜି କରିଥିଲେ। କୂଅ ନିକଟରେ ଚପଲ ଓ ଭିତରେ ଜଣେ ଶିଶୁର ମୃତଦେହ ଦେଖିବା ପରେ ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ବଡ଼ ଭଉଣୀ ଓ ତାଙ୍କ ୩ ପିଲାଙ୍କ ମୃତଦେହ ଉଦ୍ଧାର କରିଥିଲା। ସ୍ଥାନୀୟ ଥାନା ଅଧିକାରୀ ରବି ଚୌହାନ ଓ କୋଲାରସ ଥାନା ଅଧିକାରୀ ଜିତେନ୍ଦ୍ର ଚନ୍ଦେଲିୟା ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ଦୁଇ ଭଉଣୀଙ୍କ ମଧ୍ୟରେ ଅତ୍ୟନ୍ତ ନିବିଡ଼ ସମ୍ପର୍କ ଥିଲା।

ଇଣ୍ଡିମେଣ୍ଟର ନଭେମ୍ବର ୧ ପ୍ରତିବାଦକୁ ମମତାଙ୍କ ସମର୍ଥନ

ନୂଆଦିଲ୍ଲୀ, ୨୯।୧୦: ଆସନ୍ତା ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମୈଦାନରେ ଇଣ୍ଡି ମେଣ୍ଟ ରାଲିକୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମର୍ଥନ କରିଛନ୍ତି। ଭୋଟ୍ ଚୋରିକୁ ବିରୋଧ କରି ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଇଣ୍ଡିମେଣ୍ଟ ଏହି ଆନ୍ଦୋଳନ କରୁଛି। ଏକ୍ସରେ ଏକ ପୋଷ୍ଟ କରି ମମତା ଛାତ୍ରଛାତ୍ରୀ, ଯୁବବର୍ଗ, ମହିଳା, ଶ୍ରମିକ ଏବଂ ନାଗରିକ ସମାଜର ଅନ୍ୟ ସଦସ୍ୟମାନଙ୍କୁ ଏହି ଆନ୍ଦୋଳନରେ ଯୋଗ ଦେବାପାଇଁ ଅନୁରୋଧ କରିଛନ୍ତି। ମମତା କହିଛନ୍ତି, ଯେଉଁଠି ଭୋଟ ବିପଦରେ ସେଠି ନିରବତା ଏକ ବିକଳ୍ପ ନୁହେଁ। ଲୋକମାନଙ୍କୁ ସେ ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ପାଇଁ ଏକାଠି ଠିଆହେବାକୁ ଅନୁରୋଧ କରିଛନ୍ତି। ମମତା ଇଭିଏମ୍, ଭୋଟର୍ ଡାଟା, ଭୋଟର ତାଲିକା ଏବଂ ଗଣତି ପ୍ରକ୍ରିୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ ମଧ୍ୟ କହିଛନ୍ତି ଯେ ବିରୋଧୀ ମେଣ୍ଟ ନିର୍ବାଚନ ଅନିୟମିତତା ବିରୋଧରେ ଏକଜୁଟ୍ ହେବାର ଆବଶ୍ୟକତା ରହିଛି।

ଶାମଶେରଗଞ୍ଜ ଏନକାଉଣ୍ଟର

ଘଟଣାସ୍ଥଳରୁ ନମୁନା ସଂଗ୍ରହ

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): ଶାମଶେରଗଞ୍ଜରେ ବିଜେପି ନେତା ସୁଜିତ ମଣ୍ଡଳଙ୍କ ହତ୍ୟା ମାମଲାର ତଦନ୍ତରେ ଏକ ନୂଆ ମୋଡ଼ ଆସିଛି। ମୁଖ୍ୟ ଅଭିଯୁକ୍ତ ସମାଉଲ ହକ୍ ଏନକାଉଣ୍ଟରରେ ନିହତ ହେବା ପରେ ରାଜ୍ୟ ଫରେନସିକ୍ ବିଜ୍ଞାନ ପରୀକ୍ଷାଗାରର ଏକ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବୁଧବାର ରାତି ପ୍ରାୟ ୧୦ଟା ସମୟରେ ସେମାନେ ଶାମଶେରଗଞ୍ଜର ଡାକବଙ୍ଗଳା ନିକଟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ଏନକାଉଣ୍ଟରରେ ସମାଉଲଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହୋଇଥିଲା ତାହା ଯାଞ୍ଚ କରିବା ପାଇଁ ଏହି ଦଳ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି।

ଗୋଚର, ଶ୍ମଶାନ, ଜବରଦଖଲକାରୀ ଛାଡୁ ନାହାନ୍ତି



ଭୁବନେଶ୍ୱର, ୨୯।୧୦: ଜମି ଜବରଦଖଲକାରୀମାନେ କେବଳ ସହରାଞ୍ଚଳରେ ଜମି ମାଡ଼ିବସୁନାହାନ୍ତି, ଏମାନେ ଗାଁଗହଳରେ ଥିବା ଗୋଚର ଓ ଶ୍ମଶାନ ଜମିକୁ ବି ନିଜ ଅକ୍ତିଆରକୁ ନେଇଯାଉଛନ୍ତି। ଏମାନଙ୍କ ନିକଟରୁ ଏହି ଜମିକୁ ମୁକୁଳାଇବା ପାଇଁ ସରକାର ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ଅଦାଲତରେ ମାମଲା ଲଢ଼ିବାରେ ଲାଗିଛନ୍ତି। ତେବେ ରାଜ୍ୟରେ ପ୍ରାୟ ୬୦ହଜାରଟି ଗୋଚର ଜବରଦଖଲ ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ପାଖାପାଖି ୨୪ହଜାର ଏକର ଗୋଚର ଜମି ଜବରଦଖଲ ହୋଇଥିଲା। ସରକାର ଏହି ଜବରଦଖଲ ଗୋଚର ଜମି ମଧ୍ୟରୁ ୨୧ ହଜାର ଏକରରୁ ଅଧିକ ଜମିକୁ ମୁକୁଳାଇବାରେ ସଫଳ ହୋଇଛନ୍ତି। ତେବେ ଜଣାଯାଇଛି ଯେ ଗୋଚର ଜମି ଜବରଦଖଲ କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲା ସବୁଠାରୁ ଆଗରେ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ରାୟଗଡ଼ା ଜିଲ୍ଲା ରହିଛି। ସେହିପରି କଳାହାଣ୍ଡିରେ ୫ ହଜାର ଏକରରୁ ଅଧିକ ଗୋଚର ଜବରଦଖଲ ହୋଇଥିବା ବେଳେ ରାୟଗଡ଼ାରେ ଏହା ପ୍ରାୟ ୩ହଜାର ଏକର ରହିଛି। ଭଦ୍ରକରେ ଏହି ପରିମାଣ ୧୭୩୮ ଏକର ଜମିଥିବା ବେଳେ ବଲାଙ୍ଗୀରରେ ୧୭୫୬ ଏକର ରହିଥିଲା। ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଗୋଚର ଜମିକୁ ଜବରଦଖଲକାରୀମାନେ ମାଡ଼ି ବସିଛନ୍ତି।

ତେବେ ଗାଈଗୋରୁଙ୍କ ଚାରଣ ଭୂମି ଥିବା ଏହି ଜମିକୁ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର ପାଇଁ ରାଜ୍ୟ ସରକାର ଆକ୍ସନମୁଡ୍‌କୁ ଆସିବା ପରେ ୨୧ ହଜାର ଏକରରୁ ଅଧିକ ଜମିକୁ ଜବରଦଖଲମୁକ୍ତ କରାଯାଇପାରିଛି। ତେବେ ବଡ଼ କଥା ହେଉଛି, ରାୟଗଡ଼ାରେ ଜବରଦଖଲ ହୋଇଥିବା ସମସ୍ତ ଗୋଚର ଜମିକୁ ସରକାର ମୁକୁଳାଇ ଆଣିଛନ୍ତି। କୋରାପୁଟ ଓ ମାଲକାନଗିରି ଓ ବଲାଙ୍ଗୀରରେ ସମସ୍ତ ଜବରଦଖଲ ଗୋଚର ଜମି ଫେରାଇ ଆଣିବାରେ ସରକାର ସଫଳ ହୋଇଛନ୍ତି। ଏବେ ବି ରାଜ୍ୟରେ ଜବରଦଖଲରେ ଥିବା ପ୍ରାୟ ୩ ହଜାର ଏକର ଜମିକୁ ମୁକୁଳାଇବା ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି। କେବଳ ଗୋଚର ଜମି ନୁହେଁ, ଶ୍ମଶାନ ଜମିକୁ ବି ଲୋକେ ଜବରଦଖଲ କରୁଛନ୍ତି। ସରକାରୀ ହିସାବ ଅନୁଯାୟୀ, ରାଜ୍ୟରେ ପ୍ରାୟ ୨୮୦ ଏକର ଶ୍ମଶାନ ଜମି ଜବରଦଖଲ ହୋଇଥିବା ବେଳେ ସରକାର ଏଥିମଧ୍ୟରୁ ୨୧୧ ଏକର ଜମିକୁ ମୁକୁଳାଇ ଆଣିବାରେ ସଫଳ ହୋଇଛନ୍ତି। ଅବଶିଷ୍ଟ ପ୍ରାୟ ୭୦ ଏକର ଜମି ଖୁବ୍‌ଶୀଘ୍ର ଫେରିବ ବୋଲି ଜଣାଯାଇଛି। ତେବେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୧୦୪ ଏକ ଶ୍ମଶାନ ଜମି ଜବରଦଖଲ ହୋଇଥିବା ବେଳେ ଏଥିରୁ ୯୯ ଏକର ଜବରଦଖଲମୁକ୍ତ ହୋଇଛି। ଉଭୟ ଗୋଚର ଓ ଶ୍ମଶାନ ଜମି ସାଧାରଣତଃ ଗାଁଗହଳରେ ଅଧିକ ପରିମାଣରେ ରହିଛି। ଗୋଚର ଜମିରେ ଗାଈଗୋରୁ ଚରୁଥିବାବେଳେ ପିଲାମାନେ ଖେଳକୁଦ କରନ୍ତି। ଏଥିସହ ଗାଁଗଣ୍ଡାର ଅନେକ ଯାନିଯାତ୍ରା ବି ସେଠାରେ ସମ୍ପାଦିତ ହୋଇଥାଏ।

ହେଲେ ମୁକୁଳା ପଡ଼ିଥିବା ଏହି ଜମି ଉପରେ ମାଫିଆମାନେ ଲୋଲୁପ ଦୃଷ୍ଟି ପକାଇ ତାହାକୁ ଜବରଦଖଲ କରୁଥିବା ବେଳେ ସ୍ଥାନୀୟ ଅଧିକାରୀମାନେ ବହୁ ସ୍ଥାନରେ ଏହାର ଟେର୍ ନ ପାଇବା ଆଶ୍ଚର୍ଯ୍ୟଚକିତ କରୁଛି। ଯେତେବେଳେ ସରକାରଙ୍କ ଜ୍ଞାତସାରକୁ ଏହା ଆସୁଛି, ସେତେବେଳେ ରାଜକୋଷରୁ ଅର୍ଥ ଶ୍ରାଦ୍ଧ କରି ତାହାକୁ ଜବରଦଖଲମୁକ୍ତ କରିବାକୁ ହେଉଛି। (ତଥ୍ୟ)

ହସ୍ପିଟାଲର ୧୦୦ ମିଟର ମଧ୍ୟରେ ବାଣ ଫୁଟାଇବା ମନା

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): କାଳୀପୂଜା ପ୍ରସ୍ତୁତିକୁ ନେଇ ପୁଲିସ ଓ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବାନ୍ନ ସମ୍ମିଳନୀ କକ୍ଷରୁ ଗୃହ ସଚିବ ସଂଘମିତ୍ରା ଘୋଷ ଘୋଷଣା କରିଛନ୍ତି ଯେ, କୌଣସି ଡାକ୍ତରଖାନାର ୧୦୦ ମିଟର ପରିସର ମଧ୍ୟରେ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ଅନୁମତି ଦିଆଯିବ ନାହିଁ। ନିୟମାବଳୀ ପାଳନ କରାଯାଉଛି କି ନାହିଁ, ତାହା ନିଶ୍ଚିତ କରିବା ପାଇଁ କର୍ତ୍ତୃପକ୍ଷ ବାଣ ବଜାର ଉପରେ ନଜର ରଖିବେ। ସେ ଆହୁରି ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ଯେ, କାଳୀପୂଜା ସମୟରେ ଅନ୍ୟ ସ୍ଥାନରେ ବାଣ ଫୁଟାଯାଉଥିଲେ ମଧ୍ୟ ଶାନ୍ତ ଅଞ୍ଚଳ (ସାଇଲେନ୍ସ ଜୋନ୍) ଗୁଡ଼ିକରେ ନିରବତା ବଜାୟ ରଖିବାକୁ ହେବ।

ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର



ନୀଳଗିରି,୨୯।୧୦ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ ମାଟିଆଳି ଗ୍ରାମ ରେ ଥିବା ପୁରୁଣା ଉଚ୍ଚପ୍ରାଥମିକ ସ୍କୁଲ ପଛ ସଂରକ୍ଷିତ ଜଙ୍ଗଲ ରେ ଥିବା ଏକ ଆକାଶିଆ ଗଛ ଉପରେ ଅଜଣା ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଯୋଗ୍ୟ ଆଜି ଅପରାହ୍ନ ପ୍ରାୟ ତିନି ଘଟିକା ସମୟରେ ଗ୍ରାମବାସୀ ଜଙ୍ଗଲକୁ ଯାଇଥିବା ବେଳେ ଗଛ ଉପରେ ଏକ ମୃତ ଦେହ ଝୁଲୁଥିବାର ଦେଖିବାକୁ ପାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ବରହମପୁର ପୋଲିସ ଓ ନୀଳଗିରି ଦମକଳ ବାହିନୀ ପହଞ୍ଚି ଗଛ ଉପରୁ ଉକ୍ତ ମୃତଦେହ ଉଦ୍ଧାର କରିଥିଲେ। ଉକ୍ତ ଗଳିତ ଶବ ଅଚିହ୍ନଷ ଜନୈକ ଯୁବକଙ୍କର ହୋଇଥିବା ବେଳେ ତାଙ୍କ ଠିକଣା ମିଳିପାରିନାହିଁ। ଏନେଇ ବରହମପୁର ଥାନା ପକ୍ଷରୁ ୧୭/୨୦୨୬ ରେ ଏକ ଅପମୃତ୍ୟୁ ମାମାଲା ରୁଜୁ କରାଯାଇ ଅଧିକ ତଦନ୍ତ କରୁଥିବା ବେଳେ ବ୍ୟବଚ୍ଛେଦ ପାଇଁ ଗଳିତ ଶବକୁ ବାଲେଶ୍ୱର ମେଡିକାଲକୁ ପଠାଯାଇଛି।

ବିଦେଶୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଗ୍ରାଜୁଏସନ୍ ସମାରୋହ ଆୟୋଜିତ

ଭୁବନେଶ୍ୱର, ୨୯।୧୦(ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ କ୍ୟାମ୍ପସ୍-୧ ର ୨୦୨୨-୨୦୨୬ ବ୍ୟାଚର ବିଏସ୍.ସି ନର୍ସିଂ ପାଠ୍ୟକ୍ରମରେ ଅଧ୍ୟୟନ କରି ଶିକ୍ଷା ସମାପ୍ତ କରିଥିବା ବିଦେଶୀ ଛାତ୍ରଛାତ୍ରୀଙ୍କୁ ଗୁରୁବାର ଏକ ବିଶେଷ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହିତ ଡିଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଏହି ଛାତ୍ରଛାତ୍ରୀମାନେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଟ୍ୟୁସ୍‌ନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନଆଇଆରଏଫ୍) ର୍‌ୟାଙ୍କିଙ୍ଗ ଅନୁଯାୟୀ ଭାରତର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିବାରୁ ଗର୍ବିତ ହେବା ଆବଶ୍ୟକ। ଶିକ୍ଷାନୁଷ୍ଠାନରୁ ଡିଗ୍ରୀ ହାସଲ କରିବା କେବଳ ଏକ ଶିକ୍ଷାଗତ ସଫଳତା ନୁହେଁ ବରଂ ଜୀବନର ଏକ ନୂଆ ଅଧ୍ୟାୟର ଅୟମାରମ୍ଭ। ଏହି ଶିକ୍ଷାନୁଷ୍ଠାନରୁ ହାସଲ କରିଥିବା ଜ୍ଞାନ, ପ୍ରଶିକ୍ଷଣ ଓ ଅଭିଜ୍ଞତାକୁ ଛାତ୍ରଛାତ୍ରୀମାନେ ସମାଜ, ମାନବ ଜାତିର ସେବାରେ ତଥା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଆହ୍ୱାନପୂର୍ଣ୍ଣ ବୃତ୍ତି ଭାବେ ଗ୍ରହଣ କରି କାର୍ଯ୍ୟ କରିବାକୁ ପ୍ରଫେସର ନନ୍ଦ କହିଥିଲେ। ସେମାନଙ୍କର ବୃତ୍ତିଗତ ଆଚରଣ, ଦକ୍ଷତା ଓ ସେବା ମାଧ୍ୟମରେ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ପ୍ରତିଫଳିତ ହେବ। ତେଣୁ ଛାତ୍ରଛାତ୍ରୀମାନେ ନିଜ ଡିଗ୍ରୀର ମର୍ଯ୍ୟାଦା ରକ୍ଷା କରି ସଚ୍ଚୋଟତା, ଦାୟିତ୍ୱବୋଧ ଓ ମାନବିକତା ସହ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜ -୧ ର ଡିନ୍ ପ୍ରଫେସର ସସ୍ମିତା ଦାସ, କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ, ଆଡିସ୍‌ନାଲ୍ ଡିନ୍ ପ୍ରଫେସର ତପତୀ ଶାହା, କଂଟ୍ରୋଲର ଅଫ୍ ଏଗଜାମିନେସନ ପ୍ରଫେସର ମଞ୍ଜୁଳା ଦାସ, ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ୟୁନିଭର୍ସିଟି ଆଉଟ୍‌ରିଚ ପ୍ରୋଗ୍ରାମ ଓ ଇଂଟରନ୍ୟାସନାଲ ରିଲେନସନ୍ସ ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା ଉପସ୍ଥିତ ଥିଲେ।

ବାହାର ରାଜ୍ୟ ଭରସାରେ କେ. ବାଲିପାଳ

ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ ଗାଁ

ଆନନ୍ଦପୁର,୨୯।୧୦(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଅନ୍ତର୍ଗତ କେ. ବାଲିପାଳ ପଞ୍ଚାୟତର ୧ ନମ୍ବରରୁ ୯ ନମ୍ବର ୱାର୍ଡ ପର୍ଯ୍ୟନ୍ତ ମୌଳିକ ସୁବିଧାର ଅଭାବକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ। ଅଞ୍ଚଳର ଅନେକ ଗ୍ରାମରେ ଆଜି ବି ଭଲ ରାସ୍ତା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଭଳି ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଜଙ୍ଗଲଘେରା ଏହି ଅଞ୍ଚଳରେ ଶତାଧିକ ଆଦିବାସୀ ପରିବାର ନାନା ସମସ୍ୟା ମଧ୍ୟରେ ଜୀବନ ବିତାଉଛନ୍ତି। ରାସ୍ତାଘାଟର ଅଭାବ ଯୋଗୁଁ ଯାତାୟାତ କଷ୍ଟକର ହେଉଥିବା ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ସେମାନଙ୍କୁ ନାନା ଅସୁବିଧାର ସାମ୍ନା କରିବାକୁ ପଡୁଥିବା କୁହାଯାଉଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ମୌଳିକ ସୁବିଧାର ଅଭାବ ଯୁବପିଢ଼ିଙ୍କ ଭବିଷ୍ୟତକୁ ପ୍ରଭାବିତ କରୁଛି। ଉପଯୁକ୍ତ ଶିକ୍ଷା ଓ ନିଯୁକ୍ତି ସୁଯୋଗ ଅଭାବରୁ ଅନେକ ଯୁବକ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଗାଁ ରେ କିଛି ଯୁବକ ମାନେ ଗାଈ ଗୋରୁ ଚରାଇ ନିଜ ପରିବାର ପତି ପୋଷଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମାଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶ ନେଇ ମଧ୍ୟ ପ୍ରଶ୍ନ ଉଠୁଛି।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଭିନ୍ନ ସମୟରେ ନିଜ ଅଞ୍ଚଳର ସମସ୍ୟା ନେଇ ଦାବି ଜଣାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆଶାନୁରୂପ ସମାଧାନ ହୋଇନାହିଁ। ଏଥିପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ତେବେ ପ୍ରଶ୍ନ ଉଠୁଛି, ଆଦିବାସୀ ଅଞ୍ଚଳର ବିକାଶ ପାଇଁ ସରକାରଙ୍କ ଯୋଜନା କାହା ପାଇଁ? କେବେ ଦୂର ହେବ କେ. ବାଲିପାଳ ପଞ୍ଚାୟତର ମୌଳିକ ସମସ୍ୟା? କେବେ ଏହି ଅଞ୍ଚଳର ଲୋକଙ୍କୁ ମିଳିବ ଉନ୍ନତ ରାସ୍ତା, ପାନୀୟ ଜଳ, ନେଟୱାର୍କ, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟସେବା? ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବେଧଡ଼କ ଚୋରା ମଦ କାରବାର

ଯାଜପୁର ରୋଡ୍,୨୯।୧୦(ସଂଚାର ବ୍ୟୁରୋ)ଃ ସରକାରଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ରସୁଲପୁର ଅବକାରୀ ଷ୍ଟେସନ ଅନ୍ତର୍ଗତ ଜୋକଡ଼ିଆ ପୁରୁଣା ବ୍ରିଜ୍, କଳଣ, ନୂଆହାଟ, କୁସୁନପୁର, ସିଙ୍ଗାପୁର, ବାରବାଟୀ, ମଧୁବନ, ବାଲିପାଟଣା, ହରିପୁର, ଯାବରା ଆଦି ଅଞ୍ଚଳରେ ଦେଶୀ ମହୁଲୀ ଓ ବିଦେଶୀ ମଦର ଚୋରା ବେପାର ବେଧଡ଼କ ଚାଲିଛି। କୋଚିଆଙ୍କ ଠାରୁ ସ୍ନେହ ଶ୍ରଦ୍ଧା ସମ୍ମାନରେ ଅବକାରୀ ବିଭାଗ ଚୁପ୍ ବସିଥିବା ଓ ନିୟମ ଅନୁଯାୟୀ ସିଜର ଲିଷ୍ଟ ଓ ଭିଡିଓ ନ କରି ଅଫିସରେ ବସି ମନଗଢା ରିପୋର୍ଟ ପ୍ରସ୍ତୁତ କରୁଥିବା ନେଇ ବିଷୟରେ ଏଠି ସେଠି ଚର୍ଚ୍ଚା ଚାଲିଛି। କାର୍ଯ୍ୟାଳୟ ଠାରୁ ୨ କି.ମି. ଦୂରଭିତରେ ଥିବା ଓପି ବନ୍ଦ ମଦ ଦୋକାନ ନିକଟରେ ଖୁଲମଖୁଲା ମଦ ପିଆଯାଉଛି, ପାର୍ଶ୍ୱରେ ୫ରୁ ଅଧିକ ଚଖନା ଦୋକାନ ଚାଲିଛି ଏବଂ ଦୋକାନୀ ନିଜେ କୋଚିଆଙ୍କୁ ମଦ ଯୋଗାଉଥିବା ଆଲୋଚନା ମଧ୍ୟ ଶୁଣିବାକୁ ମିଳୁଛି। ଅନ୍ୟ ଷ୍ଟେସନରୁ ଗାଡି ଧରି ନିଜ ଷ୍ଟେସନରେ ଦେଖାଇବା ଭଳି ଏଠି ସେଠି ଚର୍ଚ୍ଚା ହେଉଥିବା'ବି ଶୁଣିବା ମିଳୁଛି। ଏଣୁ ଜିଲ୍ଲା ଅବକାରୀ ଅଧୀକ୍ଷକ ଓ ଜିଲ୍ଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

ବାତ୍ୟା ପରବର୍ତ୍ତୀ ସ୍ଥିତି ଓ ବିକାଶମୂଳକ କାର୍ଯ୍ୟର ତଦାରଖ

ମାଲକାନଗିରି, ୨୯।୧୦(ସଂଚାର ବ୍ୟୁରୋ)ଃ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍.ଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ସ୍ଥିତି ଏବଂ ଜିଲ୍ଲାର ପ୍ରଶାସନିକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ପ୍ରଶାସନର ସଠିକ୍ ପୂର୍ବ ପ୍ରସ୍ତୁତି ଓ ସତର୍କତା ଯୋଗୁଁ ଜିଲ୍ଲାରେ ବାତ୍ୟା ଦ୍ୱାରା କୌଣସି ଧନଜୀବନ ହାନି ହୋଇନଥିବା ମନ୍ତ୍ରୀ ପ୍ରକାଶ କରିବା ସହ ସ୍ଥାନୀୟ ସମସ୍ୟାଗୁଡ଼ିକର ଜରୁରୀକାଳୀନ ଭିତ୍ତିରେ ତ୍ୱରିତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ସମୟରେ ମନ୍ତ୍ରୀ ଶ୍ରୀ ଗଣ୍ଡ ସାମାଜିକ ସୁରକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ପେନସନ ଯୋଜନା ଏବଂଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ବିଶେଷ ସଚେତନତା ଶିବିର ଆୟୋଜନ କରିବାକୁ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅନୁସୂଚିତ ଜାତି/ଜନଜାତି ହଷ୍ଟେଲଗୁଡ଼ିକର ସୁଚାରୁ ପରିଚାଳନା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

● ୧୯୯୯ ମହାବାତ୍ୟାର ୫୮୭ ମୃତକଙ୍କ ସ୍ମୃତିରେ ସଭା

୨୭ ବର୍ଷ ଧରି ପାଳିତ ହେଉଛି ମହାବାତ୍ୟା ଦିବସ

ପାରାଦ୍ୱୀପ, ୨୯।୧୦(ସଂଚାର ବ୍ୟୁରୋ)ଃ ସେହି କାଳରାତିର ଛାତିଥରା ସ୍ମୃତି ଆଜି ବି ମନରୁ ଲିଭିନାହିଁ। ୧୯୯୯ ମସିହା ଅକ୍ଟୋବର ୨୯ ତାରିଖରେ ଘଟିଥିବା ପ୍ରଳୟଙ୍କରୀ ମହାବାତ୍ୟାରେ ପ୍ରାଣ ହରାଇଥିବା ୫୮୭ ଜଣଙ୍କ ସ୍ମୃତି ଆଜି ବି ଦହିବର ଗ୍ରାମବାସୀଙ୍କ ମନରେ ତାଜା ହୋଇ ରହିଛି। ଏହି ମୃତକଙ୍କ ସ୍ମୃତିରେ ଦୀର୍ଘ ୨୭ ବର୍ଷ ଧରି ପ୍ରତିବର୍ଷ ଅକ୍ଟୋବର ୨୯ ତାରିଖରେ ପାଳିତ ହୋଇଆସୁଛି ମହାବାତ୍ୟା ଦିବସ। ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଜପା ପଞ୍ଚାୟତ ଅନ୍ତର୍ଗତ ଦହିବର ଗ୍ରାମରେ ଏହି ଅବସରରେ ମହାବାତ୍ୟା ଦିବସ ଓ ସ୍ମୃତିସଭା ଆୟୋଜିତ ହୋଇଥିଲା। ୧୯୯୯ର ସେହି ଭୟଙ୍କର ମହାବାତ୍ୟା ଗାଁର ଅନେକ ପରିବାରକୁ ଛାରଖାର କରିଦେଇଥିବା ବେଳେ ୫୮୭ ଜଣଙ୍କ ମୃତ୍ୟୁ ଏହି ଗ୍ରାମ ପାଇଁ ଏକ ଅପୂରଣୀୟ କ୍ଷତି ହୋଇ ରହିଛି। ସେହି ଦୁଃଖଦ ଘଟଣା ସାରା ଓଡ଼ିଶାକୁ ସ୍ତବ୍ଧ କରିଦେଇଥିଲା। ପ୍ରତିବର୍ଷ ଏହି ଦିନ ଗ୍ରାମବାସୀ ଏକତ୍ରିତ ହୋଇ ମହାବାତ୍ୟାରେ ପ୍ରାଣ ହରାଇଥିବା ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରନ୍ତି। ଦୀର୍ଘ ୨୭ ବର୍ଷ ଧରି ଏହି ପରମ୍ପରାକୁ ଜାରି ରଖି ଗ୍ରାମବାସୀ କେବଳ ମୃତକଙ୍କ ସ୍ମୃତିକୁ ଜୀବନ୍ତ ରଖୁନାହାନ୍ତି, ବରଂ ମହାବାତ୍ୟାର ସେହି ବିଭୀଷିକାକୁ ଆଗାମୀ ପିଢ଼ି ପାଇଁ ମଧ୍ୟ ସ୍ମରଣୀୟ କରି ରଖୁଛନ୍ତି। ପ୍ରକୃତିର ସେହି ପ୍ରଳୟଙ୍କରୀ ତାଣ୍ଡବରେ ହଜିଯାଇଥିବା ଶହ ଶହ ଜୀବନର ସ୍ମୃତି ଆଜି ବି ଦହିବର ଗ୍ରାମରେ ଗଭୀର ଶୋକର ଛାୟା ସୃଷ୍ଟି କରେ।

କୋଟିଆରେ ଆନ୍ଧ୍ର ନିର୍ବାଚନକୁ ନେଇ ତାତି!

ମାଟିର ସୁରକ୍ଷା ପାଇଁ ଏକାଠି ହେଲେ ସବୁ ଦଳ

କୋରାପୁଟ,୨୯।୧୦(ପବିତ୍ର ମୋହନ ସେଠୀ)ଃ କୋଟିଆର ମାଟି, ଓଡ଼ିଶାର ସ୍ୱାଭିମାନ ଓ ସୀମାନ୍ତ ଅଞ୍ଚଳର ଅଧିକାରକୁ ନେଇ ପୁଣି ତେଜିଛି ରାଜନୈତିକ ତତ୍ପରତା। ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଗ୍ରାମପୁଞ୍ଜରେ ଆସନ୍ତା ୫ ତାରିଖରେ ସମିତି ଓ ଜିଲ୍ଲା ପରିଷଦ ସଭ୍ୟ ପଦ ପାଇଁ ନିର୍ବାଚନ କରାଯିବାର କାର୍ଯ୍ୟକ୍ରମ ଥିବାରୁ ଏହାକୁ ନେଇ ଚିନ୍ତା ପ୍ରକାଶ କରିଛି କୋରାପୁଟ ଜିଲ୍ଲା ପ୍ରଶାସନ। ଏହି ପରିପ୍ରେକ୍ଷୀରେ ଆୟୋଜିତ ହୋଇଛି ଏକ ସର୍ବଦଳୀୟ ବୈଠକ। ଏଥିରେ ଦଳୀୟ ମତଭେଦକୁ ପଛରେ ପକାଇ କୋଟିଆର ସୁରକ୍ଷା ଓ ବିକାଶକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ ଓ କୋଟପାଡ଼ ବିଧାୟକ ରୂପୁ ଭତ୍ରାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଆନ୍ଧ୍ର ନିର୍ବାଚନରେ ଯେଉଁମାନେ ଭୋଟ ଦେବାକୁ ଚାହୁଁଛନ୍ତି, ସେମାନେ ଆନ୍ଧ୍ରକୁ ଚାଲିଯାଆନ୍ତୁ। ଅନ୍ୟପକ୍ଷରେ, କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି, ଓଡ଼ିଶାର ମାଆ ଓ ମାଟିର ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୋଇଛନ୍ତି। ଆନ୍ଧ୍ର ନିର୍ବାଚନକୁ ରୋକିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସହ କୋଟିଆର ବିକାଶକୁ ସର୍ବାଧିକ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି।ସେହିପରି ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ କହିଛନ୍ତି, ଓଡ଼ିଶାର ସୁରକ୍ଷା, ମାଟି ଓ ସ୍ୱାଭିମାନ ପାଇଁ ସମସ୍ତେ ଏକ ହୋଇ ରହିବେ। ଆନ୍ଧ୍ର ନିର୍ବାଚନକୁ ଦୃଷ୍ଟିରେ ରଖି ସୀମାନ୍ତ ଅଞ୍ଚଳରେ ଫାଟକ ବନ୍ଦ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଛନ୍ତି।

୨୯ କିଲୋ ଗଞ୍ଜେଇ ଜବତ, ୩ ମହିଳା ସମେତ ଜଣେ ପୁରୁଷ ଗିରଫ

ଫୁଲବାଣୀ, ୨୯।୧୦ (ସଂଚାର ବ୍ୟୁରୋ)ଃ କନ୍ଧମାଳ ପୁଲିସ କ୍ରମାଗତ ଭାବେ ଗଞ୍ଜେଇ ଚୋର ଚାଲାଣ ଉପରେ କଡା କାର୍ଯ୍ୟାନୁଷ୍ଠାନ ପରେ ଏବେ ଚାଲାଣ କରି ମାନେ ଛୋଟ ଛୋଟ ଗ୍ରୁପ ରେ ବସ ମାଧ୍ୟମରେ ଗଂଜେଇ ଚାଲାଣ କରୁଥିବା ନଜର କୁ ଆସିଛି ପୁଲିସ ବିଶେଷ ସୂତ୍ରରୁ ଖବର ପାଇଁ ଫିରିଙ୍ଗିଆ ଫୁଲବାଣୀ ରାସ୍ତାର ର ବିଶିପଡା ଛକ ପୂର୍ବ କଷାକାଠି ଛକ ଠାରେ ଏକ ବସ କୁ ଅଟକାଇ ଯାଞ୍ଚ କଲାବେଳେ ସେଥିରୁ ୪ ଟି ବ୍ୟାଗ ରେ ୨୯ କେଜି ଗଞ୍ଜେଇ ଜବତ ହୋଇଥିଲା । ଏହି ଘଟଣାରେ ୪ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଫୁଲବାଣୀ ସଦର ପୁଲିସ । ଗିରଫ ଅଭିଯୁକ୍ତ ହେଲେ ଫିରିଙ୍ଗିଆ ଥାନା ଅନ୍ତର୍ଗତ ନୁଆପଦର ପଞ୍ଚାୟତ ବିଲୁପଦର ଗ୍ରାମର ଜଗନ୍ନାଥ ଦିଗଲ ୫୮, ରଂଜିତା ସାହାଣୀ ୪୦, ଟୁନି ବେହେରା ୪୫ ଫିରିଙ୍ଗିଆ ଡିଣ୍ଡିରା ଗାଁ ପଞ୍ଚାୟତ ଟେଲାପାଲି ଗ୍ରାମର ମଧୁମିତା ଦିଗାଲ ୨୭ ବର୍ଷ । ସଦର ପୁଲିସ ୨୩୨/୨୬ ରେ ଏକ ମାମଲା ରଜୁକରି ସମସ୍ତ ଅଭିଯୁକ୍ତସକୁ କୋର୍ଟ ଚାଲାଣ କରିଥିବା ପ୍ରଦୀପ କୁମାର ଜେନା ଥାନା ଅଧିକାରୀ ଓ ଦୀପକ କୁମାର ରାଉତ ଏସପି ରାମେନ୍ଦ୍ର ପ୍ରସାଦ କହିଛନ୍ତି ।

ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ଜ୍ଞାନେଶଃ ନୀଳାଂଶୁ ଚତୁର୍ବେଦୀ

ଖୋର୍ଦ୍ଧା,୨୯।୧୦ (ସଂଚାର ବ୍ୟୁରୋ)ଃ ଭାରତର ଗଣତନ୍ତ୍ରକୁ ବିପଦରେ ପକାଇଥିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସାରାରେ କାର୍ଯ୍ୟ କରୁଥିବା ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏ ଆଇ ସି ସି ପର୍ଯ୍ୟବେକ୍ଷକ ନିଲାଂଶୁ ଚତୁର୍ବେଦୀ କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେଯେ, ଅବୈଧ ଏସଆଇର ବାତିଲ, କାଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼ିବା, ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକା ସଂଶୋଧନ, ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନ ବାତିଲ, ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଓ ସ୍ୱାୟତତା ସୁନିଶ୍ଚିତ କରିବା ଉଚିତ୍। ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ, ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରଭାବ ବନ୍ଦ୍ ପ୍ରାଥମିକତା ଦେବାକୁ ଶ୍ରୀ ଚତୁର୍ବେଦୀ ଦାବି କରିଥିଲେ।ବିଶେଷକରି ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବିବାଦୀୟ କାର୍ଯ୍ୟ ପିନାକୀ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ରେ ଏହି ପରମ୍ପରା ବିପଦରେ। କେହି ନିଜକୁ ସୁରକ୍ଷିତ ମନେ କରୁ ନାହାନ୍ତି। କେହି ବି ଜାଣି ନାହାନ୍ତି ତାଙ୍କ ନାମ ଭୋଟର ତାଲିକାରେ ଅଛି କି ନାହିଁ। ତେଣୁ ଭୋଟର ତାଲିକା ସଂଶୋଧନ ଓ ଏସଆଇରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଜରୁରୀ ବୋଲି ସେ ଉପସ୍ଥିତ ଗଣମାଧ୍ୟମ କୁ କହିଥିଲେ। ଏହି ଅବସରରେ ଏକ କର୍ମୀ ସମ୍ମଳନୀ ଅନୁଷ୍ଠିତ ହୋଇଥିଲା।

ଚାରିବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଅଭିଯୋଗ

ଅଭିଯୁକ୍ତ ନାବାଳକ ଥାନାରେ ଅଟକ

ବାରିପଦା,୨୯।୧୦ (ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲା ଜାମଦା ଥାନା ଅଞ୍ଚଳରେ ଜଣେ ଚାରିବର୍ଷ ର ଆଦିବାସୀ ଶିଶୁକନ୍ୟା କୁ ଦୁଷ୍କର୍ମ ଅଭିଯୋଗ କରିଛନ୍ତି ପରିବାର ଲୋକେ। ଶିଶୁକନ୍ୟା ଟି ଘର ସମ୍ମୁଖରେ ଖେଳୁଥିବା ସମୟରେ ଅଭିଯୁକ୍ତ ନାବାଳକ ତାକୁ ଡ଼ାକିନେଇ ପାଖରେ ଏକ ନିଛାଟିଆ ଜାଗାରେ ଦୁଷ୍କର୍ମ କରିଥିଲା। ପରିବାର ଲୋକେ ଶିଶୁକନ୍ୟା କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ଶିଶୁକନ୍ୟା ର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବାର ସୂଚନା ମିଳିଅଛି। ଏ ବାବଦରେ ଜାମଦା ଥାନାରେ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ନାବାଳକ କୁ ଥାନାରେ ଅଟକ ରଖାଯାଇଅଛି। ପୋଲିସ ଏବଂ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ନିରାମୟରେ ମିଳୁଛି ମରଣ ଔଷଧ!

ଭିଡିଓ ପ୍ରମାଣ ସହ ସିଧା ଅଭିଯୋଗ

ଫାର୍ମାସିଷ୍ଟ ବେଫିକର, ଦାୟିତ୍ୱ ହୀନ ଉତ୍ତର

ନଭେମ୍ବର ୨୦୨୬ସରିବ, ଏବେ ବି ବଣ୍ଟନ

କାକଟପୁର/ଅସ୍ତରଙ୍ଗ, ୨୯।୧୦ (ସଂଚାର ବ୍ୟୁରୋ)ଃ ସରକାର କହୁଛନ୍ତି ସୁସ୍ଥ ଓଡ଼ିଶା। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଛି ମଣିଷ ମାରିବା ଖେଳ। ନିରାମୟ ନାଁରେ ଏକ୍ସପାୟାରୀ ମୁହାଁ ଔଷଧ ଦେଇ ଗରିବ ରୋଗୀଙ୍କ ଜୀବନ ସହ ଖେଳୁଛି ସ୍ୱାସ୍ଥ୍ୟ ବିଭାଗ। ଏହାକୁ ଘୋର ଅବହେଳା ନୁହେଁ, ଏହା ଅପରାଧ। ମିଳିଥିବା ସୂଚନା ଅନୁଯାୟୀ ଏମ. ନାୟକ (୫୫) ପଞ୍ଜିକୃତ ନଂ ୧୨୩୫୯ରେ ଗତ ୨୬ ନଭେମ୍ବରରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠି କାର୍ଯ୍ୟରତ ଡାକ୍ତର ତାଙ୍କୁ ଔଷଧ ଲେଖିଥିଲେ। ଏହାପରେ ତାଙ୍କ ସମ୍ପର୍କୀୟ କମଳାକାନ୍ତ ସ୍ୱାଇଁ ପରିସରରେ ଥିବା ନିରାମୟ କେନ୍ଦ୍ରକୁ ଯାଇଥିଲେ। ଘଟଣା ଏମିତି - ତାଙ୍କୁ ଯେଉଁ ଔଷଧ ଦିଆଗଲା ତାହା ନଭେମ୍ବର ୨୦୨୬ରେ ସରିବ - ଅର୍ଥାତ୍ ଆଉ ମାତ୍ର କିଛି ଦିନ ବାକି! ଏଭଳି ଔଷଧର ପାୱାର ଶୂନ, ବରଂ ବିଷ ସଦୃଶ। ଏହା ଖାଇଲେ ରୋଗ ଭଲ ହେବ ନାହିଁ, କିଡନୀ, ଲିଭର ନଷ୍ଟ ହେବ। କମଳାକାନ୍ତ ଶିକ୍ଷିତ ବ୍ୟକ୍ତି ହୋଇଥିବାରୁ ଦେଖିଦେଲେ, ନଚେତ ନଷ୍ଟ ଔଷଧ ଖାଇ ଜୀବନ ଯାଇଥାନ୍ତା। ସେ ଔଷଧକୁ ରଖି ଦେବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଠି ପ୍ରଶ୍ନ - ନିୟମ ଅନୁସାରେ ୩ ମାସ ପୂର୍ବରୁ ଏକ୍ସପାୟାରୀ ଔଷଧ ଷ୍ଟକରୁ ହଟାଇବା କଥା। ହେଲେ ଅସ୍ତରଙ୍ଗରେ ଫାର୍ମାସିଷ୍ଟ କଣ କରୁଛନ୍ତି? ଷ୍ଟକ ରେଜିଷ୍ଟର ଲେଖୁ ନାହାନ୍ତି, ଚାହିଦା ପତ୍ର ପଠାଉ ନାହାନ୍ତି, ଔଷଧ ଭଣ୍ଡାରକୁ ଆବର୍ଜନା ଘର କରି ଦେଇଛନ୍ତି। ଏହା ଗଫିଲତି ନୁହେଁ, ଏହା ଇଚ୍ଛାକୃତ ହତ୍ୟା ଉଦ୍ୟମ। ଆହୁରି ଲଜ୍ଜା - ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସୁବ୍ରତ ମହାପାତ୍ର କହିଛନ୍ତି - 'ସାମାଜିକ ଗଣମାଧ୍ୟମରୁ ଦେଖିଛି, ସୋମବାର ଗଲେ ମତାମତ ଦେବି, ଫୋନରେ ଉତ୍ତର ରଖି ପାରିବି ନାହିଁ'। ଜଣେ ରୋଗୀ ମରୁଛି, ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୋମବାର ଅପେକ୍ଷାରେ! ଡ୍ୟୁଟି ଡାକ୍ତର କହୁଛନ୍ତି - 'ଆମେ କିଛି କରିପାରିବୁ ନାହିଁ'। ତେବେ କିଏ କରିବ? ସ୍ୱାସ୍ଥ୍ୟମନ୍ତ୍ରୀ ଆସିବେ କି? ୪ ମାସ ତଳେ ଟିଟି ଟୀକା ନଥିଲା। ଏବେ ନଭେମ୍ବର ୨୦୨୬ ଔଷଧ। ସ୍ୱାସ୍ଥ୍ୟ ବିଭାଗର ତଦାରଖ ଶୂନ। ସିଡିଏମଓ, ଏଡିଏମ ନିଦରେ ଶୋଇଛନ୍ତି। ରୋଗୀ କଲ୍ୟାଣ ସମିତି କେବଳ ନାଁରେ। ସାଧାରଣ ଲୋକଙ୍କ ଦାବି - ତୁରନ୍ତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଔଷଧ ଭଣ୍ଡାର ସିଲ୍ ହେଉ, ନଭେମ୍ବର ୨୦୨୬ ଔଷଧ କେମିତି ଆସିଲା ଯାଞ୍ଚ ହେଉ, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିଲମ୍ବନ କରାଯାଉ, ଜିଲ୍ଲାପାଳ ଭିଜିଲାନ୍ସ ଯାଞ୍ଚ କରନ୍ତୁ। ନଚେତ୍ ଏ ନିରାମୟ ନୁହେଁ, ଏହା ମରଣ ଯୋଜନା ହୋଇ ରହିବ।

ଏରାପଦା ନିଶ୍ଚିନ୍ତା ପାହାଡ଼ରେ ଟ୍ରେଞ୍ଚ ଖୋଳାକୁ ବିରୋଧ

ଢେଙ୍କାନାଳ,୨୯।୧୦ (ସଂଚାର ବ୍ୟୁରୋ)ଃ ଜିଲ୍ଲା ଗଁଦିଆ ବ୍ଲକ ରତନପୁର ପଞ୍ଚାୟତ ର ଏରାପଦା ନିଶ୍ଚିନ୍ତା ପାହାଡ଼ ପାଦଦେଶ ରେ ଚାଲିଛି ଟ୍ରେଞ୍ଚ ଖୋଳା। ଏହି ପାହାଡ଼ ଟି ବନ ବିଭାଗ ଅଧୀନରେ ଆସୁଥିବା ଅଭିଯୋଗ ରହିଛି। ତେବେ ବନ ବିଭାଗ ର ବିନା ଅନୁମତିରେ କିଭଳି କେଉଁ ପରିସ୍ଥିତରେ ପଞ୍ଚାୟତ ତରଫରୁ ଟ୍ରେଞ୍ଚ ଖୋଳା ଯାଉଛି। ତାହା ପୁଣି ଜେସିବି ମେସିନ ସହଯୋଗରେ। ଏନେଇ ଗ୍ରାମର କୈଳାସ ସାମଲ, ଶରତ ଜେନା, ମିନକେତନ ଜେନା, ପବିତ୍ର ସାମଲ, ସନ୍ତୋଷ ଦେହୁରୀ, ସର୍ବେଶ୍ୱର ସାମଲ ସନାତନ ମୁଣ୍ଡା, ଉମେଶ ବେହେରା ଗୋପାଳ ବେହେରା ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ଅଭିଯୋଗ ରେ ଦର୍ଶଯ୍ୟାଇଛି ଯେ ଟ୍ରେଞ୍ଚ ଖୋଳା ଯାଇଥିବାରୁ ଜଙ୍ଗଲ ମଧ୍ୟକୁ ଗୃହ ପାଳିତ ପଶୁ କିମ୍ବା ଜାଳେଣି ପାଇଁ ଗ୍ରାମବାସୀ ଯାଇପାରୁନାହାନ୍ତି. ଆଉ ଏହି ଟ୍ରେଞ୍ଚ ବନ ବିଭାଗ ଅଧୀନରେ ରହିଛି। ଏନେଇ ଗ୍ରାମବାସୀ ଆର ସି ସି ଏଫ ଅନୁଗୁଳ, ଡି ଏଫ ଓ ଢେଙ୍କାନାଳ ଓ ବନାଞ୍ଚଳ ଅଧିକାରୀ ରାକେଶ ଦେଳେଇ ଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ମାଟି ଖୋଳା କାର୍ଯ୍ୟ ପାଇଁ କୌଣସି ସୂଚନା ଫଳକ ନାହିଁ। ପଞ୍ଚାୟତ ର କନିଷ୍ଠ ଯନ୍ତ୍ରୀ, ବ୍ଲକ ସହକାରୀ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, ଓ ଏ ଡି ବି ଓ ମଧ୍ୟ ଚୁପ। ତେବେ ଜେସିବିରେ ମାଟି ଖୋଲିଲା କିଏ। ନିର୍ଦ୍ଧୁମ ଖରାରେ ମୁଣ୍ଡରେ କ୍ୟାପ ଲଗାଇ ଜେସିବି ଆଗରେ ଠିଆ ହୋଇ କାମ ବତାଉ ଥିବା ଯୁବକ ଜଣକ କିଏ। କାହା ସାହସ ରେ ବନ ବିଭାଗ ଅଧିକୃତ ଜମିରେ ହୋଇଛି ଟ୍ରେଞ୍ଚ। ଏ ନେଇ ବିଡ଼ିଓ ପବିତ୍ର ବେହେରା କୁହନ୍ତି ଅଭିଯୋଗ ହୋଇଛି।

... ବିପର୍ଯ୍ୟୟର ଯୋଦ୍ଧା ...

ଜଳବନ୍ଦୀଙ୍କୁ କରାଗଲା ଏୟାରଲିଫ୍ଟ

ଏବେ ବି ଫସିଛନ୍ତି ୨ ହଜାର

ଭୁବନେଶ୍ୱର, ୨୯।୧୦ (ସଂଚାର ବ୍ୟୁରୋ): କୋଷ୍ଟଗାର୍ଡ ହେଲିକପ୍ଟରରେ ବିପନ୍ନମାନଙ୍କୁ ଉଦ୍ଧାର କରାଯାଉଛି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ଜଳବନ୍ଦୀରେ ଥିବା ଲୋକଙ୍କୁ ଏୟାରଲିଫ୍ଟ କରାଯାଉଛି। ଏଥିସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାୟ ୨ ହଜାର ଲୋକ ଏବେ ବି ବନ୍ୟା ପାଣି ଘେରରେ ଫସିରହିଛନ୍ତି। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିରାପଦ ଆଶ୍ରୟସ୍ଥଳୀକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି। ପ୍ରତିକୂଳ ପାଗ ଓ ପାଣିର ପ୍ରଖର ସ୍ରୋତକୁ ଦୃଷ୍ଟିରେ ରଖି ଆବଶ୍ୟକ ପଡ଼ିଲେ ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟର ନିୟୋଜିତ କରାଯିବ ବୋଲି ଜଣାପଡ଼ିଛି। ଜିଲ୍ଲାର ସୋରଡ଼ା ଓ ଧରାକୋଟ ବ୍ଲକରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ଅନେକ ଗାଁ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଥିବାରୁ ଫସି ରହିଥିବା ଲୋକଙ୍କ ନିକଟରେ ସ୍ଥଳପଥ କିମ୍ବା ଡଙ୍ଗା ଯୋଗେ ପହଞ୍ଚିବା କଷ୍ଟକର ହେଉଛି। ତେଣୁ ବିଶେଷକରି ସୋରଡ଼ା ଓ ଧରାକୋଟ ବ୍ଲକରେ ଜଳବନ୍ଦୀ ଥିବା ଲୋକଙ୍କୁ ଆକାଶ ମାର୍ଗରୁ ଏୟାରଲିଫ୍ଟ କରି ସୁରକ୍ଷିତ ସ୍ଥାନକୁ ଅଣାଯାଉଥିବା ଜଣାପଡ଼ିଛି।

ବନ୍ୟା ବେଳେ ରାସ୍ତା ଅବରୋଧ ହଟେଇବାଠାରୁ ଆରମ୍ଭ କରି ପାଣି ଘେରରୁ ଲୋକଙ୍କୁ ଉଦ୍ଧାର କରିବା, ଗର୍ଭବତୀଙ୍କୁ ଡାକ୍ତରଖାନାକୁ ନେବା, ବୟସ୍କ ଓ ଶିଶୁଙ୍କୁ ଉଦ୍ଧାର କରିବା, ଘରେ ଘରେ ରିଲିଫ ପହଞ୍ଚାଇବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ଲାଗିଛନ୍ତି ଓଡ୍ରାଫ ଟିମ୍।

ଜଳବନ୍ଦୀ ରେଳପଥ

୯ ଟ୍ରେନ୍ ବାତିଲ୍, ୧୪ଟିର ରୁଟ୍ ପରିବର୍ତ୍ତନ

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ବାତ୍ୟା ପରବର୍ତ୍ତୀ ବର୍ଷାର ପ୍ରଭାବରେ ରେଳ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଇଚ୍ଛାପୁରମ୍ ଝାଡୁପୁଡ଼ି ରେଳଖଣ୍ଡରେ ରେଳପୋଲ ଉପରେ ବିପଦ ସଙ୍କେତଠାରୁ ଅଧିକ ଜଳ ପ୍ରବାହିତ ହେଉଥିବାରୁ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ରେଳ ବିଭାଗ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି। ମୋଟ ୯ଟି ଟ୍ରେନ୍‌କୁ ବାତିଲ୍ କରାଯାଇଥିବା ବେଳେ ୧୪ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଏହାସହ ବାତ୍ୟା ପରିସ୍ଥିତି ଯୋଗୁଁ ମଧ୍ୟ କିଛି ଟ୍ରେନ୍ ବାତିଲ୍ ହୋଇଛି। ବିଶାଖାପାଟଣା ରେଳ ଡିଭିଜନ୍‌ର ଇଚ୍ଛାପୁରମ୍ ଝାଡୁପୁଡ଼ି ରେଳଖଣ୍ଡରେ ୬୩୧/୦୧ ଓ ୬୩୦/୦୧ ନମ୍ବର ରେଳପୋଲ ଉପରେ ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଛି। ଫଳରେ ରେଳ ଚଳାଚଳ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନେଇଛି ରେଳ ବିଭାଗ। ବାତିଲ୍ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍, ଭୁବନେଶ୍ୱର ନ୍ୟୁ ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍, ବ୍ରହ୍ମପୁର ବିଶାଖାପାଟଣା ପାସେଞ୍ଜର୍ ସ ଭୁବନେଶ୍ୱର ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ ଭଳି ଟ୍ରେନ୍ ରହିଛି। ଅନ୍ୟପଟେ ୧୪ଟି ଟ୍ରେନ୍‌କୁ ବିକଳ୍ପ ରୁଟରେ ଚଳାଚଳ କରାଯିବ। ଏଥିରେ ଅନୁଗୋଳ, ସମ୍ବଲପୁର, ଟିଟିଲାଗଡ଼, ରାୟଗଡ଼ା ଓ ବିଜୟନଗରମ୍ ଦେଇ ଯାତାୟାତ କରିବାକୁ ଥିବା ରେଳପଥ ସାମିଲ ରହିଛି। ରେଳ ବିଭାଗ ପକ୍ଷରୁ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ଜଳ ସ୍ତର କମିବା ପରେ ଓ ରେଳପଥ ସୁରକ୍ଷିତ ବୋଲି ଘୋଷଣା ହେବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ କରାଯିବ। ତେଣୁ ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନିଜ ଟ୍ରେନ୍‌ର ସ୍ଥିତି ଓ ଗତିପଥ ସମ୍ପର୍କରେ ଏନ୍‌ଟିଇଏସ୍ କିମ୍ବା ଭାରତୀୟ ରେଳବାଇର ଅଧିକୃତ ୱେବସାଇଟ୍‌ରୁ ତଥ୍ୟ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

'ଅର୍ଣ୍ଣବ' ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବନ୍ୟା ସ୍ଥିତି

- ଆନ୍ଧ୍ର-ଓଡିଶା ଟ୍ରେନ ଚଳାଚଳ ପ୍ରଭାବିତ
- ଉଦ୍ଧାର ଓ ରିଲିଫ ନେଇ ମୁଖ୍ୟ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର, ୨୯।୧୦ (ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଜନିତ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ଆଜି ସକାଳେ ଏସ୍‌ଆରସି କାର୍ଯ୍ୟାଳୟରେ ମୁଖ୍ୟ ଶାସନ ସଚିବ ସ୍ଥିତି ସମୀକ୍ଷା କରି ବନ୍ୟା ମୁକାବିଲା ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି। ବିଶେଷକରି ଗଞ୍ଜାମ ଜିଲ୍ଲାରେ ପ୍ରଭାବିତଙ୍କ ସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ଏସ୍ଆରସି ରାଜେଶ ପ୍ରଭାକର ପାଟିଲ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ସହ କଥା ହୋଇଥିଲେ। ବାତ୍ୟା ପୂର୍ବରୁ ପ୍ରସ୍ତୁତି ଓ ଲଗାଣ ବର୍ଷା ଯୋଗୁଁ ବନ୍ୟା ମୁକାବିଲା ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ। ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ଓ ପରାମର୍ଶ କରିଛନ୍ତି। ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ୍ ଅଧୀନସ୍ଥ ୨୦୮ଟି ଗ୍ରାମ ପଞ୍ଚାୟତର ୨୯୯ଟି ଗ୍ରାମ ଓ ଗଜପତି ଜିଲ୍ଲାର ୭ଟି ବ୍ଲକ ଅନ୍ତର୍ଗତ ୧୧୦ଟି ଗ୍ରାମ ପଞ୍ଚାୟତର ୭୧୧ଟି ଗ୍ରାମ ବେଶୀ ପ୍ରଭାବିତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାର ୪୨,୫୦୦ ଓ ଗଜପତି ଜିଲ୍ଲାର ୨୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାର ୧୧,୮୮୨ ଜଣ ଓ ଗଜପତି ଜିଲ୍ଲାର ୧୭,୪୪୧ ଜଣଙ୍କୁ ସ୍ଥାନାନ୍ତରଣ କରାଯାଇ ବନ୍ୟା-ବାତ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଛି। ଗଞ୍ଜାମ ଜିଲ୍ଲାରେ ୭୦ଟି ଗ୍ରାମର ୨୩୨୮ ଟି ଲୋକ ଜଳଘେରି ଅବସ୍ଥାରେ ଅଛନ୍ତି। ପ୍ରଭାବିତ ଅଞ୍ଚଳରେ ପ୍ରଖର ଜଳସ୍ରୋତ ଯୋଗୁଁ ଯେଉଁଠି ଏନଡିଆରଏଫ୍ ଓ ଓଡ୍ରାଫ୍ ଟିମ୍ ପହଞ୍ଚିବା ସମ୍ଭବପର ହେଉନାହିଁ, ସେସବୁ ଅଞ୍ଚଳରେ ପ୍ରଭାବିତଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏୟାର ଲିଫ୍ଟିଂ କରାଯିବା ନେଇ ପରାମର୍ଶ କରାଯାଇଛି। ଜିଲ୍ଲାପାଳଙ୍କୁ ସେ ସବୁ ଅଞ୍ଚଳର ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେସବୁ ଅଞ୍ଚଳରେ ରନ୍ଧାଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ବ୍ୟବସ୍ଥା ପାଇଁ ପରାମର୍ଶ ଦିଆଯାଇଛି। ଭାରତୀୟ ତଟରକ୍ଷୀ ବାହିନୀର ସ୍ୱତନ୍ତ୍ର ହେଲିକପ୍ଟର ବ୍ୟବହାର କରାଯିବା ନେଇ ମୁଖ୍ୟ ଶାସନ ସଚିବ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଛନ୍ତି। ଜରୁରୀ ଆବଶ୍ୟକତା ସ୍ଥଳେ ଏୟାର ଲିଫ୍ଟିଂ ପାଇଁ ନିଷ୍ପତ୍ତି ନିଆଯିବ। ଗଜାମ ଜିଲ୍ଲାରେ ୨୭ଟି ଓଡ୍ରାଫ୍, ୩ଟି ଏନଡିଆରଏଫ୍ ଓ ୨୪ଟି ଅଗ୍ନିଶମ ସେବା ବିଭାଗ ଟିମ୍ ମୁତୟନ ହୋଇଛନ୍ତି। ଗଜପତି ଜିଲ୍ଲାରେ ୧୨ଟି ଓଡ୍ରାଫ୍, ୧ଟି ଏନଡିଆରଏଫ୍ ଓ ୧୨ଟି ଅଗ୍ନିଶମ ସେବା ବିଭାଗ ଟିମ୍ ମୁତୟନ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାରେ ୫୫୦ ଓ ଗଜପତି ଜିଲ୍ଲାରେ ୪୨୦ ଗର୍ଭବତୀ ମହିଳା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି। ଗଞ୍ଜାମ ଜିଲ୍ଲାର ଚିକିଟି ଓ ପାତ୍ରପୁର ବ୍ଲକ୍‌ର ବାଘଲଟି ଜଳଭଣ୍ଡାର ଓ ବାହୁଦା ନଦୀ ଅବବାହିକାରେ ବର୍ଷା ଯୋଗୁଁ ଜଳସ୍ତର ବଢ଼ିଛି।

୭୪ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗର ଜବତ, ୩ ଗିରଫ



ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ବ୍ରାଉନ୍‌ସୁଗର ଡିଲ୍ ବେଳେ ମାଡ଼ି ବସିଲା ଅବକାରୀ ଟିମ୍। ପାଖାପାଖି ୭୪ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର୍ ଜବତ ହେବା ସହ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି। ଏହାର ତଦନ୍ତ କରି ମୁଖ୍ୟ ଖିଅ ଖୋଜୁଛି ଅବକାରୀ ବିଭାଗ। ବାଲେଶ୍ୱର ଓ ଭଦ୍ରକରୁ ଭୁବନେଶ୍ୱରକୁ ଏହି ବ୍ରାଉନ୍‌ସୁଗର୍ ଆସୁଥିଲା। ଖବର ପାଇ ମଞ୍ଚେଶ୍ୱର ଓ ହାଇଟେକ୍ ଛକ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଟିମ୍ ୩ ଜଣଙ୍କୁ ଗିରଫ କରିଛି। ଉକ୍ତ ଅଭିଯୁକ୍ତମାନଙ୍କଠାରୁ ମୋଟ ୭୫୮ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଦୀପୁନ ଦାସଙ୍କଠାରୁ ୨୭୦ ଗ୍ରାମ୍, ବଳରାମ ରାଉଳଙ୍କଠାରୁ ୨୮୩ ଗ୍ରାମ୍ ଓ ବବୁଲ ବାରିକଙ୍କଠାରୁ ୨୦୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ ହୋଇଛି। ଏଥିସହ ଗୋଟିଏ ଦାମୀ ରେସିଂ ବାଇକ୍ ମଧ୍ୟ ଜବତ କରିଛି ଅବକାରୀ ବିଭାଗ।

ଭିଜିଲାନ୍ସ ପଞ୍ଝାରେ ଡେପୁଟି ଫରେଷ୍ଟ ରେଞ୍ଜର

ଲକ୍ଷେ ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ

କଟକ,୨୯।୧୦(ସଂଚାର ବ୍ୟୁରୋ): ଲକ୍ଷେ ଟଙ୍କା ଲାଞ୍ଚ ନେଉଥିଲେ, ହେଲେ ମାଡ଼ି ବସିଲା ଭିଜିଲାନ୍ସ। ଲାଞ୍ଚ ନେଇ ଧରାପଡ଼ିଲେ କଟକ ଫୁଲନଖରା ଡେପୁଟି ଫରେଷ୍ଟ ରେଞ୍ଜର ମୌସୁମୀ ବେହେରା। ଗତ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ଚାରା ରୋପଣ ସମ୍ପର୍କିତ ବିଲ୍ ପାସ୍ କରିବାକୁ ରେଞ୍ଜର୍ ଜଣେ ଷ୍ଟାଫଙ୍କଠାରୁ ସେ ଲକ୍ଷେ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ମୌସୁମୀ ବେହେରାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି।

ବନ୍ୟା ପାଣିରେ ଭାସିଯାଇ ଯୁବକ ମୃତ

ଭଞ୍ଜନଗର,୨୯।୧୦(ସଂଚାର ବ୍ୟୁରୋ): ବନ୍ୟା ପାଣି ଦେଖିବାକୁ ଯାଇଥିଲେ। ଏହି ସମୟରେ ପାଣି ସ୍ରୋତରେ ଭାସିଯାଇ ଜଣେକ ଯୁବକ ମୃତ୍ୟୁବରଣ କରିଛନ୍ତି। ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ବରାଡ଼ି ନିକଟ ଡ୍ରାଫରେ ଘଟିଛି ଏହି ଅଘଟଣ। ମୃତ ଯୁବକ ଜଣଙ୍କ ହେଲେ ପାଣ୍ଡା ନାୟକ। ବରାଡ଼ି ଗ୍ରାମର ପାଣ୍ଡା ବନ୍ୟା ପାଣି ଦେଖିବାକୁ ଡ୍ରାଫ୍ ନିକଟକୁ ଯାଇଥିଲେ। ତେବେ ଏହି ସମୟରେ ସେ ପାଣିରେ ପଡ଼ିଯାଇଥିଲେ। ପାଣିରେ ଭାସି ଯାଇ ସେ ନିକଟରେ ଥିବା ଏକ ଗଛରେ ଲାଗିଯାଇଥିଲେ। ସୂଚନା ପାଇଁ ଘଟଣାସ୍ଥଳରେ ସୋରଡା ଅଗ୍ନିଶମ ବାହିନୀ ପହଞ୍ଚି ପାଣ୍ଡାଙ୍କୁ ଉଦ୍ଧାର କରି ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଦେଓମାଳି ଓ କଳିଙ୍ଗା ଘାଟିରେ ଭୂସ୍ଖଳନ, ଯାତାୟାତ ବାଧାପ୍ରାପ୍ତ

ଜୟପୁର,୨୯।୧୦(ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ କୋରାପୁଟ ଜିଲ୍ଲାରେ ବିଗୁଡୁଛି ସ୍ଥିତି। ଦେଓମାଳି ଘାଟି ରାସ୍ତାରେ ଧସିଲା ମାଟି ଅତଡ଼ା। ରାସ୍ତା ଉପରକୁ ମାଡ଼ି ଆସିଛି ପାହାଡ଼ରୁ ଖସିଥିବା ମାଟି ଓ ବଡ଼ ବଡ଼ ପଥର। ଏଥିସହ ଉପୁଡ଼ି ପଡ଼ିଛି ଗଛ। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲଗାଣ ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ବଢ଼ିଯାଇଛି। ଅନ୍ୟପକ୍ଷରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏବେ ବି ବର୍ଷା ଜାରି ରହିଛି। ବିଶେଷକରି ପଟାଙ୍ଗି, ନନ୍ଦପୁର, କୋରାପୁଟ, ଜୟପୁର ଓ ଲକ୍ଷ୍ମୀପୁର ଅଞ୍ଚଳରେ ବର୍ଷା ଲାଗି ରହିଛି। ଏଭଳି ସ୍ଥିତିରେ ପାହାଡ଼ିଆ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ସତର୍କ ରହିବା ଆବଶ୍ୟକ। ପ୍ରଶାସନ ପକ୍ଷରୁ ରାସ୍ତା ସଫା ଓ ଯାତାୟାତ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଅନ୍ୟପଟେ ଗୌଡ଼ଗୁଡାଠାରୁ ତଳମିଟିଙ୍ଗ ସଂଯୋଗ କରୁଥିବା ରାସ୍ତା ପାହାଡ଼ ଭୂସ୍ଖଳନ ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗତକାଲି ରାତିଠାରୁ ଲଗାଣ ବର୍ଷା ଓ ପବନ ଜାରି ରହିଥିବା ବେଳେ ଏହାର ପ୍ରଭାବରେ ଭୂସ୍ଖଳନ ହୋଇଛି।

ସେହିପରି ଗଞ୍ଜାମ ଓ କନ୍ଧମାଳ ଜିଲ୍ଲା ସୀମାରେ ଥିବା କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ ଘଟିଛି। ଗୁରୁବାର ପୁରୁଣା ସ୍ଥାନରେ ପୁଣି ବଡ଼ ବଡ଼ ପଥର ପାହାଡ଼ରୁ ଖସି ରାସ୍ତା ଉପରେ ପଡ଼ିଛି। ଫଳରେ ଘାଟି ରାସ୍ତାରେ ଯାତାୟାତ ସ୍ୱାଭାବିକ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଆସନ୍ତାକାଲି କଳିଙ୍ଗା ଘାଟି ରାସ୍ତା ଖୋଲିବ ବୋଲି ଆଶା କରାଯାଉଥିଲା। କିନ୍ତୁ ପୁଣି ପଥର ଖସିବା ଯୋଗୁ ରାସ୍ତା କେବେ ଖୋଲିବ, ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଭଞ୍ଜନଗର ବ୍ଲକର ଅଧିକାଂଶ ପଞ୍ଚାୟତ ବନ୍ୟାଜଳ ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଛନ୍ତି। ଏଥିସହ ପ୍ରଭାବିତ ଲୋକଙ୍କୁ ରିଲିଫ ପ୍ରଦାନ କରିବା ସହ ଧନଜୀବନର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ଭଞ୍ଜନଗର ସହରର ମୁଖ୍ୟ ରାସ୍ତା ଉପରେ ପ୍ରଥମ ଥର ପାଇଁ ବନ୍ୟାଜଳ ପ୍ରବାହିତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

ବନ୍ୟା ପାଣିରେ ଫସିଲା ଥାର୍ ଗାଡ଼ି

ଯାତ୍ରୀଙ୍କୁ ଉଦ୍ଧାର କଲା ଅଗ୍ନିଶମ ଟିମ୍

ଗଞ୍ଜାମ,୨୯।୧୦(ସଂଚାର ବ୍ୟୁରୋ): ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବା ବେଳେ ସୋରଡ଼ା ଅଗ୍ନିଶମ ବାହିନୀ ପକ୍ଷରୁ ଏକ ସାହସିକ ଉଦ୍ଧାର କାର୍ଯ୍ୟ କରାଯାଇଛି। ବନ୍ୟା ପାଣିରେ ଏକ ଥାର୍ ଗାଡ଼ି ଫସିଯାଇଥିବା ବେଳେ ସେଥିରେ ଥିବା ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ପ୍ରବଳ ବର୍ଷା ଓ ବନ୍ୟା ସ୍ଥିତି ଉପୁଜିବାରୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ସୋରଡ଼ା- ଦାରିଙ୍ଗବାଡ଼ି ରାସ୍ତା ଜରଉ ଛକ ନିକଟରେ ପ୍ରାୟ ୭ ଫୁଟ୍ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେଉଛି। ବନ୍ୟା ପାଣିରେ ମହିନ୍ଦ୍ରା ଥାର୍ ଗାଡ଼ି ଫସିଯାଇଥିଲା। ଏନେଇ ସୂଚନା ପାଇ ଘଟଣାସ୍ଥଳରେ ଅଗ୍ନଶମ ବାହିନୀ ଟିମ୍ ପହଞ୍ଚି ଗାଡ଼ିରେ ଥିବା ଦୁଇ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ସୋରଡ଼ା- ଦାରିଙ୍ଗବାଡ଼ି ରାସ୍ତାର ଜରଉ ଛକ ନିକଟରେ ପ୍ରାୟ ୭ ଫୁଟ୍ ଉଚ୍ଚର ବନ୍ୟା ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବା ସମୟରେ ଏକ ମହିନ୍ଦ୍ରା ଥାର୍ ଗାଡ଼ି ବନ୍ୟା ପାଣି ମଧ୍ୟରେ ଫସିଯାଇଥିଲା। ଗାଡ଼ି ଭିତରେ ଥିବା ଦୁଇ ଜଣ ବ୍ୟକ୍ତି କେବି ରବିଚନ୍ଦ୍ରନ (୪୮) ଓ ଡି. ସରୋଜ କୁମାର (୪୭) ବନ୍ୟା ପାଣି ମଧ୍ୟରେ ଫସି ରହିଥିଲେ। ଶେଷରେ ଉଭୟ ବ୍ୟକ୍ତିଙ୍କୁ ବନ୍ୟା ପାଣିରେ ଫସିଥିବା ଗାଡ଼ିରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।

କୋଟିଆକୁ ନେଇ ତାତିଲା ରାଜନୀତି

ଆନ୍ଧ୍ର ନିର୍ବାଚନକୁ ସର୍ବଦଳୀୟ ବିରୋଧ

କୋରାପୁଟ,୨୯।୧୦(ସଂଚାର ବ୍ୟୁରୋ): କୋଟିଆ ପ୍ରସଙ୍ଗରେ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବସିଲା ସର୍ବଦଳୀୟ ବୈଠକ। ଜିଲ୍ଲା ପ୍ରଶାସନିକ ଅଧିକାରୀ, ଜିଲ୍ଲାର ସମସ୍ତ ବିଧାୟକ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ମଧ୍ୟରେ କୋଟିଆର ସୁରକ୍ଷା ଓ ବିକାଶକୁ ନେଇ ହୋଇଛି ଆଲୋଚନା। ଆସନ୍ତା ୫ରେ କୋଟିଆରେ ହେବାକୁ ଥିବା ଆନ୍ଧ୍ର ପ୍ରଦେଶର ପଞ୍ଚାୟତ ନିର୍ବାଚନକୁ ବନ୍ଦ କରିବା ସହ କୋଟିଆ ମାଟିର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। କୋଟିଆରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ନିର୍ବାଚନ କରାଇବା ଉଦ୍ୟମକୁ ସର୍ବଦଳୀୟ ନେତାମାନେ ବିରୋଧ କରିଛନ୍ତି। କୋଟିଆରେ ଆନ୍ଧ୍ର ପକ୍ଷରୁ ନିର୍ବାଚନୀ ବୁଥ୍ କରାଇ ଦିଆଯିବ ନାହିଁ ବୋଲି ସେମାନେ ମତ ରଖିଛନ୍ତି। ଗତ ନିର୍ବାଚନ ଭଳି ଯଦି ଆନ୍ଧ୍ର ପକ୍ଷରୁ କୋଟିଆ ଲୋକଙ୍କୁ ନିଜ ଅଞ୍ଚଳକୁ ନେଇ ନିର୍ବାଚନରେ ସାମିଲ କରିବାକୁ ଉଦ୍ୟମ କରାଯାଏ, ତେବେ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ଥିଲେ।

ପିଆଜ ବ୍ୟବସାୟୀଙ୍କ କାରନାମା

ଇନଷ୍ଟାରେ ଝିଅଙ୍କ ଡିପି ଦେଇ କରୁଥିଲା ବ୍ଲାକମେଲିଂ

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ମିଛ ପରିଚୟ ଦେଇ ନାବାଳିକାଙ୍କୁ କରୁଥିଲା ବ୍ଲାକମେଲିଂ। ଇନ୍‌ଷ୍ଟାଗ୍ରାମରେ ଝିଅଙ୍କ ଫଟୋକୁ ଡିପିରେ ରଖି ପଠାଉଥିଲା ଫ୍ରେଣ୍ଡ ରିକ୍ୱେଷ୍ଟ। ବନ୍ଧୁତାର ଜାଲରେ ଫସାଇବା ପରେ ଆରମ୍ଭ କରୁଥିଲା ବ୍ଲାକମେଲିଂ। ନାବାଳିକାମାନଙ୍କୁ ପଠାଉଥିଲା ନ୍ୟୁଡ୍ ଫଟୋ। ଡାକୁଥିଲା ହୋଟେଲ ଓ ପାର୍କକୁ। ମନାକଲେ ସେମାନଙ୍କୁ କରୁଥିଲା ବ୍ଲାକମେଲିଂ। ଜଣେ କି ଦୁଇ ଜଣ ନୁହେଁ, ଏମିତି ଅନେକ ନାବାଳିକା ଶିକାର ହୋଇଛନ୍ତି। ଘଟଣା ବାହାରକୁ ଆସିବା ପରେ ଜଣେ କାମୁକକୁ ବାନ୍ଧିଛି ଭୁବନେଶ୍ୱର ପୁଲିସ। ଆଳୁ, ପିଆଜ ବେପାରୀ ଦୀପ୍ତି ରଞ୍ଜନ ସାହୁ। କିନ୍ତୁ ବୁଦ୍ଧି ବେପାର ଅପେକ୍ଷା କଳା କାରନାମାରେ ଅଧିକ ଖଟାଉଥିଲା। ଇନଷ୍ଟାଗ୍ରାମ ଡିପିରେ ଝିଅ ଫଟୋ ରଖି ଝିଅଙ୍କ ଆଇଡି ଦେଖି ପଠାଉଥିଲା ଫ୍ରେଣ୍ଡ ରିକ୍ୱେଷ୍ଟ। ସେମାନେ ଆସେପ୍ଟ କଲା ପରେ ଅଭିଯୁକ୍ତ ଆରମ୍ଭ କରୁଥିଲା, ତା'ର କଳାକାରନାମା। ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ଚନ୍ଦ୍ରଶେଖରପୁର ଥାନାରେ କରିଥିଲେ ଅଭିଯୋଗ। ପୁଲିସ ଏ ନେଇ ଆଇଟି ଆକ୍ଟରେ ମାମଲା ରୁଜୁ କରି କରିଥିଲା ତଦନ୍ତ। ଆଉ ଫେକ୍ ଆଇଡିରୁ ଜଣାପଡ଼ିଥିଲା ଅଭିଯୁକ୍ତ ପିଆଜ ବେପାରୀ ଦୀପ୍ତି ଓ ତାକୁ ପୁଲିସ୍ ଗିରଫ କରିଥିଲା। ଦୀପ୍ତି ଗାଡ଼କଣରେ ଭିଣୋଇଙ୍କ ଘରେ ରହି ବେପାର କରୁଥିଲା। ବେପାର କରୁ କରୁ ତା' ମୁଣ୍ଡରେ ପଶିଥିଲା ନାବାଳିକାମାନଙ୍କୁ ବ୍ଲାକମେଲିଂ କରିବାର ସୈତାନୀ ବୁଦ୍ଧି। ମାମଲାରେ ରାଜଧାନୀରୁ ଗିରଫ ହେଲେଣି ୩ ଅଭିଯୁକ୍ତ। ୫ ଜଣଙ୍କୁ ବିବାହ କରିବା ଅଭିଯୋଗରେ ଜଣେ ୫୫ ବର୍ଷୀୟଙ୍କୁ ଗିରଫ କରି ଗତ ୨୭ରେ କୋର୍ଟ ଚାଲାଣ କରିଥିଲା ମହିଳା ଥାନା ପୁଲିସ। ପୁଣି ୨୮ରେ ଗେମିଂ ଆପରୁ ପରିଚିତ ପ୍ରେମ, ପ୍ରତାରଣା ଅଭିଯୋଗରେ ସହିଦ ନଗର ଥାନା ପୁଲିସ ଜଣଙ୍କୁ ହାଜତକୁ ପଠାଇଛି। ଅନ୍ୟ ଏକ ଘଟଣାର ଧର୍ମ ଲୁଚାଇ ପ୍ରେମ ଜାଲରେ ଫସାଇ ନିର୍ଯାତନା ଦେବା ଅଭିଯୋଗରେ ମହିଳା ଥାନା ପୁଲିସ ଜଣେ ଯୁବକକୁ ଜେଲ୍ ପଠାଇଛି।

ଭାଗିରଥୀ ମାଣ୍ଡାଙ୍ଗି ହତ୍ୟା ଘଟଣା

ବଢ଼ିଲା ଭାସ୍କର ରାଓଙ୍କ ଅଡୁଆ

ଆତ୍ମସମର୍ପଣ ପାଇଁ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ

ରାୟଗଡ଼ା,୨୯।୧୦(ସଂଚାର ବ୍ୟୁରୋ): ରାୟଗଡ଼ାର ବହୁଚର୍ଚ୍ଚିତ ଆଦିବାସୀ ନେତା ଭାଗିରଥୀ ମାଣ୍ଡାଙ୍ଗିଙ୍କ ହତ୍ୟା ମାମଲାରେ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓଙ୍କ ସର୍ତ୍ତମୂଳକ ଜାମିନକୁ ଖାରଜ କରିଛନ୍ତି ସୁପ୍ରିମକୋର୍ଟ। ତାଙ୍କ ସହ ଅନ୍ୟ ୪ ଅଭିଯୁକ୍ତଙ୍କ ଜାମିନ ମଧ୍ୟ ଖାରଜ ହୋଇଛି। ଦୁଇ ସପ୍ତାହ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବା ପାଇଁ ସର୍ବୋଚ୍ଚ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଦେଇଥିବା ସର୍ତ୍ତମୂଳକ ଜାମିନର ପୁନଃବିଚାର କରିବା ପାଇଁ ଭାଗିରଥୀଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରି ଜାମିନକୁ ଖାରଜ କରିଦେଇଥିବା ଜଣାପଡିଛି। ଭାଗିରଥୀ ହତ୍ୟାକାଣ୍ଡକୁ ନେଇ ରାୟଗଡ଼ା ଜିଲ୍ଲାରେ ଗତ ୨୦୧୦ ଡିସେମ୍ବର ୨୩ ତାରିଖରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କଟକ ସିଆଇଡି ଥାନାରେ ୨୦୧୧ ଏପ୍ରିଲ୍ ୫ ତାରିଖରେ ମାମଲା ରୁଜୁ ହେବା ପରେ ୫ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ମାମଲାର ଶୁଣାଣି କରି ହାଇକୋର୍ଟ ୨୦୨୬ ଜାନୁଆରୀ ୨୨ ତାରିଖ ଦିନ ସମସ୍ତ ଅଭିଯୁକ୍ତଙ୍କୁ ସସର୍ତ୍ତ ଜାମିନ ପ୍ରଦାନ କରିଥିଲେ। ହାଇକୋର୍ଟଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଭାଗିରଥୀଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏନ୍. ଭାସ୍କର ରାଓଙ୍କ ସମେତ ୟୋଲା ଏଙ୍କେଟେଶ୍ୱର ରାଓ, କେ. କ୍ରିଷ୍ଣା ରାଓ, ଆଦି ନାରାୟଣ, ଇପିଲି ରାଜୁ ଓ ପି ଦିଲ୍ଲୀପ କୁମାରଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ଜିଓର ଲିଷ୍ଟିଂ ପରେ ରିଲାଏନ୍ସ ହେଲା ଦେଶର ସବୁଠାରୁ ମୂଲ୍ୟବାନ ବିଜନେସ୍ ଗ୍ରୁପ୍

ନୂଆଦିଲ୍ଲୀ, ୨୯।୧୦ଃ ଶେୟାର ବଜାରରରେ ଜିଓ ପ୍ଲାଟଫର୍ମର ମେଗା ଲିଷ୍ଟିଂ ପରେ ଦେଶର ସବୁଠାରୁ ମୂଲ୍ୟବାନ ଗ୍ରୁପ(କଙ୍ଗ୍ଲୋମୋରେଟ) ହେଲା ରିଏଲାନ୍ସ ଗ୍ରୁପ୍। ଟାଟା ଗ୍ରୁପକୁ ପଛରେ ପକାଇ କମ୍ପାନୀ ଏହି ସଫଳତା ହାସଲ କରିଛି। ରିଲାଏନ୍ସର ମାର୍କେଟ୍ କ୍ୟାପିଟାଲାଇଜେସନ ୨୮ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ଯାହା ଟାଟା ଭଳି କମ୍ପାନୀକୁ ପଛରେ ପକାଇ ଦେଇଛି। ଟାଟା ଗ୍ରୁପ ଏମିତି ଏକ କମ୍ପାନୀ ଯାହାର ବ୍ୟବସାୟ ଲୁଣ ଠାରୁ ଆରମ୍ଭ କରି ସଫ୍ଟୱେୟାର ପର୍ଯ୍ୟନ୍ତ ରହିଛି। ହେଲେ ଜିଓର ଲିଷ୍ଟିଂ ପରେ ମୂଲ୍ୟବାନ ବିଜନେଶ କଙ୍ଗ୍ଲୋମୋରେଟରେ ଟାଟା ଦ୍ୱିତୀୟ ସ୍ଥାନକୁ ଖସି ଆସିଛି।

ଜିଓ ପ୍ଲାଟଫର୍ମର ଲିଷ୍ଟିଂ ପୂର୍ବରୁ ରିଲାଏନ୍ସ ଗ୍ରୁପର ମୋଟ ମାର୍କେଟ୍ ଭାଲ୍ୟୁ ୧୮ ଲକ୍ଷ କୋଟି ଥିଲା। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଭାଲ୍ୟୁ ୧୬ ଲକ୍ଷ କୋଟି ଓ ଜିଓ ଫାଇନାନ୍ସିଆଲ୍ ସର୍ଭିସେଜର ଭାଲ୍ୟୁ ୧ ଲକ୍ଷ କୋଟିରୁ ସାମାନ୍ୟ ଅଧିକ ଥିଲା। ହେଲେ ଶେୟାର ମାର୍କେଟ୍‌ରେ ଲିଷ୍ଟିଂ ପରେ ବଜାର ପୁଞ୍ଜିକରଣ(ମାର୍କେଟ କ୍ୟାପିଟାଲାଇଜେସନ) କ୍ଷେତ୍ରରେ ରିଲାଏନ୍ସ ଗ୍ରୁପ ଦେଶର ନମ୍ବର ବିଜନେଶ ଗ୍ରୁପ ହୋଇଛି।

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ତଥ୍ୟ ଅନୁସାରେ କାରାବର ଶେଷ ହେବା ପରେ ରିଏଲାନ୍ସ ଗ୍ରୁପର କମ୍ପାନୀଗୁଡ଼ିକ ଯଥା- ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଜିଓ ପ୍ଲାଟଫର୍ମ ଏବଂ ଜିଓ ଫାଇନାନ୍ସିଆଲ୍ ସର୍ଭିସେସର ମିଳିତ ମାର୍କେଟ କ୍ୟାପିଟାଲାଇଜେସନ ପ୍ରାୟ ୩୦ ଲକ୍ଷ କୋଟି ଟଙ୍କା ରହିଥିଲା। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମାର୍କେଟ୍ କ୍ୟାପିଟାଲାଇଜେସନ ୧୫,୬୭ ଲକ୍ଷ କୋଟି, ଜିଓ ପ୍ଲାଟଫର୍ମର ପାଖାପାଖି ୧୩ ଲକ୍ଷ କୋଟି ଟଙ୍କା ଓ ଜିଓ ଫାଇନାନ୍ସିଆଲ୍ ସର୍ଭିସେସର ୧.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ଏହା ତୁଳନାରେ ଟାଟା ଗ୍ରୁପର ପ୍ରମୁଖ ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ମିଳିତ ମାର୍କେଟ କ୍ୟାପିଟାଲାଇଜେସନ ୨୫.୨୮ ଲକ୍ଷ କୋଟି ଟଙ୍କା ହୋଇଥିଲା। ଟାଟା ଗ୍ରୁପରେ ଟିସିଏସ୍, ଟାଟା ଷ୍ଟିଲ, ଟାଇଟନ, ଟାଟା ପାୱାର, ଟାଟା ମୋଟର୍ସ ପାସେଞ୍ଜର ଭେଇକଲ ଓ ଟ୍ରେଣ୍ଟ ସାମିଲ ଅଛନ୍ତି।

ରିଲାଏନ୍ସ ଗ୍ରୁପର ଡିଜିଟାଲ ସର୍ଭିସ ସହ ଜଡ଼ିତ କମ୍ପାନୀ ଜିଓ ପ୍ଲାଟଫର୍ମ୍ସର ଶେୟାର ବୁଧବାର ୧,୧୧୯ ଟଙ୍କାର ଇସୁ ମୂଲ୍ୟ ଠାରୁ ୨୧.୩୬ ପ୍ରତିଶତ ବଢ଼ି ୧,୩୫୮ ଟଙ୍କାରେ ଲିଷ୍ଟେଡ୍ କରାଯାଇଥିଲା। ହେଲେ ବିଏସ୍‌ଇରେ ଏହା ୨୬.୬୬ ପ୍ରତିଶତ ଚଢ଼ି ୧,୪୧୭.୩୫ ଟଙ୍କାରେ ବନ୍ଦ ହୋଇଥିଲା। ସେହିପରି ଏନଏସଇରେ ଶେୟାର ୨୬.୬୭ ପ୍ରତିଶତ ବୃଦ୍ଧି ସହ ୧,୪୧୭.୫୦ ଟଙ୍କାରେ ବନ୍ଦ ହୋଇଥିଲା। ଜିଓ ପ୍ଲାଟଫର୍ମ୍ସ ମାର୍କେଟ କ୍ୟାପିଟାଲାଇଜେସନ ହିସାବରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପରେ ଦ୍ୱିତୀୟ ସବୁଠାରୁ ମୂଲ୍ୟବାନ ଲିଷ୍ଟେଟ୍ କମ୍ପାନୀ ହୋଇଛି। ଜିଓ ପ୍ଲାଟଫର୍ମର ୩୦,୨୧୩ କୋଟି ଟଙ୍କାର ପ୍ରାରମ୍ଭିକ ଆଇପିଓରେ ୨୨.୧୯ ଗୁଣ ଅଧିକ ସବସ୍କ୍ରାଇବ ହୋଇଛି। ପବ୍ଲିକ୍ ଅଫରିଂ ଏବଂ ଆଙ୍କର୍ ନିବେଶକଙ୍କୁ(ସଂସ୍ଥାଗତ ନିବେଶ) ଆବଣ୍ଟନ ସମେତ ମୋଟ ଚାହିଦା ୭.୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହି ଇସ୍ୟୁ ପାଇଁ ପ୍ରାୟ ୧୩.୯ କୋଟି ଆବେଦନ କରାଯାଇଥିଲା। ଫଳରେ ଜିଓ ପ୍ଲାଟଫର୍ମ୍ସ ଏପର୍ଯ୍ୟନ୍ତ ଭାରତର ସର୍ବବୃହତ IPO ହେବାର ଗୌରବ ହାସଲ କରିଥିଲା

ଆମାଜନରେ ପୁଣି ଛଟେଇ

ନୂଆଦିଲ୍ଲୀ,୨୯।୧୦ଃ ବିଶ୍ୱର ଅଗ୍ରଣୀ ଇ- କମର୍ସ ଏବଂ ଟେକ୍ କମ୍ପାନୀ 'ଆମାଜନ' ପୁଣିଥରେ କର୍ମଚାରୀଙ୍କୁ ବଡ଼ ଝଟକା ଦେଇଛି। କମ୍ପାନୀ ପକ୍ଷରୁ ଏହାର ଡିଭାଇସେସ୍ ଏବଂ ସର୍ଭିସେସ୍ ବିଭାଗରୁ ପ୍ରାୟ ୨୫୦ ଜଣ କର୍ମଚାରୀଙ୍କ ଛଟେଇ କରାଯାଇଛି । ଏହି ଛଟେଇରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ସଫ୍ଟୱେର୍ ଡେଭଲପମେଣ୍ଟ କ୍ଷେତ୍ରରେ କାମ କରୁଥିବା ଇଞ୍ଜିନିୟରମାନେ।

ସୂଚନା ଅନୁସାରେ, ବୁଧବାର ସକାଳେ କର୍ମଚାରୀମାନେ ସେମାନଙ୍କର ଅଫିସିଆଲ୍ ଇମେଲ୍ ଏବଂ ଟେକ୍ସଟ୍ ମେସେଜ୍ ଜରିଆରେ ଏହି ସୂଚନା ପାଇଥିଲେ । କମ୍ପାନୀର ଏହି ପଦକ୍ଷେପ କର୍ମଚାରୀଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ଟେକ୍ ଦୁନିଆରେ ପୁଣିଥରେ ଚାକିରି ଅନିଶ୍ଚିତତାକୁ ନେଇ ଚିନ୍ତା ବଢ଼ିଯାଇଛି।

ଆମାଜନର ମୁଖପାତ୍ର ଏହି ଛଟେଇକୁ ସ୍ୱୀକାର କରି କହିଛନ୍ତି ଯେ, କମ୍ପାନୀର କାର୍ଯ୍ୟଦକ୍ଷତାରେ ଆହୁରି ସୁଧାର ଆଣିବା ଏବଂ ଏହାର ପ୍ରଡକ୍ଟ ରୋଡମ୍ୟାପ୍ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ଏହି କଠୋର ନିଷ୍ପତ୍ତି ନିଆଯାଇଛି । ଡିଭାଇସେସ୍ ଏବଂ ସର୍ଭିସେସ୍ ବିଭାଗର ଏଚ୍‌ଆର ଭାଇସ୍ ପ୍ରେସିଡେଣ୍ଟ ଚେରି ରବିନ୍ସନ୍ କର୍ମଚାରୀମାନଙ୍କୁ ପଠାଇଥିବା ମେସେଜରେ ଦର୍ଶାଇଛନ୍ତି ଯେ, କମ୍ପାନୀର ଗଠନ ଏବଂ କାର୍ଯ୍ୟଶୈଳୀକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା କରାଯାଇଥିଲା, ଯାହାପରେ ଏହି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ଅକ୍ଟୋବର ମାସର ଆରମ୍ଭରେ ଆମାଜନ ଏହାର ରିଟେଲ୍ ଏବଂ ଷ୍ଟୋର୍ସ ୟୁନିଟ୍ରୁ ପ୍ରାୟ ୧,୦୦୦ କର୍ମଚାରୀଙ୍କୁ ବାହାର କରିଥିଲା । ଏହା ପରେ ଗତ କିଛି ମାସ ମଧ୍ୟରେ କମ୍ପାନୀ ବିଭିନ୍ନ ପର୍ଯ୍ୟାୟରେ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିସାରିଛି, ଯାହା ଟେକ୍ କ୍ଷେତ୍ରରେ ଚିନ୍ତାର ବିଷୟ ପାଲଟିଛି। ତେବେ ଏହି ସମସ୍ତ ପରିବର୍ତ୍ତନ ଏବଂ AI ପ୍ରଯୁକ୍ତିବିଦ୍ୟା ପାଇଁ ନିଆଯାଉଥିବା ବେଳେ, ଆଗାମୀ ଦିନରେ ଆଇଟି କର୍ମଚାରୀଙ୍କ ପାଇଁ ଚାକିରି ସୁରକ୍ଷା ଏକ ବଡ଼ ଚାଲେଞ୍ଜ ହୋଇପାରେ ବୋଲି ବଜାର ବିଶ୍ଳେଷକମାନେ ମତ ଦେଇଛନ୍ତି ।

ଭାରତୀୟ ରେଳବାଇ ପାଇଁ ପାଲଟିଛି 'ଲାଭର ଉତ୍ସ'

ନୂଆଦିଲ୍ଲୀଃ ଭାରତୀୟ ରେଳବାଇକୁ ଦେଶର ଜୀବନରେଖା କୁହାଯାଏ। ଦେଶର ବିଭିନ୍ନ ପ୍ରମୁଖ ସହରକୁ ସଂଯୋଗ କରୁଥିବା ପ୍ରିମିୟମ୍ ଏବଂ ଭିଆଇପି (VIP) ଟ୍ରେନ୍‌ଗୁଡ଼ିକ ମଧ୍ୟରେ 'ରାଜଧାନୀ ଏକ୍ସପ୍ରେସ୍'ର ସ୍ଥାନ ସ୍ୱତନ୍ତ୍ର। ସିଏଜି (CAG) ତଥା ରେଳବାଇର ରିପୋର୍ଟ ଅନୁଯାୟୀ, ଯାତ୍ରୀମାନଙ୍କୁ ଆରାମଦାୟକ ସୁବିଧା ଯୋଗାଉଥିବା ଏହି ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକର ଦୈନନ୍ଦିନ ଆୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦିଲ୍ଲୀରୁ ମୁମ୍ବାଇ କିମ୍ବା କୋଲକାତା ଭଳି ବ୍ୟସ୍ତବହୁଳ ରୁଟ୍‌ରେ ଚଳାଚଳ କରୁଥିବା ଗୋଟିଏ ରାଜଧାନୀ ଏକ୍ସପ୍ରେସ୍ ତାର ଗୋଟିଏ ଯାତ୍ରାରେ ପ୍ରାୟ ୨୫ ଲକ୍ଷରୁ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ହାସଲ କରିଥାଏ। ପର୍ବପର୍ବାଣୀ କିମ୍ବା ଛୁଟିଦିନଗୁଡ଼ିକରେ 'ଡାଇନାମିକ୍ ଫେୟାର୍' (Dynamic Fare) ଲାଗୁ ହେବା କାରଣରୁ ଏହି ପରିମାଣ ଟ୍ରିପ୍ ପିଛା ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଥାଏ। ଟ୍ରେନର ଭଡ଼ା ଅଧିକ ଥିଲେ ମଧ୍ୟ ଏଥିରେ ଯାତ୍ରୀଙ୍କ ସିଟ୍ ଅକ୍ୟୁପେନ୍ସି ପ୍ରାୟତଃ ୧୦୦ ପ୍ରତିଶତ ରହିଥାଏ। ଦେଶବ୍ୟାପୀ ବିଭିନ୍ନ ରୁଟ୍‌ରେ ପ୍ରାୟ ୫୨ଟି ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି। ଏହି ସମସ୍ତ ଟ୍ରେନର ମିଳିତ ଦୈନନ୍ଦିନ ଆୟ ପ୍ରାୟ ୧୨ କୋଟିରୁ ୧୫ କୋଟି ଟଙ୍କା ହୋଇଥାଏ, ଯାହା ବାର୍ଷିକ ଆଧାରରେ ୪,୫୦୦ କୋଟି ଟଙ୍କାଠାରୁ ମଧ୍ୟ ଅଧିକ ଅଟେ।

ଟ୍ରେନ୍ ଭିତରେ କ୍ୟାଟରିଂ ବ୍ୟବସ୍ଥା ଏକ ବଡ଼ ଆୟର ଉତ୍ସ। ଅନେକ ରୁଟ୍‌ରେ ଖାଦ୍ୟ ବୈକଳ୍ପିକ କରାଯାଇଥିଲେ ମଧ୍ୟ ଅଧିକାଂଶ ଯାତ୍ରୀ ଟ୍ରେନ୍ ଭିତରେ ହିଁ ଖାଦ୍ୟ ଅର୍ଡର କରିବାକୁ ପସନ୍ଦ କରନ୍ତି। ୟଟ୍ରେନର ବାହ୍ୟ ଏବଂ ଆଭ୍ୟନ୍ତରୀଣ ଅଂଶରେ ବିଜ୍ଞାପନ ପ୍ରଦର୍ଶନ

ଜରିଆରେ ରେଳବାଇକୁ ପ୍ରତିମାସରେ ଲକ୍ଷାଧିକ ଟଙ୍କାର ଅତିରିକ୍ତ ଆୟ ହୋଇଥାଏ। ଏହି ପ୍ରିମିୟମ୍ ଟ୍ରେନ୍‌ଗୁଡ଼ିକରେ ଅଧିକ ମୂଲ୍ୟବାନ ଏବଂ ଜରୁରୀ କମର୍ସିଆଲ୍ କାର୍ଗୋ ମଧ୍ୟ ପରିବହନ କରାଯାଇଥାଏ। ସାଧାରଣ ପାସେଞ୍ଜର ଏବଂ ଲୋକାଲ୍ ଟ୍ରେନ୍‌ଗୁଡ଼ିକରେ ସବ୍‌ସିଡି କାରଣରୁ ରେଳବାଇକୁ ବଡ଼ଧରଣର କ୍ଷତି ସହିବାକୁ ପଡ଼ିଥାଏ। କିନ୍ତୁ ରାଜଧାନୀ, ଶତାବ୍ଦୀ ଏବଂ ବନ୍ଦେ ଭାରତ ଭଳି ପ୍ରିମିୟମ୍ ଟ୍ରେନ୍‌ଗୁଡ଼ିକରୁ ଆସୁଥିବା ଏହି ମୋଟା ଅଙ୍କର ରାଜସ୍ୱ ପାସେଞ୍ଜର ସେଗମେଣ୍ଟର କ୍ଷତି ଭରଣା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଟାଟାକୁ ନେଇ ରାହୁଲ-ନିର୍ମଳା ମୁହାଁମୁହିଁ

ନୂଆଦିଲ୍ଲୀ,୨୯।୧୦: ଟାଟା ଗ୍ରୁପ୍‌ରେ ନେତୃତ୍ୱକୁ ନେଇ ଦେଖାଦେଇଥିବା ବିବାଦ ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଟାଟା ଗ୍ରୁପ୍‌କୁ ଆପରାଧିକ ଭାବେ ବରବାଦ କରାଯାଉଛି। ସେଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଦାୟୀ କରିଥିଲେ। ସେହି ବୟାନ ପାଇଁ ରାହୁଲଙ୍କୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କଡ଼ା ସମାଲୋଚନା କରିଛନ୍ତି। ବ୍ୟବସାୟୀଙ୍କ ମଧ୍ୟରେ ରାହୁଲ ଅବିଶ୍ୱାସ ଓ ବିଷ ମଞ୍ଜି ବୁଣୁଥିବା ସେ କହିଛନ୍ତି। ରାହୁଲ କହିଥିଲେ, ଟାଟା ଗ୍ରୁପ୍‌କୁ ଆପରାଧିକ ଭାବେ ବରବାଦ କରାଯାଉଛି। ଏହା ବିରୋଧରେ କୌଣସି ଶିଳ୍ପପତି କିଛି କହିବାକୁ ସାହସ କରୁନାହାନ୍ତି। ଶିଳ୍ପପତିମାନେ କେତେ ଦିନ ଚୁପ୍ ରହିବେ? ଦେଶର ବ୍ୟବସାୟ ଜଗତ ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଶାହଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏହି ଘଟଣାରେ ନ୍ୟାୟ ନିଶ୍ଚିତ କରିବାକୁ ଉଦ୍ୟମ କରିବେ ବୋଲି ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଲେଖିଥିଲେ। ତାଙ୍କୁ ଜବାବ ଦେଇ ନିର୍ମଳା କହିଛନ୍ତି, ଦଶନ୍ଧି ଦଶନ୍ଧି ଧରି କଂଗ୍ରେସ ଦଳ 'ଲାଇସେନ୍ସ-କୋଟା ରାଜ' ଜରିଆରେ ଭାରତୀୟ ଉଦ୍ୟୋଗୀଙ୍କ ଭାବନାକୁ ଦଳିମକଚି ରଖିଥିଲା। କୋଟି କୋଟି ଭାରତୀୟ ଦାରିଦ୍ର୍ୟରେ ଜୀବନଯାପନ କରିବାକୁ ବାଧ୍ୟ ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାର ଭାରତୀୟ ଉଦ୍ୟୋଗକୁ ନିଯୁକ୍ତି ସୃଷ୍ଟିକାରୀ କରିଥିଲା। ଆର୍ଥିକ ଅଭିବୃଦ୍ଧିର ଚାଳକ ଭାବେ ଉଦ୍ୟୋଗକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଆମ ନୀତି ଉଦ୍ୟୋଗଗୁଡ଼ିକୁ ସକ୍ଷମ, ସମର୍ଥନ ଓ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଥିଲେ। ସବୁ ପ୍ରସଙ୍ଗର ରାଜନୀତିକରଣଠାରୁ ଦୂରେଇ ରହିବାକୁ ସେ ରାହୁଲଙ୍କୁ ପରାମର୍ଶ ଦେଇଥିଲେ। ବାଣିଜ୍ୟିକ ଓ ଆଇନଗତ ବିଷୟଗୁଡ଼ିକୁ ଅପରାଧିକ କହିବା ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ। ଟାଟା ଗ୍ରୁପ୍‌କୁ ପରିଚାଳନା କରୁଥିବା ସଂସ୍ଥା ଟାଟା ସନ୍ସର ନେତୃତ୍ୱକୁ ନେଇ ବିବାଦ ଦେଖାଦେଇଛି। ଏନ୍ ଚନ୍ଦ୍ରଶେଖରନଙ୍କୁ ତୃତୀୟ ଥର ପାଇଁ ଅଧ୍ୟକ୍ଷ କରାଯିବାକୁ ଟାଟା ଟ୍ରଷ୍ଟସର ଅଧ୍ୟକ୍ଷ ନୋଏଲ ଟାଟା ବିରୋଧ କରୁଛନ୍ତି। ଯେହେତୁ ଟାଟା ସନ୍ସରେ ଟ୍ରଷ୍ଟର ୬୬% ଅଂଶଧନ ରହିଛି, ସେହି ଅନୁସାରେ ତାଙ୍କ କଥାରେ ଯେତିକି ଗୁରୁତ୍ୱ ରହିବା କଥା ତାହା ରହୁନାହିଁ। ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତି ସମ୍ପର୍କରେ ଗତ ସେପ୍ଟେମ୍ବର ୧୭ରେ ଟାଟା ସନ୍ସର ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା। ନୋଏଲଙ୍କ ଅଭିଯୋଗ ଅନୁସାରେ, ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତି ପ୍ରସ୍ତାବ ବୈଠକର ଏଜେଣ୍ଡାରେ ସ୍ପଷ୍ଟ ଭାବେ ଉଲ୍ଲେଖ ନଥିଲା। ଏଥିସହ ନିଯୁକ୍ତି ପ୍ରକ୍ରିୟାରେ ଆବଶ୍ୟକ ନିୟମ ପାଳନ ହୋଇନାହିଁ ଓ ନିଷ୍ପତ୍ତି ସମ୍ପର୍କିତ ଆବଶ୍ୟକ ଦସ୍ତାବିଜ୍ ତାଙ୍କୁ ଦିଆଯାଇନଥିବା ସେ କହିଛନ୍ତି। ଏହି ନିଷ୍ପତ୍ତିର ବୈଧତା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

ଏସବିଆଇ କ୍ରେଡିଟ କାର୍ଡ ୟୁଜରଙ୍କ ପାଇଁ ଜରୁରୀ ସୂଚନା

ଡିସେମ୍ବର ପହିଲାରୁ ଦେବାକୁ ପଡ଼ିବ ୧% ଅତିରିକ୍ତ ଚାର୍ଜ

ନୂଆଦିଲ୍ଲୀ,୨୯।୧୦ଃ ଏସବିଆଇ କ୍ରେଡିଟ୍ କାର୍ଡଧାରୀଙ୍କ ପାଇଁ ଜରୁରୀ ଖବର। ଡିସେମ୍ବର ୧ ତାରିଖ ଠାରୁ ଦେବାକୁ ପଡ଼ିବ ଅତିରିକ୍ତ ଚାର୍ଜ। କିଛି ନିର୍ଦ୍ଦିଷ୍ଟ ଉଚ୍ଚ ମୂଲ୍ୟରେ ପରିବହନ ଏବଂ ଫ୍ୟୁଲ୍ ଟ୍ରାଞ୍ଜାକ୍ସନ(ଇନ୍ଧନ ଖର୍ଚ୍ଚ) ପାଇଁ ଏସବିଆଇ ଗ୍ରାହକଙ୍କୁ ଏବେ ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିପାରେ। ଯେଉଁ କ୍ରେଡିଟ୍ କାର୍ଡ ଗ୍ରାହକମାନେ ନିୟମିତ ବଡ଼ଧରଣର ପରିବହନ ସମ୍ପର୍କିତ ଟ୍ରାଞ୍ଜାକ୍ସନ(ନିୟମିତ ଯିବା ଆସିବା କରିବାର ଉଚ୍ଚ ମୂଲ୍ୟର ଭଡ଼ା କ୍ରେଡିଟ କାର୍ଡ ମାଧ୍ୟମରେ ଦେବା), କିମ୍ବା ପେଟ୍ରୋଲ ପମ୍ପରେ ଉଚ୍ଚା ମୂଲ୍ୟରେ ନିୟମିତ ଇନ୍ଧନ କିଣୁଛନ୍ତି, ସେମାନେ ଏହି ନୂଆ ନିୟମ ବିଷୟରେ ଜାଣି ରଖିବା ନିହାତି ଦରକାର। ଡିସେମ୍ବର ୧ ତାରିଖ ଠାରୁ ଏଭଳି ଟ୍ରାଞ୍ଜାକ୍ସନ ପାଇଁ ଏସବିଆଇ କ୍ରେଡିଟ କାର୍ଡଧାରୀଙ୍କୁ ଅତିରିକ୍ତ ଦେୟ ଦେବାକୁ ପଡ଼ିପାରେ। ଏଥିପାଇଁ ଅକ୍ଟୋବର ୨୭ ତାରିଖରେ ଷ୍ଟେଟ୍ ବ୍ୟାଙ୍କ ନୋଟିସ୍ ଜାରି କରି ସୂଚନା ଦେଇଥିଲା। ଯାହା ସୂଚନା ବର୍ତ୍ତମାନ ପର୍ଯ୍ୟନ୍ତ ଏସବିଆଇ କାର୍ଡ ୱେବ୍‌ସାଇଟରେ ଉପଲବ୍ଧ ଅଛି। ସଂଶୋଧିତ ଫି ଷ୍ଟ୍ରକ୍ଚର ଅନୁସାରେ ଯେଉଁ ଟ୍ରାନ୍ସପୋର୍ଟେସନ ଟ୍ରାଞ୍ଜାକ୍ସନର ମାତ୍ର ୩୦ ହଜାର ଅତିକ୍ରମ କରିବା ସେଥିରେ ଗ୍ରାହକଙ୍କୁ ୧ ପ୍ରତିଶତ ଚାର୍ଜ ଦେବାକୁ ପଡ଼ିବ। ଏସବିଆଇ କାର୍ଡ ୱେବ୍‌ସାଇଟରେ ଦିଆଯାଇଥିବ ନୋଟିସରେ ଲେଖାଯାଇଛି "୧ ଡିସେମ୍ବର, ୨୦୨୬ ଠାରୁ,

୩୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ପ୍ରତ୍ୟେକ ପରିବହନ କାରବାର (ଯାହା MCC ୪୧୧୧, ୪୭୮୪, ୪୧୩୧ ଅଧୀନରେ ଚିହ୍ନିତ) ଉପରେ କାରବାର ରାଶିର ୧% ଶୁଳ୍କ ଲାଗୁ ହେବ।" ଉଦାହରସ୍ୱରୂପ ଯଦି ଜଣେ ଏସବିଆଇ କ୍ରେଡିଟ୍ କାର୍ଡ ୟୁଜର ପରିବହନ ସମ୍ବନ୍ଧୀୟ କୌଣସି କାରବାରରେ ୩୫,୦୦୦ ଟଙ୍କା ଖର୍ଚ୍ଚ କରନ୍ତି, ତେବେ ୧% ଶୁଳ୍କ ବାବଦକୁ ୩୫୦ ଟଙ୍କା ଦେବାକୁ ପଡ଼ିବ। ପ୍ରତ୍ୟେକ ବିଲିଂ ସାଇକେଲ୍ରେ ଏସ୍‌ବିଆଇ କ୍ରେଡିଟ କାର୍ଡଧାରୀ ନିଜର ଇନ୍ଧନ ବାବଦକୁ କରୁଥିବା ଖର୍ଚ୍ଚ ଉପରେ ନଜର ରଖିବାକୁ ପଡ଼ିବ। କୌଣସି ବିଲିଂ ସାଇକେଲ୍‌ରେ ଏହି କାରବାର ୫୦ ହଜାର ଟଙ୍କାରୁ ଅଧିକ ହେଇଗଲା, ତେବେ ଇନ୍ଧନ ବାବଦର ମୋଟ ଖର୍ଚ୍ଚ ଉପରେ ୧ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ।

ପ୍ରଚାରରେ କେବଳ ଜିରୋ ଟଲେରାନ୍ସ!

ପିସି ରାଜ, ବିଲ ପାସ, ଲାଞ୍ଚ ବିନା ହେଉନି କାମ

ବଦଳି ବାତିଲ ପାଇଁ ମୋଟା ଅଙ୍କର ନେଉଛନ୍ତି କୁଜି ନେତା

କାକଟପୁର /ଅସ୍ତରଙ୍ଗ,୨୯।୧୦ (ସଂଚାର ବ୍ୟୁରୋ)ଃ ସରକାର କହୁଛନ୍ତି ଜିରୋ ଟଲେରାନ୍ସ। ଭିଜିଲାନ୍ସ ବିଭାଗ ଏବେ ସଚେତନତା ସପ୍ତାହ ପାଳୁଛି। ଅଧିକାରୀ, ଅଧିକାରିଣୀ ମାନେ ହାତ ଉଠାଇ ଶପଥ ନେଉଛନ୍ତି - 'ଦୁର୍ନୀତି କରିବୁ ନାହିଁ'। ହେଲେ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ବାସ୍ତବ ଚିତ୍ର ଓଲଟା। ଏଠି ଶପଥ କେବଳ କାଗଜରେ, ଫଟୋ ସେସନ, ପିସି ଚାଲିଛି ଖୁଲମଖୁଲା ଯାହା ସାଧାରଣ ଚର୍ଚ୍ଚା। ଅନୁସନ୍ଧାନରୁ ଜଣାପଡ଼ିଛି, କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ ଏମିତି କୌଣସି ବିଭାଗ ନାହିଁ ଯେଉଁଠି ପ୍ରଶ୍ନ ନାହିଁ। ନାମ ଗୋପନ ରଖି ଜଣେ ଠିକାଦାର କହିଛନ୍ତି - 'ଅସ୍ତରଙ୍ଗରେ ପ୍ରତି କାମରେ ୧୫ ରୁ ୧୮% ପିସି। ରାସ୍ତା ହେଉ କି ନଳକୂପ, ଆବାସ ହେଉ କି ମେସିନ ଲଗାଇ ମନରେଗା କାମ। ବିଲ ପାସ ବେଳେ ସିଧା କାଟି ନିଅନ୍ତି। ନ ଦେଲେ ଫାଇଲ ଅଟକିବ, ଏସଡି ଟଙ୍କା ଫେରିବନି।' ଆଉ ଜଣେ ପଞ୍ଚାୟତ ପ୍ରତିନିଧି କହିଛନ୍ତି - 'ଆମେ କହିଲେ ଆମ ବିଲ ଅଟକିବ। ତେଣୁ ଚୁପ୍। 'କିଛି ଦିନ ପୂର୍ବେ କାକଟପୁର ବ୍ଲକ ସାମ୍ନାରେ ଖୋଦ ଲୋକ ପ୍ରତିନିଧି ପିସି ବନ୍ଦ ପାଇଁ ଧାରଣା ଦେଇଥିଲେ। ଏହା ପରେ ବି ସୁଧୁରିଲା ନାହିଁ ପ୍ରଶାସନ। ଅଶୋକ ବେହେରାଙ୍କ ଅଭିଯୋଗରେ ନଗର ଆରଆଇ ଅଫିସ ଭିତରେ ଲାଞ୍ଚ ନେଉଥିବା ବେଳେ ଧରା ପଡ଼ିଥିଲେ ରାଜସ୍ୱ ନିରୀକ୍ଷକ। କେନ୍ଦ୍ରାପଟି ଆରଆଇ ବି ଧରା ପଡ଼ିଥିଲେ। ହେଲେ ଜଣେ ଧରା ପଡ଼ିଲେ ବି ଅନ୍ୟେ ସୁଧୁରୁ ନାହାନ୍ତି। କାରଣ ଉପରେ ନେତାଙ୍କ ହାତ। ନିୟମ ଅଛି - ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ରହିବେ ନାହିଁ। ହେଲେ ଅସ୍ତରଙ୍ଗରେ କିଛି ବାବୁ, ମାଡାମ୍ ୪ ବର୍ଷ ନୁହେଁ, ୮-୧୦ ବର୍ଷ ହେଲା ଗୋଟିଏ ଚୌକିରେ। ଚର୍ଚ୍ଚା ହେଉଛି- ବଦଳି ଆଦେଶ ଆସିଲେ ଭୁବନେଶ୍ୱର ଯାଇ ମନ୍ତ୍ରୀ, ଉଚ୍ଚ ଅଧିକାରୀଙ୍କୁ ମୋଟା ଅଙ୍କର ଟଙ୍କା ଦେଇ ବାତିଲ କରାନ୍ତି। ପଛରେ ଅଛନ୍ତି କୁଜି ନେତା। ସେ ନେତାଙ୍କ ପକେଟ ଗରମ ହେଉଛି, ବାବୁଙ୍କ ସମ୍ପତ୍ତି ବଢୁଛି। ସାଧାରଣ ଲୋକ ମରୁଛି। ଫଳରେ କଣ ହେଉଛି? ସରକାରୀ ଯୋଜନା କାଗଜରେ, ବାସ୍ତବରେ ନିମ୍ନ ମାନର କାମ। ରାସ୍ତା ହେଉ ହେଉ ଭାଙ୍ଗୁଛି, ଘର ଫାଟୁଛି। ଶହ ଶହ କୋଟି ହରିଲୁଟ। ଭିଜିଲାନ୍ସରେ ଅଭିଯୋଗ ଗଦା ହେଲାଣି, ହେଲେ ଚଢ଼ାଉ ନାହିଁ। ଏବେ ଦୁର୍ନୀତି ନିବାରଣ ସପ୍ତାହ। ଅଫିସରେ ବ୍ୟାନର ଲାଗିଛି। ହେଲେ ଫଟୋ ଗଣମାଧ୍ୟମକୁ ଦିଆଯାଉ ନାହିଁ। କାଳେ ପଚାରିବେ - 'ବାବୁ, ବାବୁଆଣୀ ଆପଣ କେତେ ନେଉଛନ୍ତି?'କାହିଁକି ବଦଳି ପରେ ବାରମ୍ବାର ବାତିଲ ପ୍ରୟାସ କରୁଛନ୍ତି। ଲୋକେ ଚାହାଁନ୍ତି - ଜିଲ୍ଲାପାଳ ଏବଂ ଏସପି ହସ୍ତକ୍ଷେପ କରନ୍ତୁ, ୩ ବର୍ଷରୁ ଅଧିକ ଥିବା ଅଧିକାରୀଙ୍କ ତୁରନ୍ତ ବଦଳି ହେଉ, ସେମାନଙ୍କ ସମ୍ପତ୍ତି ଯାଞ୍ଚ ପାଇଁ ଭିଜିଲାନ୍ସ ଚଢ଼ାଉ ହେଉ। ନହେଲେ ଏ ଭିଜିଲାନ୍ସ ସପ୍ତାହ କେବଳ ଲୋକ ଦେଖାଣିଆ ହୋଇ ରହିବ, ପିସି ରାଜ୍ ଚାଲିଥିବ।

ବାତ୍ୟା ଅର୍ଣ୍ଣବ ପ୍ରଭାବ ଗଛ ପଡ଼ି ରାସ୍ତା ଅବରୋଧ

● ଅଗ୍ନିଶମ ବିଭାଗ ଗଛ କାଟିଲା ପରେ ଯାତାୟାତ ସ୍ୱାଭାବିକ

ଲାଞ୍ଜିଗଡ଼,୨୯।୧୦ (ସଂଚାର ବ୍ୟୁରୋ)ଃ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ବର୍ଷା ଲାଗି ରହିଥିବା ବେଳେ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଜାଗାରେ ଗଛ ପଡ଼ି ରାସ୍ତା ଅବରୋଧ।ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ଗଛକାଟିବା ପରେ ଯାତାୟାତ ସ୍ୱାଭାବିକ।ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ପବନ ଓ ବର୍ଷା ଯୋଗୁଁ ଲାଞ୍ଜିଗଡ଼-ତ୍ରିଲୋଚନପୁର-ବିଜେପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବଂଜାରୀ ଘାଟି ନିକଟରେ ଆଜି ସକାଳୁ ଏକ ବିରାଟକାୟ ଗଛ ପଡ଼ିଯାଇ ରାସ୍ତା ଅବରୋଧ ହୋଇଥିବା ବେଳେ ଦୀର୍ଘ ସମୟ ଧରି ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା ଫଳରେ ଉଭୟ ପାର୍ଶ୍ୱରେ ଗାଡି ଗୁଡିକ ଅଟକି ରହିଥିବା ବେଳେ ଜନସାଧାରଣ ମାନେ ବହୁତ ଅସୁବିଧାର ସମ୍ମୁଖିନ ହୋଇଥିଲେ ଓ ଖବରପାଇ ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ମୁଖ୍ୟ ଅଗ୍ନିଶମ କର୍ମୀ ତଥା ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଦେବରାଜ ସାରକା, ଅଗ୍ନିଶମ ଚାଳକ ଶିବ କିଷାନ, କ୍ଷଅଗ୍ନିଶମ କର୍ମଚାରୀ ଶରତ ଚନ୍ଦ୍ର ବେହେରା, ବ୍ରଜ କିଶୋର ମହାରଣା, ସୁଧାଂଶୁ ଶେଖର ଦାସ, ମନୋଜ ଦାଣ୍ଡିଆ ପ୍ରମୁଖ ଯାଇ ଗଛ କାଟିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା।ସେହିପରି ସନ୍ଧ୍ୟା ୫ ଘଣ୍ଟା ସମୟରେ ଲାଞ୍ଜିଗଡ଼- ବେନଗାଁ ରାସ୍ତାର ବାନିଗାଁ ନିକଟରେ ମଧ୍ୟ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା ଏବଂ ଅଗ୍ନିଶମ କର୍ମଚାରୀ ମାନେ ଯାଇ ଗଛ କାଟିବା ପରେ ସ୍ୱାଭାବିକ ହୋଇଥିଲା। ବର୍ଷା ଓ ପବନ ଯୋଗୁଁ ବ୍ଲକର ବିଭିନ୍ନ ଜାଗାରେ ବିଦ୍ୟୁତ ତାର ଛିଣ୍ଡି ଯାଇଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ମଧ୍ୟ ବ୍ୟାହତ ହୋଇଥିଲା।

ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ

ସାଧୁତା ଓ ସତ୍ୟନିଷ୍ଠା ସମୃଦ୍ଧିର ମୂଳଦୁଆ

ଢେଙ୍କାନାଳ,୨୯।୧୦ (ସଂଚାର ବ୍ୟୁରୋ)ଃ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ଆଜି ଅପରାହ୍ନରେ ଢେଙ୍କାନାଳର ସଦ୍‌ଭାବନା ହଲ୍‌ଠାରେ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି ସପ୍ତାହର ବିଷୟବସ୍ତୁ ହେଉଛି 'ସାଧୁତାରୁ ସମୃଦ୍ଧି'। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ପାଟିଲ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ। ସଭାରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ପାଟିଲ କହିଥିଲେ ଯେ ସାଧୁତା, ସତ୍ୟନିଷ୍ଠା ଓ ସ୍ୱଚ୍ଛତା ଏକ ସମୃଦ୍ଧ ସମାଜ ଗଠନର ମୂଳଦୁଆ। ସରକାରୀ କାର୍ଯ୍ୟରେ ନିଷ୍ଠା ଓ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଜନସାଧାରଣଙ୍କୁ ନିରପେକ୍ଷ ଓ ଦାୟିତ୍ୱପୂର୍ଣ୍ଣ ସେବା ଯୋଗାଇଦେବା ଦ୍ୱାରା ସମାଜରେ ବିଶ୍ୱାସ ବୃଦ୍ଧି ପାଏ ଏବଂ ପ୍ରକୃତ ସମୃଦ୍ଧିର ପଥ ପ୍ରଶସ୍ତ ହୁଏ। ଜନସାଧାରଣ ନିଜ ଅଧିକାର ପ୍ରତି ସଚେତନ ରହିବା ସହ ଦୁର୍ନୀତିକୁ କୌଣସି ରୂପରେ ପ୍ରଶ୍ରୟ ନ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶା ଭିଜିଲାନ୍ସ ବିଭାଗ ସର୍ବଭାରତୀୟ ସ୍ତରରେ ଅନ୍ୟତମ ଉଚ୍ଚ ପ୍ରଦର୍ଶନକାରୀ ସଂସ୍ଥା ଭାବେ ପରିଗଣିତ ହେଉଥିବା ଉଲ୍ଲେଖ କରି ଜିଲ୍ଲାପାଳ କହିଥିଲେ ଯେ ଦୋଷୀ ସାବ୍ୟସ୍ତ ହାର ୬୦ ପ୍ରତିଶତରୁ ଅଧିକ ରହିବା ଭିଜିଲାନ୍ସ ବିଭାଗର କାର୍ଯ୍ୟଦକ୍ଷତାକୁ ପ୍ରତିଫଳିତ କରୁଛି। ଏହା ଏକ ଦିଗରେ ସନ୍ତୋଷଜନକ ହୋଇଥିବାବେଳେ ସାଧାରଣ ଜୀବନର ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଉପସ୍ଥିତିକୁ ମଧ୍ୟ ସୂଚାଉଛି। ତେଣୁ ଦୁର୍ନୀତି ନିରାକରଣ ଦିଗରେ ସମସ୍ତ ସରକାରୀ ବିଭାଗ, ଅଧିକାରୀ, କର୍ମଚାରୀ ଓ ସାଧାରଣ ଜନତାଙ୍କ ପାଇଁ ଆହୁରି ଉନ୍ନତିର ବ୍ୟାପକ ସୁଯୋଗ ରହିଛି। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତେ ନିଜ ନିଜ ସ୍ତରରେ ସଚ୍ଚୋଟତା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ।

● ପାରାଦୀପରେ ଦୀପାବଳି ପାଇଁ ବ୍ୟାପକ ପ୍ରସ୍ତୁତି

ବଜାରରେ ଦୀପ, ବାଣ ଓ ମିଠାର ପସରା; ହୋଟେଲ ଏମ୍ପାୟାର୍ସର ସ୍ୱତନ୍ତ୍ର ଷ୍ଟଲ୍

ପାରାଦୀପ,୨୯।୧୦ (ସଂଚାର ବ୍ୟୁରୋ)ଃ ଆଲୋକର ପର୍ବ ଦୀପାବଳିକୁ ଆଉ ଅଳ୍ପଦିନ ବାକି ଥିବାବେଳେ ବନ୍ଦର ନଗରୀ ପାରାଦୀପରେ ଉତ୍ସବକୁ ନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଦୀପାବଳିକୁ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ବାଣ ବ୍ୟବସାୟୀମାନେ ପ୍ରସ୍ତୁତି ଚଳାଇଥିବାବେଳେ ମାଟିଦୀପ ତିଆରିରେ କୁମ୍ଭକାରମାନେ ଦିନରାତି ଏକ କରିଦେଇଛନ୍ତି। ସେହିପରି ବଜାରରେ ରଙ୍ଗବେରଙ୍ଗର ଆଲୋକସଜ୍ଜା ସାମଗ୍ରୀର ପସରା ମେଲିଛି। ବିଭିନ୍ନ ଦୋକାନରେ ମିଠା ଓ ଅନ୍ୟାନ୍ୟ ଆକର୍ଷଣୀୟ ସାମଗ୍ରୀ ମଧ୍ୟ ବିକ୍ରି ପାଇଁ ପ୍ରସ୍ତୁତ ହେଲାଣି। ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହୋଟେଲ ଏମ୍ପାୟାର୍ସ ପକ୍ଷରୁ ଦୀପାବଳି ଉପଲକ୍ଷେ ଏକ ସ୍ୱତନ୍ତ୍ର ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି। ଏଠାରେ ଗିଫ୍ଟ ହାମ୍ପର୍ ସହ ହସ୍ତଶିଳ୍ପ ଓ ଓଡ଼ିଶାର କଳା-ସଂସ୍କୃତିର ଝଲକ ବହନ କରୁଥିବା ଟେରାକୋଟା ସାମଗ୍ରୀ, ମିଠା ଏବଂ ଡ୍ରାଏଫ୍ରୁଟ୍ ପ୍ୟାକେଟ୍ ଉପଲବ୍ଧ ହେଉଛି। ଏହି ସାମଗ୍ରୀ କିଣିବା ପାଇଁ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ଯିବାକୁ ପଡୁଥିବାବେଳେ ଏବେ ପାରାଦୀପରେ ଉଚିତ ମୂଲ୍ୟରେ ଏସବୁ ମିଳିପାରୁଥିବାରୁ ଗ୍ରାହକମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ଦୀପାବଳିକୁ ନେଇ ସହରରେ ଏବେଠାରୁ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି।

ନାବାଳିକା ଅପହରଣ ମାମଲା ଅଭିଯୁକ୍ତକୁ ସଶ୍ରମ କାରାଦଣ୍ଡ

ବାରିପଦା,୨୯।୧୦ (ସଂଚାର ବ୍ୟୁରୋ)ଃ ଆଜି ଏଜ ନାବାଳିକା ଅପହରଣ ସଂକ୍ରାନ୍ତ ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ ସୁଦୀପ୍ତ ଆଚାର୍ଯ୍ୟ ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ବାଙ୍ଗରିପୋଷି ଥାନା ଅନ୍ତର୍ଗତ ଅଁଳାଗୁଞ୍ଜା ଗ୍ରାମର ପ୍ରଦୀପ ବେହେରା (୪୭) କୁ ଭାରତୀୟ ନ୍ୟାୟ ସଂହିତା ଧାରା ୩୬୩ ଅନୁଯାୟୀ ତିନି ବର୍ଷ ସଶ୍ରମ କାରାଦଣ୍ଡ ସମେତ ପାଞ୍ଚ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଏକ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୧-୭-୨୦୧୯ ରିଖ ବିଳମ୍ବିତ ରାତ୍ରୀରେ ଉକ୍ତ ଥାନା ଅଞ୍ଚଳର ଜନୈକ ୧୪ ବର୍ଷ ର ନବାଳିକା କୁ ଅଭିଯୁକ୍ତ ପ୍ରଦୀପ ବେହେରା ଘରେ ଶୋଇଥିବା ସମୟରେ ଅପହରଣ କରିନେଇ ଥିବାର ଥାନାରେ ନବାଳିକା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ବାବଦରେ ବାଙ୍ଗରିପୋଷି ଥାନାରେ କେସ ନମ୍ବର୭୪/ ୩-୭-୨୦୧୯ରେ ଏକ ଅପହରଣ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ମାନ୍ୟବର ଅଦାଲତ ପକ୍ଷରୁ ସମସ୍ତ ସାକ୍ଷୀ ଏବଂ ଆବଶ୍ୟକ ପ୍ରମାଣପତ୍ର କୁ ଭିତ୍ତି କରି ଚୁଡାନ୍ତ ରାୟ ପ୍ରକାଶ ପାଇଅଛି।

ପୋଖରୀରେ ବୁଡି ନାବାଳିକାର ମୃତ୍ୟୁ

ବାରିପଦା,୨୯।୧୦(ସଂଚାର ବ୍ୟୁରୋ)ଃ ମୟୁରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ବାଡୁନିଆ ଗ୍ରାମର ଜଣେ ସାତ ବର୍ଷ ର ନାବାଳିକାର ପୋଖରୀରେ ବୁଡି ମୃତ୍ୟୁ ହୋଇଅଛି। ମୃତ ନାବାଳିକା ହେଲେ ଉକ୍ତ ଗ୍ରାମର ତୁଳସୀ ନାୟକ। ନାବାଳିକା ଜଣକ ସବୁଦିନ ପରି ଆଜି ସକାଳୁ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜା ଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରି ବିଶୋଇ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ବାବଦରେ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଅଛି।

ଆକ୍ରମଣ ଅଭିଯୋଗରେ ଗିରଫ ପରେ ପୁଲିସକୁ ଧମକ!

ନିଶ୍ଚିନ୍ତକୋଇଲି,୨୯।୧୦ (ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନ ଅନ୍ତର୍ଗତ ବଢ଼ିଖିରି ପଞ୍ଚାୟତରେ ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାରେ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଥିବା ବେଳେ, ଘଟଣାଟି ୨୨ ଅକ୍ଟୋବର ୨୦୨୬ ତାରିଖର ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ମହେନ୍ଦ୍ର ମଲ୍ଲିକ(୨୪) ନାମକ ଜଣେ ବ୍ୟକ୍ତି ବିକ୍ରମ ସିଂ(୨୮)ଙ୍କୁ ଆକ୍ରମଣ କରିଥିବା କୁହାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ନିଶ୍ଚିନ୍ତକୋଇଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନ ପରେ ପୁଲିସକୁ ଧମକ ଦିଆଯାଉଥିବା ଏବଂ ପୁଲିସ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯାଉଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଥିବା କୁହାଯାଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ସ୍ୱତନ୍ତ୍ର ଭାବେ ଯାଞ୍ଚ ହେବା ଆବଶ୍ୟକ। ଅନ୍ୟପକ୍ଷରେ, ଯଦି କୌଣସି ବ୍ୟକ୍ତିଙ୍କ ବିରୋଧରେ ଜାଣିଶୁଣି ମିଥ୍ୟା ଅଭିଯୋଗ ଅଣାଯାଇଥାଏ, ତେବେ ଆଇନ ଅନୁଯାୟୀ ତାହାର ତଦନ୍ତ ହୋଇ ଉଚିତ ପଦକ୍ଷେପ ନିଆଯିବା ଆବଶ୍ୟକ। ସେହିପରି, ଆକ୍ରମଣ ଘଟଣା ଓ ପୁଲିସକୁ ଧମକ ଦିଆଯିବା ସମ୍ପର୍କିତ ଚର୍ଚ୍ଚାର ସତ୍ୟତା ସାମ୍ନାକୁ ଆଣିବା ପାଇଁ ନିରପେକ୍ଷ ତଦନ୍ତ ଗୁରୁତ୍ୱପୂର୍ଣ୍ଣ।

କାନ୍ଥ ଭୁଶୁଡି ବାଇକ ଓ କାର କ୍ଷତିଗ୍ରସ୍ତ

ବାରିପଦା,୨୯।୧୦ (ସଂଚାର ବ୍ୟୁରୋ)ଃ ବାତ୍ୟା ପ୍ରଭାବରେ ବାରିପଦା ସହର ସମେତ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଗତକାଲି ପାଖରୁ ଆଜି ପର୍ଯ୍ୟନ୍ତ ବର୍ଷା ର ପ୍ରଭାବ ଜାରିରହିଛି। ଫଳରେ ଆଜି ଅପରାହ୍ନରେ ବାରିପଦା କଚେରୀ ପଛ ପଟେ ରାସ୍ତା ପାର୍ଶ୍ୱରେ ଏକ କୋର୍ଟ ର କାନ୍ଥ ଭୁଶୁଡି ପଡ଼ିଅଛି। ଭାଗ୍ୟବଶତଃ ସେହି ସମୟରେ ଉକ୍ତ ସ୍ଥାନରେ କୌଣସି ଲୋକ ନଥିଲେ। ତେଣୁ ଏଥିରେ କୌଣସି ଲୋକ ଆହତ ହୋଇନଥିବା ବେଳେ ରାସ୍ତା ପାର୍ଶ୍ୱରେ ରହିଥିବା କିଛି ବାଇକ ଏବଂ କାର ଭଙ୍ଗା କାନ୍ଥ ତଳେ ଚାପି ହୋଇଯାଇଥିଲା। ଖବର ପାଇ ଅଗ୍ନିଶ୍ରମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଭଙ୍ଗାକାନ୍ଥ ତଳୁ ଗାଡିଗୁଡିକୁ ଉଦ୍ଧାର କରିଥିଲେ। ଉକ୍ତ ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ଅଟେ। ତେଣୁ ଆଜିକାର ଏହି ଘଟଣା ପରେ ଲୋକମାନଙ୍କ ଭିତରେ ଏକ ଭୟର ବାତାବରଣ ଦେଖାଦେଇଥିଲା।

ବାତ୍ୟା ଅର୍ଣ୍ଣବର ପ୍ରଭାବରେ ପଞ୍ଚଲିଙ୍ଗେଶ୍ୱରରେ ୧୦ ଫୁଟ୍‌ର ପାଣି

● ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବନ୍ଦ

ନୀଳଗିରି,୨୯।୧୦(ସଂଚାର ବ୍ୟୁରୋ)ଃ ଗତକାଲି ଦିନ ୧୧.୨୦ମିନିଟରୁ ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡିଶାର ଅନ୍ୟତମ ଶୈବ ପୀଠ ପଞ୍ଚଲିଙ୍ଗେଶ୍ୱର ରେ ନାହିନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଦର୍ଶନାର୍ଥୀ ଶ୍ରଦ୍ଧଳୁ। ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଏବେ ୧୦ ଫୁଟ୍‌ର ପାଣି ଚାଲିଥିବାରୁ ପୀଠସ୍ଥଳୀ ଏବଂ ବାବାଙ୍କ ଉପରେ ପ୍ରଖର ଜଳସ୍ରୋତ ଚାଲିଥିବା ଦେଖିବାକୁ ମିଳିଛି। ତେଣୁ ଭକ୍ତଙ୍କ ସୁରକ୍ଷା ପାଇଁ ଆଜି ଅପରାହ୍ନ୧ଘଟିକା ପର ଠାରୁ ପର୍ଯ୍ୟଟକ ଶ୍ରଦ୍ଧାଳୁଙ୍କ ପାଇଁ ଏହି ପୀଠରେ ସାମୂହିକ ଦର୍ଶନ ବନ୍ଦ ରଖାଗଲା ବୋଲି ଟ୍ରଷ୍ଟ ବୋର୍ଡ ମ୍ୟାନେଜର ଶିଶିର କୁମାର ମିଶ୍ର ସୂଚନା ଦେଇଛନ୍ତି।

ସେନାପତିଙ୍କ 'ଲଛମା' ସ୍ୱାମୀ ବିବେକାନନ୍ଦ ଲୋକ ସଂସଦରେ ଆଲୋଚିତ

ନୀଳଗିରି,୨୯।୧୦ (ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ମରହଟ୍ଟା ମାନଙ୍କର ଅତ୍ୟାଚାର ଏବଂ ପ୍ରପୀଡନର ନିଛକ ଚିତ୍ର ଲଛମା ଉପନ୍ୟାସରେ ବର୍ଣ୍ଣିତ। ଏହି ଉପନ୍ୟାସର ବିବରଣୀ ଓଡିଶା ଇତିହାସର ଚାରିବର୍ଷର ଘଟଣାକାଳ ଅଟେ। ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଶାର ଚିତ୍ର ଏଠାରେ ବର୍ଣ୍ଣିତ। ଲଛମା ଉପନ୍ୟାସରେ ବର୍ଗୀ ଓ ମୁସଲମାନ ମାନଙ୍କ ଯୁଦ୍ଧ ଘଟଣା ବର୍ଣ୍ଣନା ହେବା ସଙ୍ଗେସଙ୍ଗେ ଉତ୍କଳୀୟ ଖଣ୍ଡାୟତ ମାନଙ୍କ ବୀରତ୍ୱ ଓ ଜାତୀୟତା ପ୍ରକାଶିତ ହୋଇଅଛି। ଫକୀରମୋହନ ରାଇବଣିଆର ଦୁର୍ଗାଧିପତିଙ୍କ ସହିତ ମରହଟ୍ଟା ସର୍ଦ୍ଦାର ଭାସ୍କର ପଣ୍ଡିତଙ୍କ ସହ ଘଟାଇ ଅତୀତ ଓଡିଆଙ୍କର ବୀରତ୍ୱ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହା ମାଧ୍ୟମରେ ଫକୀରମୋହନ ଜାତୀୟତାବୋଧର ପରିଚୟ ଦେଇଛନ୍ତି। ଫକୀରମୋହନ ଥିଲେ ମାନବତାର ଉପାସକ। ସର୍ବୋପରି ସେନାପତି ଯେଉଁଠାରେ ମାନବତାର ସନ୍ଧାନ ପାଇଛନ୍ତି, ସେଠାରେ ସ୍ଥାନ, କାଳ ଓ ପାତ୍ର ବିସ୍ମୃତ ହୋଇ ତାର ପ୍ରଶଂସା ଗାନ କରିଛନ୍ତି ବୋଲି ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓଡିଶାର ବାଲେଶ୍ୱର ଶାଖା ତରଫରୁ ଆୟୋଜିତ ଆସରରେ ସେନାପତିଙ୍କ ଲଛମା ଏକ ଦୃଷ୍ଟିପାତ ଶୀର୍ଷକରେ ଆଲୋଚକ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ କବୀ ସୁବାସିନୀ ଜୀ ଙ୍କ ପରିଚାଳନାରେ ପ୍ରାବନ୍ଧିକ ପ୍ରଫେସର ରମାକାନ୍ତ ବେହେରା ପୌରୋହିତ୍ୟରେ ସୁଶ୍ରୀ ଲିଜା ଗିରି ଓଁ କାର ଧ୍ୱନି ଓ ଶିକ୍ଷାବିତ୍ ରାମଚନ୍ଦ୍ର ପୃଷ୍ଟି ବିବେକବାଣୀ ପଠନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ଅଧ୍ୟାପକ ଗଣେଶ ପ୍ରସାଦ ତିଆଡି କୃତଜ୍ଞତା ଜ୍ଞାପନ କରିଥିବାବେଳେ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନରେ ରାମଚନ୍ଦ୍ର ପୃଷ୍ଟି ଆଲୋଚନା କରିଥିଲେ।

ଚିକେନ୍ କିଣିବାକୁ ଯାଇ ବିବାହିତ ଯୁବକ ନିଖୋଜ

ପାଟଣା,୨୯।୧୦ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାଧୁପଡ଼ାରେ ଭଡ଼ାଘରେ ରହୁଥିବା ଜଣେ ବିବାହିତ ଯୁବକ ଚିକେନ୍ କିଣିବାକୁ ବଜାରକୁ ଯାଇ ସନ୍ଦେହଜନକ ଭାବେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଜଣକ ହେଉଛନ୍ତି ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଇଁକୁଳ ପଣ୍ଡୁଆ ଗ୍ରାମର ଦୀପକ କୁମାର ସେଠୀ (୪୭)। ଏନେଇ ତାଙ୍କ ସ୍ତ୍ରୀ ଦୀପାଞ୍ଜଳୀ ନାୟକ ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦୀପକ ଗତ ୩ ବର୍ଷ ହେବ ସାଧୁପଡ଼ାରେ ସସ୍ତ୍ରୀକ ଭଡ଼ାରେ ରହି ଆସୁଥିଲେ। ସେ ଏକ ଠିକା ସଂସ୍ଥାରେ ରାସ୍ତା କାର୍ଯ୍ୟର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ ଏବଂ ପ୍ରଥମେ ବେଗେନା ଓ ପରେ ରାଙ୍କିରେ କାମ ଦେଖାଶୁଣା କରୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ଦୀପକ ଓ ତାଙ୍କ ସ୍ତ୍ରୀ ପୁରୀରୁ ଭଡ଼ାଘରକୁ ଫେରିଥିଲେ। ଏହାପରେ ଦୀପକ ଚିକେନ୍ କିଣିବା ପାଇଁ ପାଟଣା ବଜାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଦୀର୍ଘସମୟ ଧରି ଘରକୁ ନଫେରିବାରୁ ସ୍ତ୍ରୀ ଦୀପାଞ୍ଜଳୀ ତାଙ୍କ ମୋବାଇଲ୍‌କୁ ଫୋନ୍ କରିବାରୁ ସେ "ମୁଁ ବ୍ୟସ୍ତ ଅଛି" କହି ଫୋନ୍ କାଟି ଦେଇଥିଲେ। ଏହାପରଠାରୁ ତାଙ୍କ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ ରହିଛି। ସ୍ତ୍ରୀ ଦୀପାଞ୍ଜଳୀ ଏନେଇ ଦୀପକଙ୍କ ବାପା କୃଷ୍ଣ ଚରଣ ସେଠୀଙ୍କୁ ଜଣାଇବା ପରେ ପରିବାର ଲୋକେ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଶେଷରେ ନିରୁପାୟ ହୋଇ ସ୍ତ୍ରୀ ପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଛି। ଏହି ଘଟଣାର ତଦନ୍ତ ଆରମ୍ଭ କରାଯାଇଛି ବୋଲି ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

ଆଲୋକମାଳାରେ ଝଲସୁଛି ଆମ୍ବଦଳା, ଗଜଲକ୍ଷ୍ମୀ ପୂଜାରେ ଜମୁଛି ଭିଡ଼

ମୁନିଗୁଡା,୨୯।୧୦ (ସଂଚାର ବ୍ୟୁରୋ)ଃ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ରାୟଗଡ଼ା ଜିଲ୍ଲାର ଆମ୍ବଦଳା ସହର। ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସହରରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଆକର୍ଷଣୀୟ ଆଲୋକସଜ୍ଜା, ବିଶାଳ ତୋରଣ, ପୂଜାମଣ୍ଡପର ସାଜସଜ୍ଜା ଓ ମୀନାବଜାର ଦର୍ଶକଙ୍କୁ ଆକୃଷ୍ଟ କରୁଛି। ସନ୍ଧ୍ୟା ହେବା ସହିତ ମା'ଙ୍କ ଆଳତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବାବେଳେ ମେଳା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପୂଜାର ଆକର୍ଷଣକୁ ଆହୁରି ବଢ଼ାଇଛି। ଚଳିତବର୍ଷ ପୂଜାର ମୁଖ୍ୟ ଆକର୍ଷଣ ପାଲଟିଛି ୮୫ ଫୁଟ୍ ଉଚ୍ଚତାର ବିଶାଳ ତୋରଣ। ଏହାର କାରୁକାର୍ଯ୍ୟ ଓ ଆଲୋକସଜ୍ଜା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଅନେକ ଦର୍ଶକ ତୋରଣ ସମ୍ମୁଖରେ ଫଟୋ ଉଠାଇବା ସହ ସାଙ୍ଗସାଥୀ ଓ ପରିବାର ସହିତ ପୂଜା ବୁଲିବାର ମଜା ନେଉଛନ୍ତି। ସହରର ବିଭିନ୍ନ ରାସ୍ତା ଓ ପୂଜାମଣ୍ଡପ ରଙ୍ଗିନ ଆଲୋକରେ ସଜ୍ଜିତ ହୋଇଥିବାରୁ ସନ୍ଧ୍ୟାରେ ପରିବେଶ ବେଶ୍ ଆକର୍ଷଣୀୟ ହୋଇଉଠୁଛି।

ଅତାମଳାରେ ମା' ଶ୍ୟାମା କାଳୀଙ୍କ ମାଟି ଉଠାଣ କାର୍ଯ୍ୟକ୍ରମ ହୋଇଯାଇଛି

ଜଗତସିଂହପୁର,୨୯।୧୦ (ସଂଚାର ବ୍ୟୁରୋ)ଃ ଜଗତସିଂହପୁର ସହରର ଉପକଣ୍ଠ ଅତାମଳାରେ ମା ଶ୍ୟାମା କାଳୀଙ୍କ ପୂଜାପାଇଁ ବହୁ ଧୁମଧାମରେ ମାଟି ଉଠାଣ କାଯ୍ୟକ୍ରମ ହୋଇଯାଇଛି।ଏହି କାଯ୍ୟକ୍ରମରେ ପୁରୋହିତ ନିରଞ୍ଜନ ମହାପାତ୍ର, କର୍ତ୍ତା ସୁବାସ ଚନ୍ଦ୍ର ମହାନ୍ତି, ମା ଶ୍ୟାମା କାଳୀ କମିଟିର ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ, ସନ୍ତୋଷ ନାୟକ, ପ୍ରଶାନ୍ତ କୁମାର ମାଝୀ,ଶୁଭ୍ରଜିତ ମହାନ୍ତି,ଭଗବାନ ଭୋଇ,ରବୀନ୍ଦ୍ର ଭୋଇ, ଲକ୍ଷ୍ମୀଧର ପ୍ରଧାନ, ରାକେଶ ପ୍ରଧାନ,ଆଗତ ପତି,ଦିବ୍ୟଜ୍ୟୋତି ମହାନ୍ତି, ଏବଂ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ମା ଶ୍ୟାମାକାଳୀଙ୍କ ମାଟି ଉଠା କାଯ୍ୟକ୍ରମକୁ ସଫଳ କରିଥିଲେ।

ସୁପାରିଶ ବନାମ ରାଜନୈତିକ ହସ୍ତକ୍ଷେପ - କେକେଡି ବିରୋଧୀ ଲଢେଇ

ବଲାଙ୍ଗିର,୨୯।୧୦ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ସମ୍ବାଦିକ ଭବନ ଠାରେ ଓଡ଼ିଶା କେଉଁଟ-କୈବର୍ତ୍ତ-ଧୀବର (କେକେଡି) ହଟାଓ ଆହ୍ୱାନ କମିଟି ର ଆବାହକ ତଥା ସାଧାରଣ ସଂପାଦକ ଡିଙ୍ଗର କୁମ୍ଭାର ଏବଂ ସଂଘର ଉପସଭାପତି ସୁବ୍ରତ ଜଗଦଲା ଏବଂ ଭୀମ ଆର୍ମୀର ଚିନୁ ହରପାଲ ଓ ଆଇନଜିବି ଦିନେଶ ନାଗ ଙ୍କ ନେତୃତ୍ୱରେ ଆଜି ଅଲ ଓଡିଶା କେଉଁଟ-କୈବର୍ତ୍ତ-ଧୀବର (କେକେଡି) ହଟାଓ ଆହ୍ୱାନ କମିଟି ରାଷ୍ଟ୍ରୀୟ ଅନୁସୂଚିତ ଜାତି ଆୟୋଗ (ଏନ୍.ସି.ଏସ୍.ସି) ନିକଟରେ ଏକ ବିସ୍ତୃତ ଓ ତଥ୍ୟ ଭିତ୍ତିକ ଅଭିଯୋଗ ପତ୍ର ଦାଖଲ କରିଛି। କମିଟି ର ଅଭିଯୋଗ ଅନୁସାରେ ଓଡିଶା ସରକାର ପତ୍ର ନଂ.୨୪୨୦୪ ତା.୦୬.୧୦.୨୦୨୫ ତଥା ଏସ୍‌ସିଏସ୍‌ଟି ଆରଟିଆଇ ରିପୋର୍ଟ ଅନୁସାରେ ଓଡିଶା ଅନୁସୂଚିତ ଜାତି ତାଲିକାର କ୍ରମିକ ନଂ.୨୪ ରୁ କୈଉଁତ-କୈବର୍ତ୍ତ-ଧିବର ଙ୍କୁ ତୁରନ୍ତ ବାଦ ଦେବା ଦାବି କରାଯାଇଛି। ବୈଜ୍ଞାନିକ ଅଧ୍ୟୟନ ଓ ସରକାରୀ ଅଭିଲେଖ ଦ୍ୱାରା ଏହି ଗୋଷ୍ଠୀମାନେ ଅଛୁଆଁ ନୁହଁନ୍ତି ଏବଂ ସାଧାରଣ/ ଓବିସି ବର୍ଗ ଅର୍ନ୍ତଭୁକ୍ତ ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଛି। ୨୦୦୨ ମସିହାର ଭୁଲ ଅନ୍ତର୍ଭୁକ୍ତି ଯୋଗୁଁ ମୂଳ ଅସ୍ପୃଶ୍ୟ ଦଳିତ ସମାଜ ମାତ୍ରାଧିକ ଭେଦଭାବ, ସୁଯୋଗହାନି ଓ ସମାଜିକ ଅନ୍ୟାୟର ଶିକାର ହେଉଛନ୍ତି। କମିଟି ଆହୁରି ମଧ୍ୟ ଯାଜପୁର (ଏସ୍.ସି) ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଉଠାଇଛି। ଉକ୍ତ ଉଭୟ କେଉଁଟ ଜାତିର ଅଟନ୍ତି ଏବଂ ଯଥାକ୍ରମେ କୈବର୍ତ୍ତ ଏମ୍ପ୍ଲୟିଜ ଫୋରମ ଅଫ୍ ଓଡିଶାର ଅଧ୍ୟକ୍ଷ ଓ ମୁଖ୍ୟ ଉପଦେଷ୍ଟା ରହିଛନ୍ତି। ସେମାନେ ସରକାରୀ ପଦବୀର ଅପବ୍ୟବହାର କରି ସରକାରୀ କର୍ମଚାରୀଙ୍କୁ ସରକାର ବିରୋଧରେ ସ୍ୱର ଉଠାଇବାକୁ ଉତ୍ସାହିତ କରିବା ସହିତ ରାଷ୍ଟ୍ରୀୟ ଅନୁସୂଚିତ ଜାତି ଆୟୋଗର ବୈଧ ପ୍ରକ୍ରିୟାକୁ ରାଜନୈତିକ ହସ୍ତକ୍ଷେପ ଦ୍ୱାରା ବାଧା ଦେଉଥିବା ଅଭିଯୋଗ କରାଯାଇଛି। ଏପରିକି ଉକ୍ତ ଦୁଇଟି ବ୍ୟକ୍ତି ବିରୋଧୀ ବିଜୁ ଜନତା ଦଳ ଓ ଭାରତୀୟ ଜାତୀୟ କଂଗ୍ରେସ ଦଳ ତତ୍ ସମ୍ବନ୍ଧୀୟ ସାମ୍ବାଦିକ ସମ୍ମିଳନୀ ଓ ପରବର୍ତ୍ତୀ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବିରାମ ଦେବାରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। କେଉଁଟ ସମ୍ପ୍ରଦାୟର ଅନେକ କାର୍ଯ୍ୟରତ ଅଫିସରଙ୍କ ସରକାର ବିରୋଧୀ ଆଭିମୁଖ୍ୟ ଉକ୍ତ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ପୃଷ୍ଠପୋଷକତା ଯୋଗୁଁ ସମ୍ଭବ ହୋଇଛି।

ବାତ୍ୟାରେ ଉଜୁଡିଗଲା ମକା ଫସଲ

ବରଗଡ଼,୨୯।୧୦ (ସଂଚାର ବ୍ୟୁରୋ)ଃ ବାତ୍ୟା ବରଗଡ଼ ଜିଲାର ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ବାତ୍ୟା ପ୍ରଭାବରେ ଧାନ ସମେତ ଅଣଧାନ ଫସଲ ମଧ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବାତ୍ୟାରେ ଜିଲାରେ ହୋଇଥିବା ମକାଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଫଳରେ ଚାଷୀଙ୍କ ମାନସିକ ସ୍ଥିତି ଦୋହଲି ପଡ଼ିଛି । ଜିଲା କୃଷି ବିଭାଗର ତଥ୍ୟ ଅନୁସାରେ ବରଗଡ଼ ଜିଲାରେ ୨୫୦୦ ହେକ୍ଟର ଅର୍ଥାତ୍ ୬୫୦୦ ଏକର ଜମିରେ ମକା ଚାଷ ହୋଇଛି । ଏହି କ୍ରମରେ ବରଗଡ଼ ବ୍ଲକ ଚକରକେନ୍ଦ ପଞ୍ଚାୟତର ବୁଦ୍ଧିଆପାଲି ଗ୍ରାମରେ ପ୍ରାୟ ୬୦ ଏକର ଜମିରେ ମକା ଚାଷ ହୋଇଥିଲା । ତେବେ ବାତ୍ୟା ପ୍ରଭାବରେ ଚାଷୀଙ୍କ ମକା ଚାଷ ନଷ୍ଟ ହୋଇଛି। ମକା ଗଛ ଭାଙ୍ଗି ଜମିରେ ପଡି ରହିଛି। ଫଳରେ ଗଛରୁ ପୁଣି ମକା ଧରିବା ଆଶାଙ୍କା ପ୍ରକାଶ ପାଇଛି।

ଲାପଟପ୍ ଯୋଗୁଁ ଆପଣଙ୍କର ହେଉଛି କି ହାତ ଯନ୍ତ୍ରଣା ?



ଲଗାତାର ଲାପଟପ୍ ଚଳାଇବା ଯୋଗୁ ହାତ ଯନ୍ତ୍ରଣା ଆରମ୍ଭ ହୋଇ କିଛି ଲୋକଙ୍କ କ୍ଷେତ୍ରରେ ଏହା କ୍ରମଶଃ ସ୍ଥାୟୀ ଭାବେ ରହିଯାଏ। ଏହାକୁ କମ୍ କରିବା ପାଇଁ ଉପଯୁକ୍ତ ପୋଷ୍ଚର, ସମୟ ବ୍ୟବଧାନରେ ବ୍ରେକ୍ ଓ ବ୍ୟାୟାମ କରିବା ଆବଶ୍ୟକ। ଆଜିକାଲି ଯୁଗ ଡିଜିଟାଲ୍ ହୋଇପଡିଛି, ଯେଉଁଠାରେ ଲାପଟପ୍ ବା କମ୍ପ୍ୟୁଟର ଜୀବନର ଅଭିନ୍ନ ଅଙ୍ଗ ହୋଇପଡିଛି। ଅଫିସ୍ କାମ, ଅନ୍ଲାଇନ୍ କ୍ଲାସ୍ ଓ ପଢିବା ପାଇଁ ଲୋକମାନେ ଘଣ୍ଟା ଘଣ୍ଟା ସ୍କ୍ରିନ୍ ଆଗରେ ବସିବାକୁ ବାଧ୍ୟ ହେଉଛନ୍ତି। ଫଳରେ ହାତରେ ଯନ୍ତ୍ରଣା, ପବନ ଅଟକିବା ବା ଦୁର୍ବଳ ଲାଗିବା ପରି ସମସ୍ୟା ବଢିଥାଏ। ଲଗାତାର ଟାଇପିଂ କରିବା ସହ ମାଉସ୍ ଚଳାଇବା ଦ୍ୱାରା ମାଂସପେଶୀ ଉପରେ ଚାପ ପଡିଥାଏ। ଫଳରେ ହାତରେ ନିଷ୍କ୍ରିୟ ହେବା ସହ ଜ୍ୱଳନ ଓ ପବନ ଅଟକିବା ପରି ଅନୁଭବ ହୋଇଥାଏ। ଯଦି ଏପରି ସମସ୍ୟା ହେଉଥାଏ, ତେବେ ଆରମ୍ଭରୁ ଧ୍ୟାନ ଦିଆ ନଗଲେ ଏହା କ୍ରମଶଃ ସ୍ଥାୟୀ ରୂପେ ରହିଯାଇଥାଏ। ଶେଷରେ କାର୍ପଲ୍ ଟର୍ଣ୍ଣଲ୍ ସିଣ୍ଡ୍ରୋମ୍ ପରି ସମସ୍ୟା ସୃଷ୍ଟି କରିଥାଏ। ବରଂ ଏଭଳି ସମସ୍ୟା ଆରମ୍ଭରୁ ଡେରି ନ କରି ହାଲ୍କା ବ୍ୟାୟାମ କରିବା ଦ୍ୱାରା ହାତର ମାଂସପେଶୀକୁ ମଜଭୁତ କରିବା ସହ ଯନ୍ତ୍ରଣାକୁ ନିୟନ୍ତ୍ରଣ କରିପାରିବେ। ଦୀର୍ଘ ସମୟ ଟାଇପିଂ କରିବା ଦ୍ୱାରା ମାଂସପେଶୀ ଉପରେ ଅଧିକ ଚାପ ପଡିଥାଏ। ଏହାଦ୍ୱାରା ହାତରେ ଯନ୍ତ୍ରଣା ହୋଇଥାଏ। ହାତ ଓ ମଣିବନ୍ଧର ଭୁଲ୍ ସ୍ଥିତି ଯୋଗୁ ମଧ୍ୟ ସ୍ନାୟୁ ଉପରେ ପ୍ରଭାବ ପଡିଥାଏ। ଫଳରେ ସ୍ନାୟୁ ଯନ୍ତ୍ରଣା ହୋଇଥାଏ। ଅଧିକ ସମୟ କାମ କରିବା ଦ୍ୱାରା ହାତକୁ ରକ୍ତ ସଞ୍ଚାଳନ କରିବା ଯୋଗୁ ମଧ୍ୟ ଯନ୍ତ୍ରଣା ଅନୁଭବ ହୋଇଥାଏ। ଲଗାତାର ଗୋଟିଏ ଶୈଳୀରେ ବସି ରହିବା ଅଭ୍ୟାସ ମାଂସପେଶୀକୁ ଶକ୍ତ କରିଦେଇଥାଏ। ଅଧିକ ସମୟ ଟାଇପିଂ କରିବା ଦ୍ୱାରା ଆଙ୍ଗୁଠି ଓ ମଣିବନ୍ଧରେ କାର୍ପଲ୍ ଟନଲ୍ ସିଣ୍ଡ୍ରୋମ୍ ସମସ୍ୟା ଦେଖା ଦେଇଥାଏ। ଫଳରେ ଆଙ୍ଗୁଳି ଓ ମଣିବନ୍ଧରେ ଝିମ୍ଝିମ୍ ହେବା ସହ ନିସ୍ତେଜ ଅନୁଭବ ହୋଇଥାଏ। ଟେବଲ୍ ଉପରେ ହାତକୁ ସିଧା ରଖନ୍ତୁ। ହାତକୁ ହାଲ୍କା ଭାବେ ୫ରୁ ୧୦ ସେକେଣ୍ଡ ଯାଏ ଚାପ ଦିଅନ୍ତୁ। ଏବେ ଧୀରେ ଧୀରେ ଛାଡନ୍ତୁ। ଏହକୁ ୧୦ରୁ ୧୫ ଥର ଯାଏ ଦୋହରାନ୍ତୁ। ଏହି ବ୍ୟାୟାମ କରିବା ଦ୍ୱାରା ମଣିବନ୍ଧ ଓ ହାତର ମାଂସପେଶୀ ମଜଭୁତ ହୋଇଥାଏ। ହାତ ଆଙ୍ଗୁଳିର ଯନ୍ତ୍ରଣା କମିବା ସହ ହାତର ଶକ୍ତି ବଢିଥାଏ।

ରିଷ୍ଟ ରୋଟେସନ୍ ବ୍ୟାୟାମ: ହାତକୁ ସାମ୍ନାକୁ ପ୍ରସାରିତ କରିବା ସହ ଘଣ୍ଟାକଣ୍ଟା ଦିଗରେ ଘୁରାନ୍ତୁ। ଘଣ୍ଟାକଣ୍ଟା ଦିଗରେ ୧୦ ଥର ଘୁରାଇବା ପରେ ଠିକ୍ ବିପରୀତ ଦିଗରେ ୧୦ ଥର ଘୁରାନ୍ତୁ। ଏହି ବ୍ୟାୟାମକୁ ୨ରୁ୩ ମିନିଟ୍ ଯାଏ କରନ୍ତୁ। ଏହି ବ୍ୟାୟାମ ମଣିବନ୍ଧ ଯନ୍ତ୍ରଣାକୁ କମ୍ କରିଥାଏ। ମାଂସପେଶୀକୁ ମଧ୍ୟ ମଜଭୁତ କରିଥାଏ। ଏହା କର୍ପଲ ଟନଲ୍ ସିଣ୍ଡ୍ରୋମକୁ ମଧ୍ୟ କମ୍ କରିଥାଏ।

କ୍ଲଚ୍ ଆଣ୍ଡ ରିଲିଜ୍ ବ୍ୟାୟାମ: ହାତର ମୁଠାକୁ ଜୋର୍ରେ ଚାପି ବନ୍ଦ କରନ୍ତୁ। ଏହାକୁ ୫ ସେକେଣ୍ଡ୍ ଯାଏ ରଖନ୍ତୁ। ଧୀରେ ଧୀରେ ମୁଠା ଖୋଲିବା ସହ ଆଙ୍ଗୁଳିକୁ ପ୍ରସାରିତ କରନ୍ତୁ। ଏହି ପ୍ରକ୍ରିୟାକୁ ୧୦ରୁ ୧୫ ଥର କରନ୍ତୁ। ଏପରି କରିବା ଦ୍ୱାରା କର୍ପଲ ଟନଲ୍ ସିଣ୍ଡ୍ରୋମ୍ ସମସ୍ୟା ଦୂର ହୋଇଥାଏ।

କେଶ ବୃଦ୍ଧି ପାଇଁ ଲଗାନ୍ତୁ ପିଆଜ ରସ



ପିଆଜ ରସ କେଶ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ବୋଲି ବିଶେଷଜ୍ଞମାନେ ଏହାକୁ ଲଗାଇବାକୁ ପରାମର୍ଶ ଦିଅନ୍ତି। ଯଦି ଆପଣ ମଧ୍ୟ ଲମ୍ବା ଏବଂ ଘନ କେଶ ଚାହୁଁଛନ୍ତି, ତେବେ ଏହାକୁ କିପରି ଲଗାଇବେ ଆସନ୍ତୁ ଆମେ ଆପଣଙ୍କୁ କହିବୁ। ପିଆଜ ରସରେ ସଲଫର ପରିମାଣ ଅଧିକ ଥିବାରୁ ଏହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ଏକ ସୁସ୍ଥ ମୁଣ୍ଡର କେଶକୁ ପ୍ରୋତ୍ସାହିତ କରେ ଏବଂ କେଶ ମୂଳକୁ ମଜବୁତ କରେ।

ଅନେକ ଲୋକ ପିଆଜ ରସକୁ ଏହାର ତୀବ୍ର ଏବଂ କଟୁ ଗନ୍ଧ ଯୋଗୁଁ ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ଏହାର ଗନ୍ଧ ବିଷୟରେ ଚିନ୍ତା କରି ଲାଭରୁ ବଞ୍ଚିତ ହେଉଛନ୍ତି। ପିଆଜ ରସକୁ କିଛି ପ୍ରାକୃତିକ ଉପାଦାନ ସହିତ ମିଶାଇ ଏହାର ଦୁର୍ଗନ୍ଧକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଆଲୋଭେରା ଜେଲ୍, ନଡ଼ିଆ ତେଲ, କିମ୍ବା ଲେମ୍ବୁ ରସ ମିଶାଇ କେଶର ଦୁର୍ଗନ୍ଧ ହ୍ରାସ କରିପାରିବ ଏବଂ ଆପଣଙ୍କ କେଶକୁ ଅତିରିକ୍ତ ପୋଷଣ ଯୋଗାଇପାରିବ। ପିଆଜ ରସ ଲଗାଇବା ପାଇଁ ଏକ କପା ପ୍ୟାଡ୍ କିମ୍ବା ଡ୍ରପର୍ ବ୍ୟବହାର କରିବା ଭଲ। ଏହା ନିଶ୍ଚିତ କରେ ଯେ ରସ ସିଧାସଳଖ ମୁଣ୍ଡରେ ପହଞ୍ଚିବ ଏବଂ ଆହୁରି ପ୍ରଦୂଷଣକୁ ରୋକିବ। ପ୍ରୟୋଗ ପରେ ମିଶ୍ରଣକୁ ଧୀରେ ଧୀରେ ମାଲିସ୍ କରିବା ଲାଭଦାୟକ। ରସ ଲଗାଇବା ପରେ, ଏହାକୁ ୨୦ରୁ ୩୦ ମିନିଟ୍ ପାଇଁ ମୁଣ୍ଡରେ ଛାଡିଦେବା ଉଚିତ। ଏହି ସମୟ ମଧ୍ୟରେ, ଏହାର ପୋଷକ ତତ୍ତ୍ୱ କେଶ ମୂଳରେ ଭଲ ଭାବରେ ଶୋଷିତ ହୋଇଯାଏ ଏବଂ ପ୍ରଭାବ ଦେଖାଇବା ଆରମ୍ଭ କରେ। କେଶ ଧୋଇବା ସମୟରେ, ଦୁର୍ଗନ୍ଧକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଏକ ମୃଦୁ କିମ୍ବା ହର୍ବାଲ ସାମ୍ପୁ ବ୍ୟବହାର କରନ୍ତୁ। ଆବଶ୍ୟକ ହେଲେ, ଆପଲ୍ ସାଇଡର୍ ଭିନେଗାର କିମ୍ବା ଲେମ୍ବୁ ପାଣିରେ ଧୋଇ ଦିଅନ୍ତୁ, କିନ୍ତୁ ଗରମ ପାଣି ପରିହାର କରନ୍ତୁ। ସର୍ବୋତ୍ତମ ଫଳାଫଳ ପାଇଁ ସପ୍ତାହରେ ଥରେ ପିଆଜ ରସ ବ୍ୟବହାର କରିବା ଯଥେଷ୍ଟ। ବାରମ୍ବାର ପ୍ରୟୋଗ ଦ୍ୱାରା ମୁଣ୍ଡରେ ଜ୍ୱଳନ ହୋଇପାରେ ଏବଂ ଦୁର୍ଗନ୍ଧ ବୃଦ୍ଧି ପାଇପାରେ।

କାନ୍ଦିବା ମଧ୍ୟ ହୋଇଥାଏ ସ୍ୱାସ୍ଥ୍ୟପକ୍ଷେ ଉପକାରୀ

ଯେମିତି ହସିବା ଆମ ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ ହୋଇଥାଏ। ସେହିପରି ବେଳେବେଳେ କାନ୍ଦିବା ମଧ୍ୟ ଆମ ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ ହୋଇଥାଏ। ଏକ ରିସର୍ଚ୍ଚ ଅନୁଯାଇ କେବେକେବେ କାନ୍ଦିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଆମେ ଆଜି ଆପଣଙ୍କ ଜଣାଇବୁ କାନ୍ଦିବାରୁ ମିଳୁଥିବା ୫ଟି ଫାଇଦା ବିଷୟରେ।

ଆଖିର ମେମବ୍ରେନ୍ ସୁଖି ଯିବା କାରଣରୁ ଆଖିର ଆଲୋକ ଦୁର୍ବଳ ହୋଇଯାଇଥାଏ। ଆପଣଙ୍କର ଲୁହ ଏହାକୁ ଶୁଖିବାକୁ ଦିଏ ନାହିଁ ଯାହା ଦ୍ୱାରା ଅପଣଙ୍କର ଆଖିର ଆଲୋକ ଠିକ୍ ରହିଥାଏ। ଲୁହରେ ଲୋସୋଜମ୍ ନାମକ ଏକ ପ୍ରକାର ତତ୍ତ୍ୱ ରହିଥାଏ ଯାହା ବାହାରର ବ୍ୟାକ୍ଟେରିଆଙ୍କୁ ମାରିବାରେ ୯୦ ପ୍ରତିଶତ ସଫଳ ହୋଇଥାଏ। ଯଦି ଆପଣ କିଛି ଦୁଶ୍ଚିନ୍ତାରେ ଅଛନ୍ତି ଏବଂ କାନ୍ଦୁଛନ୍ତି ତେବେ ଲୁହ ସହିତ ଆଡ୍ରେନୋକୋଟିକୋଟ୍ରୋପିକ୍ ଏବଂ ଲିଉସିନ୍ ନାମକ ହରମୋନ୍ ବାହାରିଥାଏ ଯାହା ଦ୍ୱାରା ଦୁଶ୍ଚିନ୍ତା ଦୂର ହୋଇଥାଏ। କାନ୍ଦିବା ଦ୍ୱାରା ମସ୍ତିଷ୍କ ଏବଂ ହୃଦୟ ଠିକ୍ ଭାବେ କାର୍ଯ୍ୟ କରିଥାଏ। ଲୁହ ଆପଣଙ୍କର ନିରାସପଣକୁ ଦୂରକରିଥାଏ। ଏହା ଦ୍ୱାରା ଅପଣଙ୍କ ମନକୁ ଶାନ୍ତି ମିଳିଥାଏ।

ରକ୍ତଚାପରୁ ମୁକ୍ତି ପାଇଁ କରନ୍ତୁ ସୂର୍ଯ୍ୟଭେଦ ପ୍ରାଣାୟମ୍

ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବର୍ହିମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର।

ଏକ ଆରାମଦାୟକ ଧ୍ୟାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ। ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ। ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ। ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ। ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ। ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ। ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ। ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ। ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ।

ସାବଧାନତା: ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ। ୩୦ ମିନିଟ୍ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ। ହୃଦ୍ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

ପ୍ରତ୍ୟେକ ରୋଗର ଔଷଧ କଳା ଜିରା

ଭାରତୀୟ ରୋଷେଇ ଘର ଅନେକ ମସଲାରେ ପରିପୂର୍ଣ୍ଣ । ଏହି ମସଲା ଶତାବ୍ଦୀ ଧରି ଔଷଧ ଭାବରେ ବ୍ୟବହାର ହୋଇଆସୁଛି । ଏହି ମସଲା ଶତାବ୍ଦୀ ଧରି ଆୟୁର୍ବେଦରେ ଔଷଧ ଭାବରେ ବ୍ୟବହାର ହୋଇଆସୁଛି ଏବଂ ଅନେକ ରୋଗର ଚିକିତ୍ସା କରୁଛି। ସେହିପରି, ଆପଣଙ୍କ ରୋଷେଇ ଘରେ ଆଉ ଏକ ମସଲା ଅଛି, ଯାହା କେବଳ ମୃତ୍ୟୁ ବ୍ୟତୀତ ପ୍ରତ୍ୟେକ ରୋଗକୁ ଭଲ କରେ । ତେଣୁ, ଆସନ୍ତୁ ଆଜି ଜାଣିବା ଯେ ସେହି ମସଲା ବିଷୟରେ...

ରୋଷେଇ ଘରର ସାଧାରଣ ଖାଦ୍ୟ କଳା ଜିରା, ଯାହାକୁ ମାଙ୍ଗରେଲା ମଧ୍ୟ କୁହାଯାଏ। ଏହା ଆମ ଶରୀର ପାଇଁ ଅନେକ ଉପାୟରେ ଲାଭଦାୟକ। କଳା ଜିରା ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ନିୟମିତ ସେବନ ଶରୀରକୁ ଅନେକ ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ ଋତୁକାଳୀନ ସଂକ୍ରମଣକୁ ରୋକିଥାଏ।

କଳା ଜିରା ହୃଦରୋଗ ଏବଂ ଓଜନ ହ୍ରାସ ପାଇଁ ମଧ୍ୟ ପ୍ରଭାବଶାଳୀ

କଳା ଜିରା ରକ୍ତଚାପ ନିୟନ୍ତ୍ରଣ କରିବାରେ ଏବଂ ଖରାପ କୋଲେଷ୍ଟ୍ରଲକୁ କମ୍ କରିବାରେ ସାହାଯ୍ୟ କରେ। ଏହି କାରଣରୁ ହୃଦରୋଗକୁ ରୋକିବାରେ ଏହାକୁ ବିଶେଷ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଆପଣ ଆପଣଙ୍କ ଖାଦ୍ୟରେ କଳା ଜିରା ସାମିଲ କରିପାରିବେ। ଏହା ଆପଣଙ୍କ ମେଟାବୋଲିଜିମକୁ ବୃଦ୍ଧି କରେ, ଯାହା ଶୀଘ୍ର ଫ୍ୟାଟ୍ ବର୍ଣ୍ଣ କରିବାରେ ସାହାଯ୍ୟ କରେ ଏବଂ ଆପଣଙ୍କ ଶରୀରକୁ ସୁସ୍ଥ ରଖେ ।

ମଧୁମେହ ରୋଗୀ ଏବଂ ପାଚନ ଶକ୍ତି ପାଇଁ ଲାଭଦାୟକ

ଗବେଷଣା ଅନୁଯାୟୀ, କଳା ଜିରା ରକ୍ତରେ ଶର୍କରା ସ୍ତରକୁ ସ୍ଥିର କରିବାରେ ସାହାଯ୍ୟ କରେ। ଟାଇପ୍ ୨ ମଧୁମେହ ପୀଡିତ ରୋଗୀଙ୍କ ପାଇଁ ଏହାକୁ ଖାଇବା ବହୁତ ଲାଭଦାୟକ ହୋଇପାରେ। କଳା ଜିରା ବଦହଜମୀ, ଗ୍ୟାସ୍ ଏବଂ ପେଟ ଯନ୍ତ୍ରଣା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଏହା ଆମର ଅନ୍ତନଳୀକୁ ମଜବୁତ କରେ ଏବଂ ଏକ ସୁସ୍ଥ ପାଚନ ପ୍ରଣାଳୀ ବଜାୟ ରଖେ।

ଥଣ୍ଡା, କାଶ ତଥା ଚର୍ମ ରୋଗ ପାଇଁ ମଧ୍ୟ ପ୍ରଭାବଶାଳୀ

କଳା ଜିରା ତେଲ ଲଗାଇବା ଦ୍ୱାରା କେଶ ଝଡ଼ିବା କମିଯାଏ ଏବଂ ରୁପିରୁ ମୁକ୍ତି ମିଳିଥାଏ। ଏହାକୁ ଚର୍ମରେ ଲଗାଇବା ଦ୍ୱାରା ବ୍ରଣ ଏବଂ ରଙ୍ଗ ପରିବର୍ତ୍ତନ ମଧ୍ୟ କମିଥାଏ। କଳା ଜିରାର ପ୍ରଦାହ-ରୋଧୀ ଗୁଣ କାଶ, କଫ ଏବଂ ଗଳା ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ। ଏହାକୁ ମହୁ ସହିତ ସେବନ କରିବା ଅଧିକ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ । ଏହା ବ୍ୟତୀତ, କଳା ଜିରା ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଉତ୍କୃଷ୍ଟ ବୋଲି ବିବେଚନା କରାଯାଏ। ଏହା ସ୍ମୃତି ଶକ୍ତି ଏବଂ ଧ୍ୟାନକୁ ଉନ୍ନତ କରେ। ମହିଳାମାନଙ୍କ ପାଇଁ, ଏହା ହରମୋନ ସନ୍ତୁଳନ ଏବଂ ଥାଇରଏଡ୍ ସମସ୍ୟାରେ ମଧ୍ୟ ସହାୟକ ହୋଇଥାଏ । କଳା ଜିରାକୁ ହାଲୁକା ଭାବରେ ପୋଡ଼ି ପାଉଡର ଆକାରରେ ମଧ୍ୟ ସେବନ କରାଯାଇପାରିବ।

ଅର୍ଣ୍ଣବ ବାତ୍ୟାର ପ୍ରଭାବ, ଚିନ୍ତାରେ ଚାଷୀ

ଅଦିନିଆ ବର୍ଷା ଓ ପବନରେ ଫସଲ ନଷ୍ଟ

ମ.ରାମପୁର,୨୯।୧୦(ସଂଚାର ବ୍ୟୁରୋ)ଃ ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଓ ପବନ ଯୋଗୁଁ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଅମଳ ସମୟ ପାଖେଇ ଆସୁଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କ ବର୍ଷକର ପରିଶ୍ରମକୁ ବିପଦରେ ପକାଇଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ବର୍ଷା ଓ ପବନ ପ୍ରଭାବରେ ପାଚିବାକୁ ଆସିଥିବା ଧାନ ଗଛ ଜମିରେ ଶୋଇପଡ଼ିଥିବା ବେଳେ କେତେକ ଜମିରେ ବର୍ଷାଜଳ ଜମି ରହିଛି। ଫଳରେ ଧାନ ଅମଳରେ ସମସ୍ୟା ସୃଷ୍ଟି ହେବା ସହ ଦାନା ଝଡ଼ିବା, ଧାନର ମାନ ହ୍ରାସ ଓ ଗଜା ହେବାର ଆଶଙ୍କା ରହିଛି। ଏହାଦ୍ୱାରା ଧାନ ଉତ୍ପାଦନ ହ୍ରାସ ପାଇବା ସହ ଚାଷୀଙ୍କ ଆର୍ଥିକ କ୍ଷତି ବଢ଼ିବାର ଭୟ ଦେଖାଦେଇଛି। ଧାନ ଚାଷ ପାଇଁ ବିହନ, ସାର, କୀଟନାଶକ ଓ ଶ୍ରମିକ ମଜୁରି ବାବଦରେ ଅର୍ଥ ଖର୍ଚ୍ଚ କରିଥିବା ଚାଷୀ ଏବେ ଫସଲର ସୁରକ୍ଷା ଓ ଅମଳକୁ ନେଇ ଚିନ୍ତିତ ଅଛନ୍ତି। ଧାନର ପରିମାଣ ଓ ମାନ ହ୍ରାସ ପାଇଲେ ବଜାରରେ ଉପଯୁକ୍ତ ମୂଲ୍ୟ ମିଳିବା ନେଇ ମଧ୍ୟ ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ମଦନପୁର ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ କ୍ଷତିଗ୍ରସ୍ତ ଚାଷଜମିର ତୁରନ୍ତ ସରଜମିନ ତଦନ୍ତ କରି କ୍ଷୟକ୍ଷତି ଆକଳନ କରିବାକୁ ଦାବି ହେଉଛି। ଏଥିସହ ଯୋଗ୍ୟ ଚାଷୀଙ୍କୁ ନିୟମାନୁଯାୟୀ କ୍ଷତିପୂରଣ ଓ ଫସଲ ବୀମା ସହାୟତା ଯୋଗାଇଦେବାକୁ ଚାଷୀ ମହଲରୁ ଦାବି ହୋଇଛି। କୃଷି ବିଭାଗ ଓ ପ୍ରଶାସନ ତ୍ୱରିତ ପଦକ୍ଷେପ ନେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ସହ ଫସଲ ସୁରକ୍ଷା ନେଇ କୃଷି ପରାମର୍ଶ ପ୍ରଦାନ କରିବାକୁ ଦାବି ହେଉଛି।

ମନ୍ଦିର ହୁଣ୍ଡି ଚୋରି ଘଟଣାରେ ଯୁବକ ଗିରଫ

● ୮, ୩୦୦ ଟଙ୍କା ସହ ଘଣ୍ଟି, ପାତ୍ର ଓ ଲୁହା ସାମଗ୍ରୀ ଜବତ

ସତ୍ୟବାଦୀ,୨୯।୧୦ (ସଂଚାର ବ୍ୟୁରୋ)ଃ ବରାଳ ବାଲୁଙ୍କେଶ୍ୱର ମନ୍ଦିରରେ ତାଲା ଭାଙ୍ଗି ହୁଣ୍ଡି ଚୋରି ଅଭିଯୋଗରେ ସତ୍ୟବାଦୀ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ବରାଳ ଗ୍ରାମର ମଣ୍ଟୁ ମହାପାତ୍ର (୩୦)। ପୁଲିସ ତାଙ୍କଠାରୁ ନଗଦ ୮, ୩୦୦ ଟଙ୍କା ସମେତ ବିଭିନ୍ନ ସାମଗ୍ରୀ ଜବତ କରିଥିବା ସତ୍ୟବାଦୀ ଥାନା ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ସୂଚନା ଅନୁଯାୟୀ, ଗତ ୨୮ ତାରିଖ ରାତି ୮ଟା ୫ ମିନିଟ୍‌ରେ ବରାଳ ବାଲୁଙ୍କେଶ୍ୱର ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅଭିଯୋଗକାରୀ ଲକ୍ଷ୍ମୀଧର ପଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସକାଳେ ମନ୍ଦିର ଖୋଲିବା ସମୟରେ ଜଗମୋହନ ମନ୍ଦିରର ତାଲା ଭଙ୍ଗାଯାଇଥିବା ଏବଂ ମୁଖ୍ୟ ହୁଣ୍ଡି ସହ ନିକଟରେ ଥିବା ଛୋଟ ହୁଣ୍ଡିର ତାଲା ଭାଙ୍ଗି ଟଙ୍କା ଓ ହୁଣ୍ଡି ନେଇଯାଇଥିବା ଜଣାପଡ଼ିଥିଲା। ଏଥିସହ ଦେବୀଙ୍କ ମନ୍ଦିରର ତାଲା ମଧ୍ୟ ଭଙ୍ଗାଯାଇଥିବା ଅଭିଯୋଗ ହୋଇଥିଲା।ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳରେ ଛାନ୍‌ଭିନ୍ କରିଥିଲା। ତଦନ୍ତ ସମୟରେ ରାତି ପ୍ରାୟ ୧ଟାରେ ମଣ୍ଟୁ ମହାପାତ୍ର ହାତରେ ହାତୁଡ଼ି ଧରି ମନ୍ଦିର ନିକଟରେ ବୁଲୁଥିବା ନେଇ ପୁଲିସକୁ ତଥ୍ୟ ମିଳିଥିଲା। ଏହି ତଥ୍ୟ ଆଧାରରେ ପୁଲିସ ତଦନ୍ତ ଆଗକୁ ବଢ଼ାଇ ଗୁରୁବାର ମଣ୍ଟୁଙ୍କୁ ଗିରଫ କରି ସତ୍ୟବାଦୀ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଛି। ପୁଲିସ ତାଠାରୁ ନଗଦ ୮, ୩୦୦ ଟଙ୍କା, ୨ଟି ପିତ୍ତଳ ଘଣ୍ଟି, ଗୋଟିଏ ପିତ୍ତଳ ଝାରି/ପାତ୍ର, ଗୋଟିଏ ହାତୁଡ଼ି ଓ ଗୋଟିଏ ଲୁହା ଛଡ଼ ଜବତ କରିଛି। ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ସତ୍ୟବାଦୀ ଥାନାର ଏଏସ୍‌ଆଇ ମହେଶ୍ୱର ଦାସ ତଦନ୍ତ ଜାରି ରଖିଛନ୍ତି।

ଜିଲ୍ଲା ଉପଡାକ ମଣ୍ଡଳ ପକ୍ଷରୁ ଡାକ ମେଳା

ଡାକ ବିଭାଗର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ମହିଳାଙ୍କୁ ସଚେତନତା

ବାଲିକୁଦା,୨୯।୧୦(ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ବେଲବଣ ଗାଦିବ୍ରହ୍ମ ପରିସରରେ ଓଡ଼ିଶା ଡାକ ସେବା ପକ୍ଷରୁ ଏକ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ଶତାଧିକ ମହିଳା ଯୋଗଦେଇ ଡାକ ବିଭାଗର ବିଭିନ୍ନ ସେବା ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ କଟକ ଦକ୍ଷିଣ ଡାକ ମଣ୍ଡଳର ଅଧୀକ୍ଷକ ପରମେଶ୍ୱର ନାୟକ ମୁଖ୍ୟ ଅତିଥି ଏବଂ ଜଗତସିଂହପୁର ଜିଲ୍ଲା ଉପଡାକ ମଣ୍ଡଳ ନିରୀକ୍ଷକ ମୋନାଲିସା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡାକ ବିଭାଗ ପକ୍ଷରୁ ଏକ ଭ୍ରାମ୍ୟମାଣ ଏଲ୍‌ଇଡି ମାଧ୍ୟମରେ ସଞ୍ଚୟ ଖାତା, ଡାକ ଜୀବନ ବୀମା, ଆଧାର ସେବା, ସୁକନ୍ୟା ସମୃଦ୍ଧି ଯୋଜନା, କୃଷକ ପଞ୍ଜୀକରଣ ଏବଂ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଭଳି ବିଭିନ୍ନ ସେବା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ମେଳା ମାଧ୍ୟମରେ ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ଡାକ ବିଭାଗର ସେବା ପହଞ୍ଚାଇବା ସହ ସରକାରୀ ଯୋଜନାଗୁଡ଼ିକର ସୁଫଳ ନେବା ପାଇଁ ଉତ୍ସାହିତ କରାଯାଇଥିଲା। ଏହାପରେ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ମଞ୍ଜୁବାଳା ମାର୍କେଟ୍ କମ୍ପ୍ଲେକ୍ସରେ ସଂଗ୍ରାମପୁର ଶାଖା ଡାକଘରର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ପରମେଶ୍ୱର ନାୟକ ନଡ଼ିଆ ବାଡ଼େଇ ନୂତନ ଡାକଘରର ଶୁଭ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକମାନେ ଡାକ ବିଭାଗର ବିଭିନ୍ନ ସେବା ସହଜରେ ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ପରାହାଟ ଶାଖା ଡାକଘରର ଡାକପାଳ ତ୍ରିଲୋଚନ ଦାସ, ନାରଦିଆ ଡାକଘରର ଡାକପାଳ ସୌରଭ ଦାସ, ସଂଗ୍ରାମପୁର ପଞ୍ଚାୟତର ସମିତି ସଭ୍ୟ ନାଥ କାଣ୍ଡିଙ୍କ ସମେତ ବାଲିକୁଦା ଡାକଘରର ଅଧିକାରୀମାନେ ଉପସ୍ଥିତ ଥିଲେ।

ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ଉନ୍ନୟନ କାର୍ଯ୍ୟ ବଢ଼ି ଚାଲିଛି ସତ ମାତ୍ର ପିସି ପରିମାଣ ବୃଦ୍ଧି ପାଇଛି

ବୈଶିଙ୍ଗା,୨୯।୧୦ (ସଂଚାର ବ୍ୟୁରୋ)ଃ ଓଡିଶାରେ ପଞ୍ଚାଯତରାଜ ବ୍ୟବସ୍ଥା ଲାଗୁ ହେବା ଦିନ ଠାରୁ ଦୁର୍ନୀତି ବା ପିସି ଯାହା ନ ଥିଲା ଏହି ୪/୫ ବର୍ଷ ମଧ୍ୟରେ ତାର ଅତ୍ୟଧିକ ପ୍ରଭାବ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର କୋମାରେ ଥିବା ଅଭିଯୋଗ ହେଉଛି। ନିଜେ ବିଡିଓ ଏହି ପିସି କାରବାରରେ ସଂପୃକ୍ତ ଥିବା ଅଭିଯୋଗ ହେଉଛି। ପିସିର ପରିମାଣ ବୃଦ୍ଧି, ମନରେଗା କାର୍ଯ୍ୟରେ ଅନିୟମିୟତା, ମିଥ୍ୟା ବିଲ୍, ତା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ ନ ହେବା ସରକାରଙ୍କ ସଫଳତାରେ ବାଧକ ସାଜିଥିଲା। ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସରକାର ପ୍ରତି ପଞ୍ଚାୟତରେ ରାସ୍ତା ଘାଟ କାମ କରି ଚାଲିଛନ୍ତି ସତ ମାତ୍ର ପିସି ପରିମାଣ କମୁନାହିଁ। ପ୍ରଥମେ ୨୦ଭାଗ ପିସି ଦେଇ କାମ ଆଣିବାକୁ ପଡୁଛି ବୋଲି କାମ କରୁଥିବା ଠିକାଦାର ପ୍ରକାଶ କରିଛନ୍ତି। ପୂର୍ବ ସରକାର ଙ୍କ ଯୋଜନା କାର୍ଯ୍ୟକାରୀ ନ ହେବା ଏବଂ ନୂଆ ସରକାର ଙ୍କ ନୂତନ ଯୋଜନା ନିର୍ଦ୍ଧାରଣ ନ ହେବା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି। ଏହାର ଉଦାହରଣ ପାଲଟିଛି ବେତନଟୀ ବ୍ଲକର ୨୪ପଞ୍ଚାଯତ। ଏହି ୨୪ ଟି ପଞ୍ଚାୟତ ରେ ୨୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ କମ କାର୍ଯ୍ୟ କରୁଛନ୍ତି।ଏହି କାରଣରୁ ସବୁ ଉନ୍ନୟନ ମୂଳକ କାର୍ଯ୍ୟରେ ଲଗାମ ଲାଗି ଯାଉଛି। ଜଣେ ଜଣେ ନିର୍ବାହୀ ଅଧିକାରୀଙ୍କୁ ୨/୩ ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବାରୁ କାର୍ଯ୍ୟ ତୁଲାଇବା କଷ୍ଟକର ହୋଇପଡୁଛି। କାର୍ଯ୍ୟ ତଦାରଖ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟ ଅଭାବ ଥିବାରୁ କାର୍ଯ୍ୟର ସମୟସୀମା ବଢ଼ି ବଢ଼ି ଯିବା ସହିତ କାର୍ଯ୍ୟର ମାନ ମଧ୍ୟ ଠିକ୍ ରହୁନଥିବା ଅଭିଯୋଗ ହେଉଛି। ୨୪ ଗୋଟି ପଞ୍ଚାୟତରେ କମ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଥିବାରୁ କାର୍ଯ୍ୟ ଠିକ ତଦାରଖ ହୋଇ ପାରୁନହିଁ।

ସୁବର୍ଣ୍ଣ ରେଖା ମହାବିଦ୍ୟାଳୟରେ ଶୋକ ସଭା

ବାଲିଆପାଳ,୨୯।୧୦ (ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟାପକ ଡ. ଅବିନାଶ ଚନ୍ଦ୍ର ଦେ ଙ୍କ ବାୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି, ଗତ ୨୫ ତାରିଖ ରବିବାର ସେ ଇହଧାମ ପରିତ୍ୟାଗ କରିଛନ୍ତି, ଏହି ସଭାରେ ମହାବିଦ୍ୟାଳୟର ସମସ୍ତଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଅଧ୍ୟକ୍ଷା ଉପସ୍ଥିତ ରହି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ସର୍ଗତ ଅବିନାଶ ଦେ ଙ୍କ ସ୍ମୃତି ଚାରଣ କରିଥିଲେ। ସେ ୧୯୬୬ ମସିହାରୁ ତାଙ୍କର ଚାକିରୀ ଆରମ୍ଭ କରି ୨୦୧୧ ମସିହାରେ ଅବସର ଗ୍ରହଣ କରିଥିଲେ।

ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ବାରିପଦା,୨୯।୧୦ (ସଂଚାର ବ୍ୟୁରୋ)ଃ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଅକ୍ଟୋବର ୨୬ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ 'ସାଧୁତାରୁ ସମୃଦ୍ଧି' ଶୀର୍ଷକ ଏହି ସଚେତନତା ସପ୍ତାହ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। କୁଳପତି ପ୍ରଫେସର ମହାନ୍ତି କର୍ମଚାରୀମାନଙ୍କ ମଧ୍ୟରେ ସଚ୍ଚୋଟତା, ନିଷ୍ଠା ଓ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିବା ସହ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖି ତଥା ସରକାରଙ୍କ ନିର୍ଦ୍ଧାରିତ ନୀତି ନିୟମକୁ ମାନି ଏବଂ ସର୍ବୋପରି ଛାତ୍ରଛାତ୍ରୀଙ୍କ ବୃହତ ହିତକୁ ଆଗରେ ରଖି ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସମ୍ପାଦନରେ ସମସ୍ତଙ୍କୁ ବ୍ରତୀ ହେବାକୁ ଅନୁପ୍ରାଣିତ କରିଥିଲେ। ବାରିପଦା ପୋଲିସ୍‌ର ଉପ-ଆରକ୍ଷୀ ଅଧିକ୍ଷକ ବିକାଶ ରଞ୍ଜନ ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି କାର୍ଯ୍ୟ କରିବା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନ ନେବା ଏବଂ ନ ଦେବା, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବାକୁ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହ, ବିତ୍ତ ନିୟନ୍ତ୍ରକ ଭରତଚନ୍ଦ୍ର ଦେହୁରୀ, ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ପ୍ରିୟରଞ୍ଜନ ଦେବତା, ସାମାଜିକ କାର୍ଯ୍ୟର ସହକାରୀ ପ୍ରଫେସର ଡ. ଶୁଭେନ୍ଦୁ କୁମାର ଶତପଥି ମଞ୍ଚାସୀନ ଥିଲେ।

ଶାନ୍ତି କମିଟି ବୈଠକର ଫଟୋକୁ ବିକୃତ କରି ସୋସିଆଲ ମିଡିଆରେ ଭାଇରାଲ୍ ଅଭିଯୋଗ

ଧାମନଗର,୨୯।୧୦ (ସଂଚାର ବ୍ୟୁରୋ)ଃ ଧାମନଗର ବ୍ଲକ ପଞ୍ଚାୟତ ସମିତି ସଭାଗୃହ ପରିସରରେ ପର୍ବପର୍ବାଣୀ ଶାନ୍ତି ଶୃଙ୍ଖଳାକୁ ନେଇ ଶାନ୍ତି କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଃଖ ଓ ପରିତାପର ବିଷୟ ଯେ ଏହି ବୈଠକର ପ୍ରକୃତ ଫଟୋକୁ କିଛି ଅସାମାଜିକ ବ୍ୟକ୍ତି ଅସତ୍ ଉଦ୍ଦେଶ୍ୟ ରଖି ଡିଜିଟାଲ୍ ମାଧ୍ୟମରେ ବିକୃତ କରିଛନ୍ତି। ସେମାନେ ଉକ୍ତ ଫଟୋରେ ଥିବା ସଭ୍ୟମାନଙ୍କର ପୋଷାକ ଟୋପିକୁ ବଦଳାଇ (ଗେରୁଆ ଟୋପି ଲଗାଇ) ତାହାକୁ ଫେସବୁକ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆରେ ଭାଇରାଲ୍ କରିଛନ୍ତିଓ ଆମର ଏହି ଲିଖିତ ଏତଲା କୁ ଭିତି କରି ଦୋଶୀ ବିରୋଧରେ ଭାରତୀୟ ନ୍ୟାୟ ସଂଗୀତା ୨୦୨୩ର ପ୍ରଜୋଜ୍ୟ ଧାରା (ମାନହାନୀ, ମଥ୍ୟା ଦଲିଲ, ଇଲେକ୍ଟ୍ରୋନିକ ରେକୋର୍ଡ ତିଆରୀ ଜନଅସାନ୍ତକାରୀ, ଓ ସମ୍ମାନ ଉଦ୍ଦେଶ୍ୟଧାରା) ଏବଂ ତ୍ୟଥ ପ୍ରେଯୁକ୍ତି ଆଇନ ୨୦୦୦ ର ପ୍ରଜୋଜ୍ୟ ଧାରା ଅନୁଯାଇ ଏତାଲା ରୁଜୁ କରି ଆଇନ ଗତ କାଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଆମେ ଅନୁରୋଧ କରୁଛି। ବିଦ୍ର-ଫେସବୁକ ପେଜ୍ ରେ ପୋଷ୍ଟ ହୋଇଥିବା ପେଜର ନାମ-ମୁସଲମାନ କା ଆଓ୍ୱାଜ ହ୍ୱାର୍ଟସ ଆପ୍ ର ନମ୍ବର- ୯୬୯୨୩୪୯୭୦୧ ପୋଷ୍ଟ କରାଯାଇଛି।ଏହି କାର୍ଯ୍ୟ ଦ୍ୱାରା ଅଞ୍ଚଳରେ ସାମ୍ପ୍ରଦାୟିକ ସଦ୍ଭାବ ବିଗାଡ଼ିବା ଏବଂ ଶାନ୍ତ କମିଟିର ମର୍ଯ୍ୟଦା ହାନି କରିବା ଜନସାଧାରଣଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବାର ଷଡ଼ଯନ୍ତ୍ର କରିଥିବା ବ୍ୟକ୍ତିଙ୍କ କାର୍ଯ୍ୟ କୁ ନିନ୍ଦା କରିବା ସହ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶାନ୍ତି କମିଟିର ସଦସ୍ୟ ଦାବି ଜଣାଇଛନ୍ତି।

'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ'କୁ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ସୁବର୍ଣ୍ଣପୁର,୨୯।୧୦ (ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ସୋନପୁର ସର୍କିଟ ହାଉସ ଠାରେ 'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ଶ୍ରୀ ମନୋଜ ରଜିନୀ, ପିସିସି ଉପ-ସଭାପତି ତଥା ବଲାଙ୍ଗୀର ଲୋକସଭା ଦାୟିତ୍ୱରେ ଥିବା ଡ. ଲଲାଟେନ୍ଦୁ ମହାପାତ୍ର, ପିସିସି ସାଧାରଣ ସମ୍ପାଦିକା ତଥା ସୁବର୍ଣ୍ଣପୁର ଜିଲ୍ଲା ଦାୟିତ୍ୱରେ ଥିବା ରୂପାଦୀପ୍ତା ମହାପାତ୍ର, ପିସିସି ମିଡିଆ ସେଲ ଚେୟାରମ୍ୟାନ ଅରବିନ୍ଦ ଦାସ, ପିସିସି ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଏବଂ ଜିଲ୍ଲା କଂଗ୍ରେସ ସଭାପତି ବିନୋଦ ପାତ୍ର ଉପସ୍ଥିତ ଥିଲେ। ସମ୍ମିଳନୀରେ ବକ୍ତାମାନେ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ ଆୟୋଗ ଦ୍ୱାରା କରାଯାଉଥିବା ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର) ନାମରେ ଦେଶରେ ପ୍ରାୟ ୧୪ କୋଟି ଭୋଟରଙ୍କ ନାମ ଭୋଟର ତାଲିକାରୁ କଟାଯାଇଛି। ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି ସେମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନେତୃତ୍ୱାଧୀନ ଆଇଏନ୍‌ଡ଼ିଆଇଏ ମେଣ୍ଟ ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଛି। ଜାତୀୟ ସ୍ତରରେ ଏହି ଦାବିକୁ ନେଇ ଆସନ୍ତା ନଭେମ୍ବର ୧ ତାରିଖରେ ରାମଲୀଳା ମୈଦାନରେ 'ଚଲୋ ଦିଲ୍ଲୀ, ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ବିଶାଳ ମେଗା ରାଲି ଅନୁଷ୍ଠିତ ହେବ। ସୋନପୁର ଜିଲ୍ଲାରୁ ମଧ୍ୟ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେବେ। ସମ୍ମିଳନୀରେ ନେତୃବୃନ୍ଦ କହିଛନ୍ତି ଯେ, ଜ୍ଞାନେଶ କୁମାର ଇସ୍ତଫା ନ ଦେଲେ କଂଗ୍ରେସର ରାଜନୈତିକ ସଂଘର୍ଷ ଜାରି ରହିବ। ଭୋଟ ଚୋରି ବିରୁଦ୍ଧରେ ଲଢ଼େଇକୁ ବ୍ଲକ ସ୍ତର ପର୍ଯ୍ୟନ୍ତ ନିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ବେଆଇନ ପଲିଥିନ ବିକ୍ରି, ଦୋକାନୀକୁ ଜରିମାନା ସହ ୩ ବସ୍ତା ଜବତ

ଧାମନଗର,୨୯।୧୦ (ସଂଚାର ବ୍ୟୁରୋ)ଃ ଧାମନଗର ଏନ୍‌ଏସିକାର୍ଯ୍ୟାଳୟ ପକ୍ଷରୁ ଦୋକାନ ବଜାରରେ ବେଆଇନ ପଲିଥିନ ବିକ୍ରି କରୁଥିବା ଦୋକନୀଙ୍କ ଉପରେ ଚଢ଼ାଉ ୩ ବସ୍ତା ପଲିଥିନ ଜବତ ସହ ଜରିମାନା ଆଦାୟ କରାଯାଇଛି। ପଲିଥିନ ବ୍ୟବହାର ଉପରେ ରୋକ ଲଗାଇବା ଓ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଧାମନଗର ଏନ୍‌ଏସି ପକ୍ଷରୁ ଏହି ଯାଞ୍ଚ ଓ ଚଢ଼ାଉ କରାଯାଇଥିଲା।ଗୁରୁବାର ସନ୍ଧ୍ୟାରେ ଏନ୍‌ଏସିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ସହାୟତାରେ ସହରାଞ୍ଚଳରେ ଥିବା ବିଭିନ୍ନ ଦୋକାନ ବଜାର ଉପରେ ଚଢ଼ାଉ କରି ଯାଞ୍ଚ କରାଯାଇଥିଲା। ଏହି ସମୟରେ ୩ ବସ୍ତା ବେଆଇନ ପଲିଥିନ ଜବତ କରିଛନ୍ତି। ଚଢ଼ାଉରେ ବେଳେ କନିଷ୍ଠ ଓ ସହକାରୀ ଯନ୍ତ୍ରୀ ନୀଳକଣ୍ଠ ନାୟକ, ସସ୍ମିତା ନାୟକ, ଶରତ ଦାସ, ମନୋଜ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହ ମଣିଷର ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡ଼ିବା, ନାଳନର୍ଦ୍ଦମା ଅବରୋଧ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହାର ବ୍ୟବହାର ରୋକିବା ପାଇଁ ନିୟମିତ ଯାଞ୍ଚ ସହ ଦୋକାନୀ ଓ ଗ୍ରାହକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଅଧିକାରୀ ମତପ୍ରକାଶ କରିଛନ୍ତି।

ଶ୍ରୀ ସତ୍ୟସାଇ ବାବାଙ୍କ ରଥକୁ ଜୋରଦାର ସ୍ୱାଗତ

ବୋରିଗୁମ୍ମା,୨୯।୧୦ (ସଂଚାର ବ୍ୟୁରୋ)ଃ ଶ୍ରୀ ସତ୍ୟସାଇ ବାବା ଭଗବାନ ଙ୍କ ରଥ କୁ ବୋରିଗୁମ୍ମା ସହରରେ ଜୋରଦାର ସ୍ୱାଗତ କରାଯାଇଛି।ଆଜି ସକାଳେ ଭଗବାନ ଶ୍ରୀ ସତ୍ୟସାଇ ବାବା ଙ୍କ ପ୍ରେମ ପ୍ରବାହୀନୀ ରଥ ବୋରିଗୁମ୍ମା ସ୍ଥିତ ତ୍ରିନାଥ ମନ୍ଦିର ନିକଟରେ ପହଞ୍ଚିଥିଲା।ସେଠାରେ ସତ୍ୟସାଇ ଭକ୍ତ ଓ ସାଧାରଣ ଲୋକ ବାବା ଙ୍କ ରଥ ରେ ସତ୍ୟସାଇ ବାବା ଫୋଟଚିତ୍ରକୁ ଦର୍ଶନ କରିଥିଲେ। ପରେ ଭକ୍ତ ମାନଙ୍କ ଦ୍ୱାରା ସତ୍ୟସାଇ ବାବା ଙ୍କୁ ପୂଜାର୍ଚ୍ଚନା କରାଯାଇ ଆଳତି ପ୍ରଦାନ କରାଯାଇଥିଲା।ବାବା ଙ୍କ ରଥ କିଛି ସମୟ ରହଣୀ ମଧ୍ୟରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।ପରେ ବାବା ଙ୍କ ରଥ ଜୟପୁର ଅଭିମୁଖେ ଯାଇଥିଲା।ପ୍ରକାଶ ଥାଉକି ଗତ ୨୪.୦୪.୨୦୨୫ ରେ ସତ୍ୟସାଇ ବାବା ଙ୍କ ସମାଧିସ୍ଥଳ ପୁଟ୍ଟପର୍ତ୍ତି ରୁ ପାଞ୍ଚଟି ରଥ ବାହାରି କାଶ୍ମୀର ଠାରୁ କନ୍ୟାକୁମାରି ଭ୍ରମଣ ରେ ବାହାରିଥିଲେ। ସେଥି ମଧ୍ୟରୁ ଗୋଟିଏ ରଥ ଗତ ଗୁରୁପୂର୍ଣିମା ଦିନ ଓଡିଶା ର ଝାରସୁଗୁଡ଼ା ରେ ପ୍ରବେଶ କରି ୨୫ ଗୋଟି ଜିଲ୍ଲା ପରିକ୍ରମା ପରେ ବୋରିଗୁମ୍ମା ରେ ପହଞ୍ଚିଥିଲା। ଆସନ୍ତା ନଭେମ୍ବର ୧୭ ତାରିଖ ଦିନ ପୁଣି ରଥ ପୁଟ୍ଟପର୍ତ୍ତି ପହଞ୍ଚି ଭ୍ରମଣ ଶେଷ ହେବ ବୋଲି ଜଣାପଡ଼ିଛି। ବୋରିଗୁମ୍ମା ସତ୍ୟସାଇ ଭଜନ ମଣ୍ଡଳୀ ର କନଭିନର ଶରତ କୁମାର ଦାସ, ନଗେଶ୍ୱର ରାଓ ସିଷ୍ଟଲା, କଲ୍ୟାଣି ପଟ୍ଟନାୟକ, ଏସ.ସାଇ, ସୁରେଶ ପାତ୍ର, ଏନ ବାଲାମା, କେ.ରୋଜା, ଅନୁରାଧା ପଟ୍ଟନାୟକ, ଜ୍ୟୋତି ପଟ୍ଟନାୟକ, କ୍ରିଷ୍ଣାବେଣୀ ସିଷ୍ଟଲା, ପ୍ରିୟଙ୍କା ପ୍ରମୁଖ ଉପସ୍ଥିତ ରହି ସତ୍ୟସାଇ ବାବା ଙ୍କ ରଥ କୁ ସ୍ୱାଗତ କରିଥିଲେ।

ଭିନ୍ନକ୍ଷମଙ୍କୁ ଠକିବା ପଡ଼ିଲା ମହଙ୍ଗା !

କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ



ବାଲିଆପାଳ, ୨୯।୧୦ (ସଂଚାର ବ୍ୟୁରୋ)ଃ ଭିନ୍ନକ୍ଷମଙ୍କ ଭତ୍ତାକୁ ନେଇ ଉଠିଥିବା ଅଭିଯୋଗ ପରେ ଚର୍ଚ୍ଚାରେ ବାଲିଆପାଳ ବ୍ଲକ। ତଦନ୍ତ ପରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସଙ୍କ ବଦଳି ନିର୍ଦ୍ଦେଶ ଜାରି ହୋଇଥିବା ଦଲିଲ୍ ସାମ୍ନାକୁ ଆସିଛି। ପୂର୍ବ ଅଭିଯୋଗ ଅନୁଯାୟୀ, ଦେଭୋଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନ୍ତୁଣିଦା ଗ୍ରାମର ଶତପ୍ରତିଶତ ଭିନ୍ନକ୍ଷମ ରମେଶ ଦଳାଇ ପୂର୍ବରୁ ୟୁଡିଆଇଡି ସମସ୍ୟା ଯୋଗୁଁ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିଲେ। ପରେ ମେ' ୨୦୨୬ରୁ ରମେଶଙ୍କୁ ୩, ୫୦୦ ଭତ୍ତା ଯୋଜନାରେ ସାମିଲ କରାଯାଇଥିଲା। କିନ୍ତୁ ଅଭିଯୋଗ ଅନୁଯାୟୀ, ତାଙ୍କ ଅଗୋଚରରେ ତାଙ୍କ ବ୍ୟାଙ୍କ ଖାତାକୁ ୫୬, ୪୦୦ ପଠାଯାଇଥିଲା। ପରେ ଘଟଣା ପଦାକୁ ଆସିବା ପରେ ବିଭାଗର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସ ନିଜର ଭୁଲ୍ ଘୋଡ଼ାଇବାକୁ ଯାଇ ରମେଶଙ୍କୁ ଭେଟି ଭୁଲ୍‌ରେ ୫୨, ୯୦୦ ଅଧିକ ଯାଇଥିବା କହିବା ସହ ବ୍ୟାଙ୍କରୁ ଟଙ୍କା ଉଠାଇ ନଗଦ ଆକାରରେ ଫେରାଇବାକୁ ସେ କହିଥିବା ଅଭିଯୋଗ ଉଠିଥିଲା। କେବଳ ରମେଶ ନୁହନ୍ତି, ବେତଗଡ଼ିଆ ଗ୍ରାମପଞ୍ଚାୟତର ଭିନ୍ନକ୍ଷମ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ମଧୁପୁରା ଗ୍ରାମପଞ୍ଚାୟତର ଭିନ୍ନକ୍ଷମ ହରେକୃଷ୍ଣ ଜେନାଙ୍କ କ୍ଷେତ୍ରରେ ମଧ୍ୟ ସମାନ ପ୍ରକାର ଅଧିକ ଟଙ୍କା ପ୍ରଦାନ ହୋଇଥିବା ଅଭିଯୋଗ ହୋଇଛି। ଏହି ତିନି ହିତାଧିକାରୀ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତରୁ ନଗଦ ଆକାରରେ ଭତ୍ତା ପାଉଥିଲେ। ଅଭିଯୋଗ ଅନୁଯାୟୀ, ପରେ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ କରାଯିବା ସମୟରେ ଗତ ଫେବୃଆରୀ ୨୦୨୫ରୁ ମେ' ୨୦୨୬ ପର୍ଯ୍ୟନ୍ତ ବକେୟା ଭତ୍ତା ଭାବେ ପ୍ରତ୍ୟେକଙ୍କ ବ୍ୟାଙ୍କ ଖାତାକୁ ୫୬, ୪୦୦ ଲେଖାଏଁ ପଠାଯାଇଥିଲା। ପରେ ନଗଦ ଟଙ୍କା ଫେରସ୍ତ ନହେବାରୁ ତିନି ହିତାଧିକାରୀଙ୍କ ଭତ୍ତା ପ୍ରଦାନକୁ ଶ୍ରୀ ଦାସ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି। ତିନି ହିତାଧିକାରୀଙ୍କ ଭତ୍ତା ବନ୍ଦ ଘଟଣା ଜାଣିବା ପରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।ପରେ ସାଉଡ଼ି ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀରାଣୀ ଗ୍ରାମର ସଚେତନ ଯୁବକ ଅମର ପଣ୍ଡାୟତ ବାଲିଆପାଳ ବ୍ଲକର ଭତ୍ତା ବିଭାଗର ଅବ୍ୟବସ୍ଥା ଏବଂ କର୍ମଚାରୀଙ୍କ ଦୁର୍ନୀତିରେ ସାମିଲ ଥିବା ନେଇ ମୁଖ୍ୟମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସଙ୍କ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଆଜି ଆସିଥିବା ଜଣାପଡ଼ିଛି।

ରେଳବାଇ ଅଣ୍ଡର ପାସ ପାଇଁ ପ୍ରତିଶ୍ରୁତି ପାଣିରେ ଗାର, ଅସନ୍ତୋଷ ବଢ଼ି ବଢ଼ି ଚାଲିଛି

ବୈଶିଙ୍ଗା,୨୯।୧୦ (ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେସନ ର ମାତ୍ର ୫୦୦ ମିଟର ଦୂରରେ ଥିବା ଈଶାଣପୁର ଓ ଯୁଗପୁରା ଅଞ୍ଚଳର ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସହ ଦକ୍ଷିଣ ପୂର୍ବ ରେଳବାଇ ର ଡିଆରଏମ୍ ଗତ ବର୍ଷ ଫେବୃଆରୀ ମାସରେ ଗସ୍ତ କରି ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ଯେ ଈଶାଣପୁର ଗ୍ରାମ କୁ ସଂଯୋଗ କରୁଥିବା ୭ନଂ ଗେଟ୍ ରାସ୍ତାଟିକୁ ରେଳବାଇ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନଥିବା କାରଣରୁ ଏଠାକାର ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ନିଜସ୍ୱ ଅର୍ଥ ରେ ୩୦୦ ମିଟର ଦୂରରେ ଥିବା ଛତର ରେଳ ଫାଟକ ପର୍ଯ୍ୟନ୍ତ ରେଳ ଲାଇନ ପାର୍ଶ୍ୱରେ ମାଟି ରାସ୍ତା ତିଆରି କରି ଚଳପ୍ରଚଳ କରୁଥିଲେ। ମାତ୍ର ଏହାକୁ ବେଆଇନ ଦର୍ଶାଇ ରେଳ ଅଧିକାରୀମାନେ ବିରୋଧ କରି ଆସୁଛନ୍ତି ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଚମକ ମଧ୍ୟ ଦେଉଛନ୍ତି। ଫଳରେ ଗ୍ରାମ ଭିତରକୁ କୌଣସି ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଛି। ଏମିତିକି ଜରୁରୀକାଳୀନ ସ୍ଥିତି ରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ୍ୟ ଯାଇ ପାରୁନାହିଁ। ଏ ସମ୍ପର୍କରେ ବହୁବାର ରେଳବାଇ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ରେଳରୋକ କରାଯିବା ନେଇ ଅଧିକାରୀ ଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଫଳରେ ମୟୂରଭଞ୍ଜ ର ପୂର୍ବତନ ଲୋକସଭା ସାଂସଦ ତଥା ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ହସ୍ତକ୍ଷେପ ପରେ ରେଳ ବିଭାଗ ଡିଆରଏମ୍ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ତୁରନ୍ତ ଏଠାରେ ଏକ ଅଣ୍ଡର୍ ପାସ୍ ରାସ୍ତା ବ୍ୟବସ୍ଥା କରାଯିବ